# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୧୧/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, August 11/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 257 | ମୂଲ୍ୟ₹୭/-




## ରାଣୀ ସବ୍ ଜୁନିୟର ଦଳର କୋଚ୍

ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ରାଣୀ ରାମପାଲଙ୍କୁ ମହିଳା ସବ୍ ଜୁନିୟର ଦଳର କୋଚ୍ ଭାବରେ ନିଯୁକ୍ତି ମିଳିଛି।

୧୬

୧୪

## ୨ କୋଟିର କାର୍ କିଣିଲେ ଜ୍ୟାକ୍ଲିନ୍

ଅଭିନେତ୍ରୀ ଜ୍ୟାକ୍ଲିନ ଫର୍ନାଣ୍ଡିଜ୍ ନିକଟରେ ୨ କୋଟି ମୂଲ୍ୟର ଏକ ବିଳାସପୂର୍ଣ୍ଣ ବିଏମ୍‌ଡବ୍ଲ୍ୟୁ ଆଇ୭ ଇଲେକ୍ଟ୍ରିକ୍ କାର୍ କିଣିଛନ୍ତି।







ରାୟଗଡ଼ା ଜିଲା ବିଷମକଟକ ବ୍ଲକ ବୃନ୍ଦାବାଡ଼ିଠାରେ ଗୁରୁବାର ଏକ ଆମ୍ବୁଲାନ୍ସକୁ ତପସ୍ୱିନୀ ଏକ୍ସପ୍ରେସ୍ ଧକ୍କା ଦେଇଛି। **(ଫଟୋ: ବିଭୂତି ଭୂଷଣ ନାୟକ) (ରିପୋର୍ଟ: ପୃଷ୍ଠା-୪)**

# ସିଜେଆଇଙ୍କ ସ୍ଥାନରେ କ୍ୟାବିନେଟ୍ ମନ୍ତ୍ରୀ

**ଆସନ୍ତା ଫେବୃୟାରୀ ୧୪ରେ ନିର୍ବାଚନ କମିଶନ (ଇସି) ଅନୁପ ଚନ୍ଦ୍ର ପାଣ୍ଡେ ୬୫ ବର୍ଷରେ ପଦାର୍ପଣ କରି ଅବସର ନେବା ପରେ ତାଙ୍କ ପଦବୀ ଖାଲିପଡ଼ିବ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଖାଲି ହେବାକୁ ଥିବା ସେହି ସ୍ଥାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନପସନ୍ଦର ଜଣେ ବ୍ୟକ୍ତିଙ୍କୁ ଅବସ୍ଥାପିତ କରାଯିବ। ଫଳରେ ମୋଦି ସରକାର ଇଚ୍ଛା ମୁତାବକ ଲୋକ ସଭା ନିର୍ବାଚନ ପରିଚାଳନା କରାଇ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ପୁନଃ ବିଜୟ ସୁନିଶ୍ଚିତ କରାଇପାରିବେ। ସମ୍ଭବତଃ ଏଭଳି ଲକ୍ଷ୍ୟ ରଖି କେନ୍ଦ୍ର ପକ୍ଷରୁ ଗୁରୁବାର ରାଜ୍ୟ ସଭାରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଓ ଅନ୍ୟ ନିର୍ବାଚନ ଆୟୁକ୍ତମାନଙ୍କ (ନିଯୁକ୍ତି ସର୍ତ୍ତ ଏବଂ କାର୍ଯ୍ୟକାଳ) ବିଧେୟକ, ୨୦୨୩ ଆଗତ କରାଯାଇଛି। ଏହି ବିବାଦୀୟ ବିଲ୍ ଉଭୟ ଗୃହରେ ଗୃହୀତ ହୋଇ ଆଇନରେ ପରିଣତ ହେଲେ ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ଇସିମାନଙ୍କୁ ନିଯୁକ୍ତି ପ୍ରଦାନ କ୍ଷମତା ଏକପ୍ରକାର କେନ୍ଦ୍ର ହାତରେ କେନ୍ଦ୍ରୀଭୂତ ହୋଇ ରହିବ। ଏପରି ହେଲେ ଭବିଷ୍ୟତରେ ଦେଶବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନଗୁଡ଼ିକର ସ୍ୱଚ୍ଛତା ଓ ନିରପେକ୍ଷତା ରହିବ ନାହିଁ। ଗତ ମାର୍ଚ୍ଚରେ ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ପୀଠ ଦେଇଥିବା ଏସମ୍ପର୍କିତ ରାୟକୁ କେନ୍ଦ୍ର ଅବଜ୍ଞା କରି ନିଜକୁ ସୁହାଇଲା ଭଳି ବିଲ୍ ଆଗତ କରିଥିବାରୁ ବ୍ୟବସ୍ଥାପିକା ଓ ନ୍ୟାୟପାଳିକା ପୁଣି ମୁହାଁମୁହିଁ ହେବା ଆଶଙ୍କା ଉପୁଜିଛି।**

ନୂଆଦିଲ୍ଲୀ,୧୦।୮
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଗୁରୁବାର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ରାଜ୍ୟ ସଭାରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଓ ଅନ୍ୟ ନିର୍ବାଚନ ଆୟୁକ୍ତମାନଙ୍କ (ନିଯୁକ୍ତି ସର୍ତ୍ତ ଏବଂ କାର୍ଯ୍ୟକାଳ) ବିଲ୍, ୨୦୨୩ ଆଗତ କରିଛନ୍ତି। ଅଦ୍ୟାବଧି ସିଇସିଙ୍କୁ ନିଯୁକ୍ତି ଦେଉଥିବା କମିଟିରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରହିଆସୁଥିବାବେଳେ ତାଙ୍କୁ ହଟାଇ ସେହି ସ୍ଥାନରେ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ରଖାଯିବା ନେଇ ଏଥିରେ ପ୍ରସ୍ତାବ ରହିଛି। ଏହି ବିବାଦୀୟ ବିଧେୟକ ଅନୁସାରେ

**■ ମୁଖ୍ୟ ନିର୍ବାଚନ କମିଶନର ନିଯୁକ୍ତି ସମ୍ପର୍କିତ ବିଲ୍ ରାଜ୍ୟ ସଭାରେ ଆଗତ**

ପ୍ରଧାନମନ୍ତ୍ରୀ ନିଯୁକ୍ତି ସମ୍ପର୍କିତ କମିଟିରେ ଅଧ୍ୟକ୍ଷତା କରିବେ। ବିରୋଧୀ ଦଳ ନେତା ଏବଂ ଜଣେ କେନ୍ଦ୍ରମନ୍ତ୍ରୀ (ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ) ସିଇସି ତଥା ଅନ୍ୟ ଇସିମାନଙ୍କୁ ଚୟନ କରିବେ। ଦେଖିବାକୁ ଗଲେ ସିଜେଆଇଙ୍କ ପରିବର୍ତ୍ତେ କ୍ଷମତାସୀନ ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ କମିଟିରେ ସାମିଲ କରାଗଲେ ନିର୍ବାଚନ ଆୟୋଗ ସରକାରଙ୍କ କ୍ରୀଡ଼ନକ ପାଲଟିଯିବେ। ସିଇସିଙ୍କ ସାମ୍ବିଧାନିକ କର୍ତ୍ତୃତ୍ୱ ହ୍ରାସ ପାଇଲେ ସେ କେନ୍ଦ୍ରକୁ ସୁହାଇଲା ଭଳି ଜଣେ ସରକାରୀ ଚାକିରିଆ ରୂପେ କାମ କରିପାରନ୍ତି ବୋଲି ବିରୋଧୀ ଦଳଗୁଡ଼ିକ ଆଶଙ୍କା କରୁଛନ୍ତି। ଏହି କାରଣରୁ ରାଜ୍ୟ ସଭାରେ ବିଲ୍ ଆଗତ ହେବା ମାତ୍ରେ କଂଗ୍ରେସ ଓ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସମେତ ବିରୋଧୀ ଦଳଗୁଡ଼ିକ ପ୍ରବଳ ହଟ୍ଟଗୋଳ କରିଥିଲେ। କେନ୍ଦ୍ର ଏକ ସାମ୍ବିଧାନିକ ପୀଠଙ୍କ ରାୟକୁ ପଲଟାଇବାକୁ ଉଦ୍ୟମ କରୁଥିବା ବିରୋଧୀ ନେତା ଏବଂ ଆଇନଜ୍ଞମାନେ ଅଭିଯୋଗ ଆଣିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି, କେନ୍ଦ୍ର ସରକାର ଚାହୁଁ ନ ଥିବା ସୁପ୍ରିମକୋର୍ଟଙ୍କ କୌଣସି ବି ରାୟକୁ ପଲଟାଇଦେବେ। ଏହି ବିପଜ୍ଜନକ କାର୍ଯ୍ୟ ନିର୍ବାଚନର ନିରପେକ୍ଷତାକୁ ପ୍ରଭାବିତ କରିପାରେ। ☞ପୃଷ୍ଠା-୪

# ଅଣ ଅନୁଦାନପ୍ରାପ୍ତ ଘରୋଇ ଓଡ଼ିଆ ମାଧ୍ୟମ ସ୍କୁଲ ପିଲାଙ୍କୁ ମିଳିବ ମାଗଣା ପାଠ୍ୟପୁସ୍ତକ

ଭୁବନେଶ୍ୱର,୧୦।୮(ଅନିଲ ଦାସ)

ରାଜ୍ୟର ଘରୋଇ ତଥା ଅଣ ଅନୁଦାନପ୍ରାପ୍ତ ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଭଳି ମାଗଣା ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ୫-ଟି ଉପକ୍ରମରେ ଏହି ଯୋଜନା ହାତକୁ ନିଆଯାଇଛି।

ଆସନ୍ତା ଶିକ୍ଷାବର୍ଷ(୨୦୨୪-୨୫)ରୁ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ମାଗଣା ପାଠ୍ୟପୁସ୍ତକ ରାଜ୍ୟ ସରକାର ଯୋଗାଇ ଦେବେ। ଏହା ଦ୍ୱାରା ରାଜ୍ୟର ୩୬୨୦ଟି ଘରୋଇ ତଥା ଅଣ ଅନୁଦାନପ୍ରାପ୍ତ ବିଦ୍ୟାଳୟର ୫ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ୯ କୋଟି ୪୩ ଲକ୍ଷ ଟଙ୍କା ବାର୍ଷିକ ଖର୍ଚ୍ଚ କରିବେ।

**■ ଆସନ୍ତା ଶିକ୍ଷାବର୍ଷରୁ ଏହା କାର୍ଯ୍ୟକାରୀ ହେବ**

**■ ୫ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହେବେ**

ସୂଚନାଯୋଗ୍ୟ, ଘରୋଇ ଓଡ଼ିଆ ମାଧ୍ୟମ ସ୍କୁଲଗୁଡ଼ିକରେ ପାଠ ପଢୁଥିବା ପିଲାମାନେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବା ସହିତ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ଦକ୍ଷତା ମଧ୍ୟ ପ୍ରତିପାଦନ କରି ଆସୁଛନ୍ତି। ରାଜ୍ୟ ସରକାର ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ୍ୟପୁସ୍ତକ ଯୋଗାଇବା ସହ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ଗୁଜରାଟ ଆଦି ରାଜ୍ୟମାନଙ୍କରେ ଥିବା ଓଡ଼ିଆ ପିଲାମାନଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଆସୁଛନ୍ତି।

**ଆଜିର ସମ୍ପାଦକୀୟ** ଲୋକଙ୍କୁ ଖାଇବାକୁ ଦିଅ

# ବିରୋଧୀ ବିନା ଆସ୍ଥା

ନୂଆଦିଲ୍ଲୀ,୧୦।୮(ପି.ଟି.)

ଭାଜପା ଶାସିତ ଉତ୍ତର-ପୂର୍ବ ରାଜ୍ୟ ମଣିପୁରରେ ୩ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଜାତିଆଣ ହିଂସା ଓ ଯୌନହିଂସା ଲାଗିରହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଉପରେ ମୁହଁ ଖୋଲୁ ନ ଥିବା ଅଭିଯୋଗ ଆଣି ୨୬ ବିରୋଧୀ ଦଳକୁ ନେଇ ଗଠିତ 'ଇଣ୍ଡିଆ' ବ୍ଲକ୍ ପକ୍ଷରୁ ଗତ ଜୁଲାଇ ୨୬ରେ କେନ୍ଦ୍ର ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଥିଲା। ଗୁରୁବାର ପ୍ରଧାନମନ୍ତ୍ରୀ ଏହା ଉପରେ ଲୋକ ସଭାରେ ନିଜ ବକ୍ତବ୍ୟ ରଖିବା ପରେ ସରକାର ଧ୍ୱନିମତରେ ଆସ୍ଥା ଜିତିଛନ୍ତି। ଫଳରେ ମୋଦି ସରକାରଙ୍କ ବିରୋଧରେ ଦ୍ୱିତୀୟ ଥର ପାଇଁ ଆଗତ ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଛି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ପ୍ରଥମ ୯୦ ମିନିଟ୍ ଭାଷଣରେ ମଣିପୁର ପ୍ରସଙ୍ଗ ଉଲ୍ଲେଖ କରି ନ ଥିବା ଦର୍ଶାଇ ବିରୋଧୀ କକ୍ଷତ୍ୟାଗ କରିଛନ୍ତି।

ଲୋକ ସଭାରେ ପ୍ରଧାନମନ୍ତ୍ରୀ ବକ୍ତବ୍ୟ ଆରମ୍ଭରେ କହିଥିଲେ, ଭାଜପା ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ୨୦୨୪ ସାଧାରଣ ନିର୍ବାଚନରେ ବିଜୟର ନୂଆ ରେକର୍ଡ ସୃଷ୍ଟି କରିବେ। ଏହି ଅନାସ୍ଥା ପ୍ରସ୍ତାବ ୨୦୧୮ ଭଳି ଶାସକ ମେଣ୍ଟ ପାଇଁ ଶୁଭପ୍ରଦ



ଲୋକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ହେବାକୁ ଯାଉଛି। ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟରେ କୌଣସି ବିଷୟରେ ଆଲୋଚନା କରାଇ ଦେଉନାହାନ୍ତି। ଏପରି କି ଦେଶର ବିକାଶ ସମ୍ବନ୍ଧୀୟ ବିଲ୍‌ଗୁଡ଼ିକ ଉପରେ ମଧ୍ୟ ବିତର୍କରେ ବାଧା ସୃଷ୍ଟି କରୁଛନ୍ତି। ବିରୋଧୀଙ୍କ ପାଇଁ ଦେଶ ଅପେକ୍ଷା ଦଳ ବଡ଼ ହୋଇଥିବାରୁ ସେମାନେ ଲୋକଙ୍କ ସହ ବିଶ୍ୱାସଘାତ କରିଛନ୍ତି। ତେଣୁ ଦେଶବାସୀ ଆମ ଉପରେ ବାରମ୍ବାର ଆସ୍ଥା ପ୍ରକଟ କରୁଛନ୍ତି। ଭାରତର ବିକାଶ ଯାତ୍ରା ଜାରି ରହିଥିବାରୁ ଏହା ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ପାଲଟିବାକୁ ଯାଉଛି। ଆମ ସରକାର ଦୁର୍ନୀତିମୁକ୍ତ ଶାସନକୁ ଗୁରୁତ୍ୱ ଦେଇଆସିଛି। କିନ୍ତୁ କଂଗ୍ରେସ କେନ୍ଦ୍ରରେ କ୍ଷମତାସୀନ ଥିବାବେଳେ ଆତଙ୍କବାଦୀ ଆକ୍ରମଣ ପ୍ରସଙ୍ଗରେ ପାକିସ୍ତାନର କଥାକୁ ବିଶ୍ୱାସ କରୁଥିଲା। ସୀମାରେ ମୁତୟନ ଭାରତୀୟ ଯବାନଙ୍କ ବୀରତ୍ୱ ଓ ପରାକ୍ରମକୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲା। କଶ୍ମୀରରେ କଂଗ୍ରେସ ସାଧାରଣ ଜନତାଙ୍କୁ ବିଶ୍ୱାସକୁ ନ ନେଇ ବିଚ୍ଛିନ୍ନତାବାଦୀ ଏବଂ ପାକିସ୍ତାନୀ ପତାକାଧାରୀଙ୍କୁ ଗୁରୁତ୍ୱ ଦେଉଥିଲା। ଏହି କାରଣରୁ ଲୋକେ କଂଗ୍ରେସକୁ ବିଶ୍ୱାସ କରୁନାହାନ୍ତି। ବିରୋଧୀ ଦଳଗୁଡ଼ିକ ନିଜ ଅହଂକାର ଓ ଅନାସ୍ଥା ଭାବ ପାଇଁ ଉପହାସର ପାତ୍ର ହୋଇଛନ୍ତି। ବିଶ୍ୱ ଦରବାରରେ ଭାରତର ବିଶ୍ୱସନୀୟତା ଉଚ୍ଚତାର ନୂଆ ସୋପାନରେ ପହଞ୍ଚିଥିବାବେଳେ ସେମାନେ ଅଷ୍ଟ୍ରିଚ୍ ଭଳି ମାନସିକତାରେ ଆକ୍ରାନ୍ତ ହୋଇଛନ୍ତି। ବିରୋଧୀ ନେତାମାନେ ସରକାରୀ ଉଦ୍ୟୋଗ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିଃ (ଏଚ୍‌ଏଏଲ୍) ଏବଂ ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)କୁ ଟାର୍ଗେଟ କରୁଛନ୍ତି, ଯେତେବେଳେ କି ଏଭଳି ସଂସ୍ଥା ଲାଭରେ ରେକର୍ଡ ସୃଷ୍ଟି କରିଚାଲିଛନ୍ତି। ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଛି। ଏହାର ପ୍ରଭାବ ଆଗାମୀ ୧,୦୦୦ ବର୍ଷ ପର୍ଯ୍ୟନ୍ତ ଅନୁଭୂତ ହେବ ବୋଲି ପ୍ରଧାନମନ୍ତ୍ରୀ ନୀତି ଆୟୋଗ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର କେତେକ ତଥ୍ୟର ଅବତାରଣା କରି ଦୃଢ଼ୋକ୍ତି ପ୍ରକାଶ ☞ପୃଷ୍ଠା-୪

**■ ୨୦୨୪ରେ ପୁଣି ଫେରିବୁ: ପ୍ରଧାନମନ୍ତ୍ରୀ**

**■ କକ୍ଷତ୍ୟାଗ କଲେ ବିରୋଧୀ**

# ରେପୋ ରେଟ୍ ଅପରିବର୍ତ୍ତିତ ରଖିଲା ଆର୍‌ବିଆଇ

ମୁମ୍ବାଇ,୧୦।୮

ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କ୍ରମାଗତ ତୃତୀୟ ଥର ପାଇଁ ରେପୋ ରେଟ୍ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ରେପୋ ରେଟ୍ ହେଉଛି ସୁଧ ହାର, ଯେଉଁ ହାରେ ରିଜର୍ଭ ବ୍ୟାଙ୍କ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ଋଣ ଦେଇଥାଏ। ଗୁରୁବାର ମୁଦ୍ରାନୀତି କମିଟି ବୈଠକରେ ସୁଧ ହାର ନୀତି ଅପରିବର୍ତ୍ତିତ ରଖିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିବା ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଗଣମାଧ୍ୟମକୁ କହିଛନ୍ତି। ଭାରତର ଅର୍ଥନୀତି ଉପଯୁକ୍ତ ହାରରେ ଅଭିବୃଦ୍ଧି କରିବା ସହ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତିରେ ପରିଣତ ହୋଇଛି। ବିଶ୍ୱ ଅର୍ଥନୀତିରେ ପରିବର୍ତ୍ତନରୁ ଭାରତ ଫାଇଦା ଉଠାଇଥିବା ସେ କହିଛନ୍ତି। ଅନ୍ୟ ପକ୍ଷରେ ଆର୍‌ବିଆଇ ବ୍ୟାଙ୍କଗୁଡ଼ିକର ନଗଦ ଅନୁପାତରେ କ୍ୟାସ୍ ରିଜର୍ଭ ରେସିଓ (ସିଆର୍‌ଆର୍) ୧୦ ପ୍ରତିଶତ ବଢ଼ାଇଛି। ଯାହାଦ୍ୱାରା ବ୍ୟବସ୍ଥାରୁ ୧ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଉଠାଯାଇପାରିବ।

# ଏଲ୍‌ଓସିରେ ଭାରତର ପ୍ରଥମ ଡାକଘର





କେରନ,୧୦।୮(ପି.ଟି.)

ଭାରତର ପ୍ରଥମ ଡାକଘର ଜମ୍ମୁ-କଶ୍ମୀରର କୁପୱାରା ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଅବସ୍ଥିତ। କିଷନଗଞ୍ଜ ନଦୀକୂଳରେ ଥିବା ଏହି ଡାକଘରର ପିନ୍ କୋଡ୍ ୧୯୩୨୨୪। ପାକ୍ ଅଧିକୃତ କଶ୍ମୀର ଏହାଠାରୁ ମାତ୍ର କେଇ ଫୁଟ୍ ଦୂରରେ ରହିଛି। ସୀମା ନିକଟରେ ହୋଇଥିବାରୁ ଏହା 'ଭାରତର ପ୍ରଥମ ଡାକଘର' ବୋଲି ସାଇନ୍‌ବୋର୍ଡରେ ଲେଖାଅଛି। ବାରମୁଲ୍ଲା ଡିଭିଜନ ପୋଷ୍ଟ ଅଫିସଗୁଡ଼ିକର ସୁପରିଣ୍ଟେଣ୍ଡେଣ୍ଟ ଥିବା ଅବଦୁଲ ହମିଦ କୁମାର କହିଛନ୍ତି, ପୂର୍ବରୁ ଏହା ଶେଷ ପୋଷ୍ଟ ଅଫିସ ଭାବେ ଜଣାଶୁଣା ଥିଲା, କାରଣ ସେଠାକୁ କୌଣସି ଆଦାନପ୍ରଦାନ ହୋଇପାରୁ ନ ଥିଲା। ଏହା ଏଲ୍‌ଓସି ନିକଟରେ ହୋଇଥିବାରୁ ପରେ ସୈନ୍ୟବାହିନୀ ଏହାର ନାଁ ପ୍ରଥମ ପୋଷ୍ଟ ଅଫିସ ରଖିଥିଲେ। ସ୍ଥାନୀୟ ଅଧିବାସୀଙ୍କ କହିବା ଅନୁଯାୟୀ ଭାରତ ସ୍ୱାଧୀନ ହେବା ଏବଂ ପାକିସ୍ତାନ ଗଠନ ହେବା ପୂର୍ବରୁ ସେଠାରେ ଡାକଘର ଚାଲୁଥିଲା। ଏପରିକି ୧୯୬୫ ଏବଂ ୧୯୭୧ ଯୁଦ୍ଧ ବେଳେ ମଧ୍ୟ ଉକ୍ତ ଡାକଘର ଚିଠିପତ୍ର ଆଦାନ ପ୍ରଦାନ ବନ୍ଦ କରି ନ ଥିଲା। ୧୯୯୦ରେ ଏଲ୍‌ଓସିରେ ପାକିସ୍ତାନୀ ସମର୍ଥିତ ଆତଙ୍କବାଦୀଙ୍କ ବାରମ୍ବାର ସୀମାପାର ସେଲ୍ ମାଡ଼ ସତ୍ତ୍ୱେ ଡାକଘର କେବେ ବନ୍ଦ ହୋଇ ନ ଥିଲା ବୋଲି ପୋଷ୍ଟମାଷ୍ଟର ଶାକିର ଭଟ୍ଟ କହିଛନ୍ତି। ୨୦୨୧ରେ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ରାଜିନାମା ପୂର୍ବରୁ ଚିଠିପତ୍ର ସଂଗ୍ରହ କରିବା ଓ ବାଣ୍ଟିବାକୁ ଯିବାରେ ବିପଦ ଥିଲା। ଏବେ ଆମେ ଶାନ୍ତି ଅନୁଭବ କରୁଛୁ ଏବଂ ଦୁଇ ଦେଶ ମଧ୍ୟରେ ଶାନ୍ତି ଫେରିଆସିବା ଚାହୁଁଛୁ ବୋଲି ଭଟ୍ଟ କହିଛନ୍ତି। ୧୯୯୩ରେ କେରନ ସେକ୍ଟରରେ ବନ୍ୟା ଯୋଗୁ ଡାକଘର ଧୋଇଯାଇଥିଲା। ଏହା ପରେ ପୋଷ୍ଟ ☞ପୃଷ୍ଠା-୪






ଅଷ୍ଟ୍ରେଲିଆର ସିଡ୍ନୀ ଉପକୂଳରେ ହେବାକୁ ଥିବା ମିଳିତ ସମରାଭ୍ୟାସ 'ମାଲାବାର ୨୦୨୩' ପାଇଁ ଭାରତୀୟ ନୌସେନାର ଫ୍ରଣ୍ଟଲାଇନ ଯୁଦ୍ଧଜାହାଜ ଆଇଏନ୍ଏସ୍ ସହ୍ୟାଦ୍ରି ପହଞ୍ଚିଛି।

# ବିପିଏଲ୍ ଭତ୍ତା ପାଣ୍ଠି ଅନ୍ୟ ଯୋଜନାରେ ଖର୍ଚ୍ଚ

## ସିଏଜି ରିପୋର୍ଟ

**ନୂଆଦିଲ୍ଲୀ,୧୦।୮**

ଦାରିଦ୍ର୍ୟ ସୀମାରେଖା (ବିପିଏଲ୍) ତଳେ ଥିବା ପରିବାରଗୁଡ଼ିକୁ ଭତ୍ତା ଯୋଗାଇଦେବା ଲାଗି ଉଦ୍ଦିଷ୍ଟ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍ଏସ୍ଏପି)ର ବହୁ କୋଟି ଟଙ୍କାକୁ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟର ବିଭିନ୍ନ କଲ୍ୟାଣକାରୀ ଯୋଜନାର ପ୍ରଚାର କାର୍ଯ୍ୟକ୍ରମରେ ଖର୍ଚ୍ଚ କରାଯାଇଛି। ଭାରତର ନିୟନ୍ତ୍ରକ ଓ ମହାଲେଖା ସମୀକ୍ଷକ (ସିଏଜି)ଙ୍କ ସଦ୍ୟ ରିପୋର୍ଟରୁ ଏହା ଜଣାପଡ଼ିଛି। ଏନ୍ଏସ୍ଏପି ୧୯୯୫ରେ କାର୍ଯ୍ୟକାରୀ ହୋଇଥିଲା। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ସହ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ପାଇଁ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ଥିଲା।

୨୦୧୭-୧୮ରୁ ୨୦୨୦-୨୧ ମଧ୍ୟରେ ଏନ୍ଏସ୍ଏପିର ଅଡିଟ୍ ରିପୋର୍ଟ ଗତ ମଙ୍ଗଳବାର ଲୋକ ସଭାରେ ଉପସ୍ଥାପନ କରାଯାଇଥିଲା। ଉକ୍ତ ରିପୋର୍ଟ ଅନୁଯାୟୀ ଏନ୍ଏସ୍ଏପି ଅଧୀନରେ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟ ଲାଗି ଉଦ୍ଦିଷ୍ଟ ୨.୮୩ କୋଟି ଟଙ୍କାକୁ ଅନ୍ୟ ଯୋଜନାର ପ୍ରଚାରରେ ବ୍ୟୟ କରାଯାଇଛି। ସେହିପରି ୫୭.୪୫ କୋଟି ଟଙ୍କା ୬ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଅନ୍ୟ ଯୋଜନା ଓ ଉଦ୍ଦେଶ୍ୟ ପାଇଁ ବ୍ୟୟ ହୋଇଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟର ସମସ୍ତ କାର୍ଯ୍ୟକ୍ରମ ଓ ଯୋଜନାର ପ୍ରଚାର ପ୍ରସାର ଲାଗି ହୋର୍ଡିଂ ଜରିଆରେ ସେଗୁଡ଼ିକର ପ୍ରଚାର କରିବାକୁ ୨୦୧୭ ଜାନୁୟାରୀରେ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଥିଲା। ପ୍ରତି ରାଜ୍ୟ ରାଜଧାନୀରେ ସର୍ବାଧିକ ୧୦ଟି ଲେଖାଏ ହୋର୍ଡିଂ ଲଗାଇବା ନିମନ୍ତେ ୨୦୧୭ ଜାନୁୟାରୀରେ ୩୯.୧୫ ଲକ୍ଷ ଟଙ୍କା ପ୍ରଶାସନିକ ମଞ୍ଜୁର ହୋଇଥିଲା। ସେହିବର୍ଷ ଅଗଷ୍ଟରେ ଗ୍ରାମ ସମୃଦ୍ଧି, ସ୍ୱଚ୍ଛ ଭାରତ ପଖ୍ୱାଡ଼ା ଏବଂ ଅନ୍ୟ ଯୋଜନାର ପ୍ରଚାର ଲାଗି ୨.୪୪ କୋଟି ବ୍ୟୟ ମଞ୍ଜୁରୀ ପାଇଥିଲା। ତେବେ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନାରେ ପ୍ରଚାର ବାବଦ ମଞ୍ଜୁରୀ ଅର୍ଥକୁ ଖର୍ଚ୍ଚ କରା ନ ଯାଇ ଏନ୍ଏସ୍ଏପି ପାଣ୍ଠିକୁ ବ୍ୟୟ କରାଯାଇଥିଲା। ଫଳରେ ଏନ୍ଏସ୍ଏପି ଯୋଜନା ସମ୍ପର୍କରେ ସଚେତନତା ଏବଂ ସୁବିଧା ସମ୍ପର୍କରେ ପ୍ରଚାର ହେବା ପାଇଁ ଥିବା ଏନ୍ଏସ୍ଏପିର ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ଅର୍ଥ ସେହି କାର୍ଯ୍ୟରେ ଲାଗିପାରିଲା ନାହିଁ ବୋଲି ସିଏଜି ରିପୋର୍ଟରେ କୁହାଯାଇଛି। ରିପୋର୍ଟରେ ଆହୁରି କୁହାଯାଇଛି, ଏନ୍ଏସ୍ଏପି ଯୋଜନାରେ ଭତ୍ତା ପାଇବାକୁ ଯୋଗ୍ୟ ହିତାଧିକାରୀ ଚୟନ କରିବାରେ ବିଳମ୍ବ ହୋଇଥିଲା। ଫଳରେ ମାତ୍ର ୧୧ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ୯୨,୬୦୨ ହିତାଧିକାରୀ ୬୧.୭୧ କୋଟି ଟଙ୍କା ଭତ୍ତା ପାଇଥିଲେ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୩୬ ଜଣଙ୍କ ମୃତ୍ୟୁ

**ୱେଲିଙ୍ଗ୍ଟନ୍, ୧୦।୮:** ଆମେରିକାର ମାଓ୍ୱଇ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟି ୩୬ ଜଣଙ୍କ ମୃତ୍ୟୁ ଘଟିଛି। ହାଓ୍ୱାଇ ଅଞ୍ଚଳର ହଜାର ହଜାର ଲୋକ ସେମାନଙ୍କୁ ଏହି ନିଆଁ ଦାଉରୁ ରକ୍ଷା କରିବା ପାଇଁ ଦୌଡ଼ିଥିଲେ। ଏକ କାର ପଛପଟରେ କୌଣସି କାରଣରୁ ନିଆଁ ଲାଗିଯାଇଥିବାବେଳେ ହଠାତ ଏହା ସହରରେ ବ୍ୟାପୀ ଯାଇଥିଲା। ଫଳରେ ସହର ଧୂଆଁମୟ ହୋଇଯାଇଥିଲା। ତେଣୁ ବାଧ୍ୟ ହୋଇ କିଛି ଲୋକ ପରିବାର ସହ ସେଠାରୁ ଅନ୍ୟ ସ୍ଥାନକୁ ପଳାୟନ କରିଥିଲେ। ସ୍ଥାନୀୟ ପ୍ରଶାସନର ସୂଚନାନୁସାରେ ଏହି ଅଗ୍ନିକାଣ୍ଡରେ ୩୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୭୧ଟି ଘର କ୍ଷତିଗ୍ରସ୍ତ ହୋଇଛି ଏବଂ ୧୨ରୁ ଅଧିକ ଲୋକ ଆହତ ହୋଇଛନ୍ତି। ୨୦୧୮ରେ କାଲିଫର୍ନିଆରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୮୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୯ ହଜାର ଘର କ୍ଷତିଗ୍ରସ୍ତ ହୋଇଥିଲା।

### ମହାରାଷ୍ଟ୍ରରେ ପୁଣି କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

**ମୁମ୍ବାଇ, ୧୦।୮:** ମହାରାଷ୍ଟ୍ରରେ ପୁଣି ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଆକ୍ରାନ୍ତ ଜଣକ ଗତ ମାସରୁ ସଂକ୍ରମିତ ଥିଲେ ବୋଲି ମୁମ୍ବାଇ ମହାନଗର ପାଳିକା ପକ୍ଷରୁ କୁହାଯାଇଛି। ମୃତକ ଜଣେ ୭୫ ବର୍ଷୀୟ ହୋଇଥିବାବେଳେ ଦୀର୍ଘବର୍ଷ ହେଲା ସେ ଯକୃତ ଜନିତ ରୋଗରେ ପୀଡ଼ିତ ଥିଲେ। ମୃତକ ଯଦିଓ କୋଭିଡ ସଂକ୍ରମିତ ଥିଲେ, ତେବେ ଏହି ସଂକ୍ରମଣରେ ତାଙ୍କ ମୃତ୍ୟୁ ଘଟି ନ ଥିବା ଡାକ୍ତର କହିଛନ୍ତି। ଜୁନ ଓ ଜୁଲାଇ ମାସରେ ରାଜ୍ୟରେ କରୋନା ସଂକ୍ରମଣ ଜନିତ ମୃତ୍ୟୁ ଘଟିନଥିଲା।

### ଶିନ୍ଦେଙ୍କୁ କଟାକ୍ଷ କରିବାରୁ ସାମ୍ବାଦିକଙ୍କୁ ଆକ୍ରମଣ

**ମୁମ୍ବାଇ, ୧୦।୮:** ମହାରାଷ୍ଟ୍ରର ଜଲଗାଁ ଜିଲ୍ଲାରେ ଜଣେ ସାମ୍ବାଦିକଙ୍କୁ କିଛି ସ୍ଥାନୀୟ ଲୋକ ଆକ୍ରମଣ କରିଛନ୍ତି। ଏହି ଘଟଣାକୁ ନେଇ ବିରୋଧୀ ଦଳ ନେତା ବିଜୟ ୱାଡେଟିୱାର ଏବଂ ଶିବସେନା(ୟୁବିଟି) ଏମ୍ପି ସଞ୍ଜୟ ରାଉତ ସମାଲୋଚନା କରିବା ସହିତ ଘଟଣା ପଛରେ ସ୍ଥାନୀୟ ବିଧାୟକ କିଶୋର ପାଟିଲଙ୍କ ହାତ ରହିଛି ବୋଲି ଅଭିଯୋଗ କରିଛନ୍ତି। ସାମ୍ବାଦିକ ସନ୍ଦୀପ ମହାଜନ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ କଟାକ୍ଷ କରିଥିଲେ।

# ମଣିପୁରରେ ଆଉ ଏକ ଗଣବଳାତ୍କାର

## ଏତଲା ଦାଏର

**ଇମ୍ଫାଲ,୧୦।୮**

ମଣିପୁର ହିଂସା ବେଳେ ମେ' ୩ରେ ଚୁରାଚାନ୍ଦପୁରର ଜଣେ ୩୭ ବର୍ଷୀୟା ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ବୁଧବାର ବିଷ୍ଣୁପୁର ମହିଳା ଥାନାରେ ଏତଲା ଦାଏର ହୋଇଥିବା ପୋଲିସ କହିଛି। ଉତ୍ୟକ୍ତ ଲୋକେ ମହିଳାଙ୍କ ଘର ଜାଳିଦେବାରୁ ସେ ତାଙ୍କର ଦୁଇ ପୁଅ, ଝିଅାରୀ ଏବଂ ନଣନ୍ଦଙ୍କ ସହ ପଳାଇଯାଉଥିବାବେଳେ ଗଣବଳାତ୍କାରର ଶିକାର ହୋଇଥିଲେ। ଦଳେ ଲୋକ ଗୋଡ଼ାଇବାରୁ ମହିଳା ଜଣକ ତଳେ ପଡ଼ିଯାଇଥିଲେ। ଏହି ସମୟରେ ନଣନ୍ଦ ତାଙ୍କ ଦୁଇ ପୁଅ ଓ ଝିଅାରିଙ୍କୁ ନେଇ ପଳାଇଯାଇଥିଲେ ବୋଲି ମହିଳା ଜଣକ କହିଛନ୍ତି। ହିଂସାବେଳେ ମହିଳାମାନଙ୍କ ପ୍ରତି କରାଯାଇଥିବା ବର୍ବର କାଣ୍ଡରେ ଗୋଟିଏ ପରେ ଗୋଟିଏ ଘଟଣା ପଦାକୁ ଆସିବାରେ ଲାଗିଛି। ନିଜର ଓ ପରିବାରର ସମ୍ମାନ ବଞ୍ଚାଇବା ପାଇଁ ମହିଳା ଜଣକ ଦୀର୍ଘଦିନ ନୀରବ ରହିଥିଲେ। ଏପରିକି ସେ ଆତ୍ମହତ୍ୟା କରିବାକୁ ଚାହିଁଥିଲେ ବୋଲି ଏତଲାରେ କହିଛନ୍ତି। ଏବେ ସେ ଘରଦ୍ୱାର ଛାଡ଼ିଥିବା ଲୋକମାନଙ୍କ ସହ ରିଲିଫ୍ କ୍ୟାମ୍ପରେ ରହିଛନ୍ତି। ତାଙ୍କ ଅଭିଯୋଗକ୍ରମେ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି।

# ଟମାଟୋ ଦର ନିୟନ୍ତ୍ରଣ ପାଇଁ ନେପାଳରୁ ଆମଦାନୀ ହେବ

**ନୂଆଦିଲ୍ଲୀ,୧୦।୮**



ଭାରତରେ ଉତ୍ପାଦନ କମ୍ ଯୋଗୁ ଟମାଟୋ ମୂଲ୍ୟ ଆକାଶଛୁଆଁ ହୋଇଛି। ଦର ନିୟନ୍ତ୍ରଣ ପାଇଁ ନେପାଳରୁ ଟମାଟୋ ଆମଦାନୀ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗୁରୁବାର ପାର୍ଲାମେଣ୍ଟକୁ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ନେପାଳରୁ ଆସୁଥିବା ଟମାଟୋ ଶୁକ୍ରବାର ବାରାଣସୀ, ଲକ୍ଷ୍ନୌ, କାନପୁର ଆଦି ଉତ୍ତର ଭାରତୀୟ ସହରରେ ପହଞ୍ଚିବ ବୋଲି ସେ କହିଛନ୍ତି। ୩ ମାସ ହେଲା ପାଇକାରୀ ବଜାରରେ ଟମାଟୋ କିଲୋ ପ୍ରତି ଦର ୧୪୦ ଟଙ୍କାରୁ ଅଧିକ ରହିଛି। କମ୍ ବର୍ଷା, ଅତ୍ୟଧିକ ଗ୍ରୀଷ୍ମ ଏବଂ ଭୂତାଣୁ ସଂକ୍ରମଣ ଯୋଗୁ ଏଥର ଟମାଟୋ ଉତ୍ପାଦନ କମିଥିବା ଚାଷୀମାନେ କହିଛନ୍ତି। ଟମାଟୋ ସହ ଖାଦ୍ୟଶସ୍ୟ, ଡାଲି ଦର ବଢ଼ିଥିବାରୁ ମୁଦ୍ରାସ୍ଫୀତି ବୃଦ୍ଧି ପାଇଥିବା ମୁଦ୍ରାନୀତି କମିଟି ବୈଠକରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି।

# ୨ଜି ମାମଲା: ୨୮ରୁ ଦିଲ୍ଲୀ ହାଇକୋର୍ଟରେ ଶୁଣାଣି




**ନୂଆଦିଲ୍ଲୀ,୧୦।୮**

୨ଜି ସ୍ପେକ୍ଟ୍ରମ୍ ଆବଣ୍ଟନ ଦୁର୍ନୀତି ମାମଲାରେ ପୂର୍ବତନ ଟେଲିକମ୍ ମନ୍ତ୍ରୀ ଏ. ରାଜା, କେତେକ ବ୍ୟବସାୟିକ ସଂସ୍ଥା ଏବଂ ଅନ୍ୟମାନଙ୍କୁ ଦୋଷମୁକ୍ତ କରାଯାଇଥିବାରୁ ଏହା ବିରୋଧରେ ସିବିଆଇ ଏବଂ ଇଡି(ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ପକ୍ଷରୁ ଆବେଦନ କରାଯାଇଥିଲା। ଆସନ୍ତା ୨୮ ତାରିଖରୁ ଏହାର ଶୁଣାଣି ପ୍ରତିଦିନ କରାଯିବ ବୋଲି ଗୁରୁବାର ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ୨୦୧୭ ଡିସେମ୍ବରରେ ଏକ ସ୍ୱତନ୍ତ୍ର କୋର୍ଟ ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଦେଇଥିଲେ। ଉକ୍ତ ରାୟ ବିରୋଧରେ ଇଡି ୨୦୧୮ ମାର୍ଚ୍ଚ ୧୯ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏହାର ଦିନକ ପରେ ସିବିଆଇ ମଧ୍ୟ ତଳକୋର୍ଟ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା।

# ନ୍ୟୁଜ୍କ୍ଲିକ୍ ମନିଲଣ୍ଡରିଂ: ଇଡି ତଦନ୍ତରେ ପ୍ରକାଶ କରାଟ

**ନୂଆଦିଲ୍ଲୀ,୧୦।୮**



ନ୍ୟୁଜ୍ ପୋର୍ଟାଲ 'ନ୍ୟୁଜକ୍ଲିକ୍'ର ମନିଲଣ୍ଡରିଂକୁ ନେଇ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସିପିଆଇ(ଏମ୍)ର ବରିଷ୍ଠ ନେତା ପ୍ରକାଶ କରାଟଙ୍କୁ ଏଥିରେ ସାମିଲ କରିଛି। ଆମେରିକୀୟ ବିଲିୟନେୟାର ନେଭିଲ୍ ରୟ ସିଙ୍ଘମ୍ ଏବଂ କରାଟଙ୍କ ମଧ୍ୟରେ ବହୁ ଇମେଲ୍ ଆଦାନପ୍ରଦାନ ହୋଇଥିବା ଜଣାପଡ଼ିଛି। ନ୍ୟୁଜ୍ ପୋର୍ଟାଲ ଜରିଆରେ ଚାଇନାର ପ୍ରଚାର ପାଇଁ ସିଂଘମ୍ ବିପୁଳ ପରିମାଣରେ ପାଣ୍ଠି ପାଉଥିବା ଅଭିଯୋଗ ହୋଇଛି। ନ୍ୟୁଜ୍କ୍ଲିକ୍‌ରୁ ସାମାଜିକ କର୍ମୀ ତିସ୍ତା ସେତଲଭାଦଙ୍କ ପରିବାର ସଦସ୍ୟଙ୍କ ଆକାଉଣ୍ଟକୁ ୪୦ ଲକ୍ଷ ଟଙ୍କା ଟ୍ରାନ୍ସଫର ହୋଇଥିବାବେଳେ ସାମ୍ବାଦିକ ତଥା ଲେଖକ ପ୍ରଣୟ ଗୁହା ଠାକୁର୍ତ୍ତା, ନ୍ୟୁଜ୍କ୍ଲିକ୍‌ର କେତେଜଣ କର୍ମଚାରୀ ଏବଂ କେତେକ ସ୍ୱାଧୀନ ଗଣମାଧ୍ୟମର ବ୍ୟକ୍ତିବିଶେଷଙ୍କ ପାଖକୁ ୭୨ ଲକ୍ଷ ଟଙ୍କା ଟ୍ରାନ୍ସଫର ହୋଇଛି। ଇଡି ଏସବୁର ତଦନ୍ତ ଚଳାଇଛି। କେବଳ ସେତିକି ନୁହେଁ, ଜେଲ୍‌ରେ ଥିବା ସାମାଜିକ କର୍ମୀ ଗୌତମ ନଭଲେଖାଙ୍କୁ ବେତନ ବାବଦରେ ନ୍ୟୁଜ୍ କ୍ଲିକ୍ ୧୭.୦୮ ଲକ୍ଷ ଟଙ୍କା ଦେଇଥିବାବେଳେ ଶେୟାର ହୋଲ୍ଡର ଏବଂ ସିପିଆଇଏମ୍ ଆଇଟି ସେଲ୍ ସଦସ୍ୟ ବାପ୍ପାଦିତ୍ୟ ସିହ୍ନାଙ୍କୁ ୯୭.୩୨ ଲକ୍ଷ ଟଙ୍କା ଦିଆଯାଇଛି। ନ୍ୟୁଜ୍କ୍ଲିକ୍ ଭାରତ ବିରୋଧୀ ବାତାବରଣ ସୃଷ୍ଟି କରିବା ଲାଗି ବିପୁଳ ଅର୍ଥ ପାଉଥିଲା ବୋଲି ପାର୍ଲାମେଣ୍ଟରେ ଭାଜପା ଏମ୍ପି ନିଶିକାନ୍ତ ଦୁବେ କହିଥିଲେ। କରାଟଙ୍କ ସହ ସିଙ୍ଘମ୍‌ଙ୍କର ଇ-ମେଲ୍ ଆଦାନପ୍ରଦାନ ଚାଲିଥିବା ସମ୍ପର୍କିତ ଦସ୍ତାବିଜ୍ ତାଙ୍କ ପାଖରେ ଥିବା ଦୁବେ ଜଣାଇଥିଲେ।

# ଉତ୍ତରାଖଣ୍ଡରେ ବର୍ଷା ବିପ୍ରାତ: ୯ ମୃତ



ଉତ୍ତରାଖଣ୍ଡର କାଶିପୁର ବନ୍ୟାଞ୍ଚଳରେ ଏସ୍‌ଡିଆର୍ଏଫ୍ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି।

**ଡେରାଡୁନ, ୧୦।୮**

ଉତ୍ତରାଖଣ୍ଡର ବିଭିନ୍ନ ଅଞ୍ଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ମୁଷଳଧାରାରେ ବର୍ଷା ହୋଇଛି। ବର୍ଷା ବିପ୍ରାତ ଯୋଗୁଁ ୯ ଜଣଙ୍କ ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ବୁଧବାର ପରିସ୍ଥିତିର ସମୀକ୍ଷା କରିବା ସହ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷା ଯୋଗୁଁ ଜଣେ ଲୋକ ନିଖୋଜ ହୋଇଥିବାବେଳେ ୬ ଜଣ ଆହତ ହୋଇଛନ୍ତି। ଗୌରୀକୁଣ୍ଡ ଅଞ୍ଚଳରେ ବୁଧବାର ସକାଳେ ଭୂସ୍ଖଳନ ଘଟିବାରୁ ଗୋଟିଏ ପରିବାରର ଦୁଇ ସଦସ୍ୟଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଗୌରୀକୁଣ୍ଡ ଅଞ୍ଚଳରେ ଗତ ୫ ଦିନ ମଧ୍ୟରେ ଏହା ଦ୍ୱିତୀୟ ଭୂସ୍ଖଳନ ଜନିତ ଘଟଣା ବୋଲି ଜଣାପଡଛି। ଭୂସ୍ଖଳନ ଯୋଗୁ ଗୌରୀକୁଣ୍ଡ ଗାଁ ନିକଟରେ ହେଲିପେଡ କ୍ଷତିଗ୍ରସ୍ତ ହୋଇଛି। ସେହିପରି ରୁଦ୍ରପ୍ରୟାଗ ଜିଲ୍ଲାରେ ୪ ଜଣଙ୍କ ମୃତ୍ୟୁ ଘଟିଛି ବୋଲି ଜିଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ନନ୍ଦନ ସିଂ ରାଜୱାର କହିଛନ୍ତି।

# ଅତୀତରେ ବାସୋପଯୋଗୀ ଥାଇପାରେ ମଙ୍ଗଳ

## ବୈଜ୍ଞାନିକଙ୍କ ମତ

**ନୂଆଦିଲ୍ଲୀ, ୧୦।୮**



ମଙ୍ଗଳ ଗ୍ରହରେ ଋତୁ ଚକ୍ର ଥିବାର ଅନୁମାନ କରାଯାଉଥିବାରୁ ଅତୀତରେ ଏହା ବାସପୋଯୋଗୀ ଥାଇପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ମଙ୍ଗଳପୃଷ୍ଠରେ କାଦୁଅ ଚିହ୍ନ ଦେଖାଯାଇଥିବାରୁ ଅତୀତରେ ଏଠାରେ କିଛି ସମୟ ପାଇଁ ଜଳ ଦେଖାଯାଇଥିବା ଏବଂ ପରେ ଏହା ବାଷ୍ପୀଭୂତ ହୋଇଯାଇଥାଇପାରେ ବୋଲି ନାସା ପକ୍ଷରୁ କୁହାଯାଇଛି। ସେହିପରି ଏହି ପ୍ରକ୍ରିୟା କାଦୁଅ ଫାଟ ଦେଖାଯିବା ପର୍ଯ୍ୟନ୍ତ କ୍ରମାନ୍ୱୟରେ ଚାଲୁ ରହିଥାଇପାରେ ବୋଲି ଫ୍ରାନ୍ସ, ଆମେରିକା ଏବଂ କାନାଡାର ବୈଜ୍ଞାନିକମାନେ କହିଛନ୍ତି। ଏହି କାଦୁଅର ଅନୁସନ୍ଧାନରୁ ଜଣାପଡିଛି ଯେ, ଅତୀତରେ ମଙ୍ଗଳଗ୍ରହରେ ଜଳର ଉତ୍ସ ଥାଇପାରେ। ତେବେ ମଙ୍ଗଳଗ୍ରହ କିପରି ଓଣ୍ଡାରୁ ଶୁଷ୍କ ହେଲା ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନି। ଏହି କାଦୁଅ ଫାଟଗୁଡିକ ଏକଥା ପ୍ରଦର୍ଶିତ କରିଛି, ଅତୀତରେ ଏଠାରେ ପ୍ରବଳ ଜଳୀୟ ବାଷ୍ପ ରହିଥିଲା, ଯାହା ବିଷୟରେ ନିନା ଲାଞ୍ଜା ନାମକ ଜଣେ ବୈଜ୍ଞାନିକ ତାଙ୍କ ସର୍ଭେରେ ଦର୍ଶାଇଛନ୍ତି।

ପୃଥିବୀ ପୃଷ୍ଠରେ କାଦୁଅ ଫାଟଗୁଡିକ ସାଧାରଣତଃ ଇଂରାଜୀ ଅକ୍ଷର ଟି ସଦୃଶ ଦେଖାଯାଇଥାଏ, ଯଦିଓ ପରବର୍ତ୍ତୀ ସ୍ଥିତିରେ ଏହା ଇଂରାଜୀ ଅକ୍ଷର ୱାଇ ସଦୃଶ ହୋଇଥାଏ। ମଙ୍ଗଳପୃଷ୍ଠରେ ୱାଇ ସଦୃଶ କାଦୁଅ ଫାଟ ଦେଖାଯାଇଛି। ତେଣୁ ଏହି ଲାଲ ଗ୍ରହରେ ଅତୀତରେ ବର୍ଷା ଏବଂ ଗ୍ରୀଷ୍ମଋତୁ ଚକ୍ର ଥାଇପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଏହି ଫାଟ ଗୁଡିକର ମାତ୍ର କେଇ ସେଣ୍ଟିମିଟର ଗଭୀର ରହିଛି, ତେଣୁ ଏହି ଓଦା ଶୁଖିଲା ଋତୁଚକ୍ର ମାତ୍ର କିଛିଦିନ ପର୍ଯ୍ୟନ୍ତ ହୋଇଥାଇପାରେ ବୋଲି ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି। ଏହି ଅନୁସନ୍ଧାନରୁ ଏକଥା ଜଣାପଡିଛି ଯେ, ଅତୀତରେ ମଙ୍ଗଳରେ ପୃଥିବୀପୃଷ୍ଠ ଭଳି ଓଦା ଜଳବାୟୁ ଥିଲା। ତେଣୁ ଏହି ଗ୍ରହର କିଛି ଅଂଶ ବାସପୋଯୋଗୀ ଥିଲା।

ଅପରପକ୍ଷେ ଜୀବନଧାରଣ ପାଇଁ ଆବଶ୍ୟକ ହେଉଥିବା ପୋଷକ, ଅଣୁଗୁଡିକ ଏଠାରେ ଥିଲା ବୋଲି ପାଟ୍ରିକ ଗାସଦା ନାମକ ଜଣେ ବୈଜ୍ଞାନିକ କହିଛନ୍ତି। ଓଦା ସମୟରେ ଅଣୁଗୁଡିକ ଏକାଠି ହେଉଥିବାବେଳେ ଶୁଷ୍କ ସମୟରେ ଏଗୁଡିକ ପରସ୍ପର ଠାରୁ ଅଲଗା ହୋଇଥାନ୍ତି। କିଛି ଅଞ୍ଚଳରେ ଯେତେବେଳେ ବାରମ୍ବାର ଏହି ପ୍ରକ୍ରିୟା ଚାଲିଥାଏ ସେତେବେଳେ ସେଠାରେ ଅଧିକ ଜଟିଳ ଅଣୁ ଗୁଡିକ ସୃଷ୍ଟି ହେବାର ସମ୍ଭାବନା ଥାଏ ବୋଲି ଗାସଦା କହିଛନ୍ତି। ଉପରୋକ୍ତ ଅନୁସନ୍ଧାନରୁ ଏକଥା ସ୍ପଷ୍ଟ ହୋଇଛି ଯେ ପୃଥିବୀ ପୃଷ୍ଠରେ ଜୀବନଧାରଣ ପାଇଁ ଯେଭଳି ଜଳବାୟୁ ଆବଶ୍ୟକ ଅତୀତରେ ଏଠାରେ ସେହିଭଳି ଜଳବାୟୁ ଥିଲା। ତେଣୁ ଅତୀତରେ ଏହି ଗ୍ରହର କିଛି ଅଂଶ ବାସପୋଯୋଗୀ ଥାଇପାରେ ବୋଲି କୁହାଯାଇଛି।






# ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ

ଯୋଡ଼ା,୧୦।୮ (ମାନସ ମହାନ୍ତି)

ଦକ୍ଷିଣ-ପୂର୍ବ ରେଳପଥର କେନ୍ଦୁଝର ବିଲେଇପଦା ମୁର୍ଗା ମହାଦେବ ଷ୍ଟେଶନ ନିକଟସ୍ଥ କାଳିଆ ବେଡ଼ାଠାରେ ଗୁରୁବାର ଅପରାହ୍ଣରେ ଏକ ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଛି। ପ୍ରାୟ ଦୁଇ ଘଣ୍ଟା ସମୟରେ ବାଂଶପାଣି ରେଳ ସାଇଡିଂରୁ ଖଣିଜ ବୋଝେଇ କରି ଯାଉଥିବା ବେଳେ ଉକ୍ତ ସ୍ଥାନରେ କୌଣସି କାରଣରୁ ଟ୍ରାକ ଲାଇନ୍ ତଳକୁ ଖସି ଯାଇଥିଲା। ବିଭାଗୀୟ କର୍ମଚାରୀମାନେ ପହଞ୍ଚି ମରାମତି କରିବା ପରେ ଟ୍ରେନ୍‌ଟି ଗନ୍ତବ୍ୟ ସ୍ଥଳକୁ ଯାଇଥିଲା।

# ବଜ୍ରପାତରେ ୨ଚାଷୀଙ୍କ ମୃତ୍ୟୁ, ଜଣେ ଗୁରୁତର

ବାହାନଗା, ୧୦।୮
(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ ଦୁଇଟି ଅଞ୍ଚଳରେ ଗୁରୁବାର ବଜ୍ରପାତ ହେବାରୁ ବିଲ କାମ କରୁଥିବା ୨ ଚାଷୀଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ମହିଳା ଚାଷୀ ଗୁରୁତର ହୋଇଛନ୍ତି। ତାଙ୍କୁ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୋପାଳପୁର ଥାନା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଚାଷୀଙ୍କ ମୃତଦେହକୁ ଜବତ କରିଛି। ଏନେଇ ଥାନରେ ଦୁଇଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ମୃତକ ହେଲେ ବରିପଦା ପଞ୍ଚାୟତ ଓସଙ୍ଗ ଗ୍ରାମର ଉପେନ୍ଦ୍ର ମଲ୍ଲିକ (୫୬) ଓ ବଳରାମପୁର ଗ୍ରାମର ମଙ୍ଗ ମଲ୍ଲିକ (୬୩)। ଅପରାହ୍ଣରେ ବିଲରେ ଧାନରୁଆ ଚାଲିଥିବା ବେଳେ ବଜ୍ରପାତ ହୋଇଥିଲା। ଉପେନ୍ଦ୍ର ଓ ମଙ୍ଗ ଗୁରୁତର ହୋଇ ବିଲରେ ପଡିଥିଲେ। ସେମାନଙ୍କୁ ଅନ୍ୟ ଚାଷୀମାନେ ଦେଖି ପରିବାର ଲୋକଙ୍କୁ ଖବର ଦେବା ସହିତ ଆମ୍ବୁଲାନ୍ସ ଯୋଗେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଗୋପାଳପୁର ପଞ୍ଚାୟତ ଫତେପୁର ଗ୍ରାମର ବାସନ୍ତୀ ପାତ୍ର ବଜ୍ରପାତରେ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି।

# ସିଏମ୍‌ସିର ପ୍ରଥମ ମେୟର ନିବେଦିତା ପ୍ରଧାନଙ୍କ ପରଲୋକ



କଟକ,୧୦।୮ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ(ସିଏମ୍‌ସି)ର ପ୍ରଥମ ମେୟର, ପୂର୍ବତନ ବିଧାୟିକା ତଥା ଭାଜପା ନେତ୍ରୀ ସୁଶ୍ରୀ ନିବେଦିତା ପ୍ରଧାନ(୭୦)ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥାଇ କଟକର ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଥିଲେ। ସେ ନିମୋନିଆ ଏବଂ ସେପ୍ଟିସେମିୟା ରୋଗରେ ପୀଡ଼ିତ ଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ମାତାମଠ, ମଣିସାହୁ ଛକ, ବକ୍ସିବଜାର, ଦରଘା ବଜାର, ଚୌଧୁରୀବଜାର ଦେଇ ସିଏମ୍‌ସି କାର୍ଯ୍ୟାଳୟ, ଝୋଲାସାହି, ନିମସାହି, ସେମିନାରୀ ଛକ, ହରିପୁର, ଦୋଲମୁଣ୍ଡାଇ, ସଙ୍ଗମ ଟକିଜ୍ ନିକଟସ୍ଥ ବାସଭବନକୁ ନିଆଯାଇଥିଲା। ସେଠାରୁ ଦୋଲମୁଣ୍ଡାଇ ଓ ବାଦାମବାଡ଼ି ଛକ ଦେଇ ଖାନ୍‌ନଗର ଶ୍ମଶାନକୁ ନିଆଯାଇଥିଲା। ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଭାଇ ସତ୍ୟରଞ୍ଜନ ପ୍ରଧାନ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟ, ଆତ୍ମୀୟ ସ୍ୱଜନଙ୍କ ସମେତ ବହୁ ଭାଜପା କର୍ମକର୍ତ୍ତା, ସ୍ଥାନୀୟ ମୁରବୀ ଓ ଲୋକପ୍ରତିନିଧି ଉପସ୍ଥିତ ଥିଲେ। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

୧୯୬୩ ଜୁଲାଇ ୭ରେ କଟକ ହରିପୁର ଅଞ୍ଚଳରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା କେନ୍ଦ୍ରାପଡ଼ାରେ ଚାକିରି କରୁଥିବାରୁ ସେଠାରେ ସେ ସ୍ନାତକ ପର୍ଯ୍ୟନ୍ତ ଶିକ୍ଷାଲାଭ କରିଥିଲେ। ଏହାପରେ କଟକରେ ବ୍ୟବସାୟ ସହିତ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରିଥିଲେ। ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ସେ କଟକ ସଦର ବିଧାୟିକା ଭାବେ କାର୍ଯ୍ୟ କରିଥିଲେ। ବିଧାୟିକା ପଦବୀରେ ଥାଇ ସେ ୨୦୦୩ରୁ ୨୦୦୮ ପର୍ଯ୍ୟନ୍ତ ସିଏମ୍‌ସି ମେୟର ଭାବେ କାର୍ଯ୍ୟ କରିଥିଲେ। ଆଜୀବନ ଅବିବାହିତ ଥିବା ଏହି ଦକ୍ଷ ନେତ୍ରୀ କୁନି ଅପା ଭାବେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କର ପରିବାରରେ ଭଉଣୀ ସସ୍ମିତା ପ୍ରଧାନ, ମଧୁସ୍ମିତା ପ୍ରଧାନ ଓ ଭାଇ ସତ୍ୟରଞ୍ଜନ ପ୍ରଧାନ ଅଛନ୍ତି।

# ଡିସିପିଙ୍କୁ ମହିଳା କମିଶନଙ୍କ ରିପୋର୍ଟ ତଲବ

## ହୋଟେଲରୁ ଭଦ୍ରକ ଯୁବତୀଙ୍କ ମୃତଦେହ ମିଳିବା ଘଟଣା

■ ଏନ୍‌ଏଚ୍‌ଆର୍‌ସିରେ ଏତଲା

ଭୁବନେଶ୍ୱର,୧୦।୮
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ସ୍ଥିତ ଦୀପାଳି ହୋଟେଲ ଆଣ୍ଡ୍ ବାର୍‌ର ଏକ ରୁମ୍‌ରୁ ଭଦ୍ରକର ଶୁଭଲକ୍ଷ୍ମୀ ସାହୁ (୧୮)ଙ୍କ ମୃତଦେହ ମିଳିବା ଘଟଣାକୁ ଗୁରୁବାର ୬ଦିନ ବିତିଛି। ଶୁଭଲକ୍ଷ୍ମୀ ଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଥିବାବେଳେ ସେ କାହିଁକି ଏଭଳି ନିଷ୍ପତ୍ତି ନେଲେ ଏହା ଉପରୁ ପରଦା ଉଠିପାରିନାହିଁ। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଥିବାବେଳେ ରାଜ୍ୟ ମହିଳା କମିଶନ (ଓଏସ୍‌ସିଡବ୍ଲ୍ୟୁ) ଏହାକୁ ଗୁରୁତ୍ୱର ସହ ନେଇ ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ଏଥିସହ ଭୁବନେଶ୍ୱର ଡିସିପିଙ୍କୁ କମିଶନଙ୍କ ପକ୍ଷରୁ ରିପୋର୍ଟ ତଲବ କରାଯାଇଛି। ଏହି ମାମଲାରେ ଠିକ ତଦନ୍ତ କରି ୧୫ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କମିଶନ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି ନ୍ୟାୟ ପାଇଁ ଲଢ଼େଇ ପରିବାର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ। ସେ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଏତଲା ଦେଇଛନ୍ତି। ଏହି ସମ୍ବେଦନଶୀଳ ଘଟଣାରେ କମିଶନଙ୍କ ଟିମ୍ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶୁଭଲକ୍ଷ୍ମୀଙ୍କ ପରିବାରକୁ ନ୍ୟାୟ ଦେବାକୁ ସେ ଏତଲାରେ ଦର୍ଶାଇଛନ୍ତି। ସେପଟେ ପୋଲିସ ଶୁଭଲକ୍ଷ୍ମୀଙ୍କ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍)କୁ ନେଇ ଅଧିକ ତଦନ୍ତ ଚଳାଇଛି। ୨ ମାସ ମଧ୍ୟରେ ଶୁଭଲକ୍ଷ୍ମୀ କେଉଁମାନଙ୍କ ସହ କଥା ହୋଇଥିଲେ, ତାହା ଜାଣିବାକୁ ପୋଲିସ ପ୍ରୟାସ କରିଛି। ପୋଲିସ ଶୁଭଲକ୍ଷ୍ମୀଙ୍କ ପୁରୁଷବନ୍ଧୁଙ୍କ ସମେତ ଏଯାବତ୍ ୬ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ବୟାନ ରେକର୍ଡ କରି ତଦନ୍ତ ଚଳାଇଛି।

# ବାରମ୍ବାର ତାଗିଦ ସତ୍ତ୍ୱେ ରୟାଲ୍ ଲାଗୁନ୍ କର୍ତ୍ତୃପକ୍ଷ ନିଜ ଜିଦ୍‌ରେ ଅଟଳ

## ବେଆଇନ୍‌ଭାବେ ରାସ୍ତାକୁ ଛାଡୁଛନ୍ତି ମଇଳା ପାଣି

ପିଡବ୍ଲୁଡି କର୍ତ୍ତୃପକ୍ଷ ଓ ସ୍ଥାନୀୟ ବାସିନ୍ଦାଙ୍କ ତାଗିଦ୍ ସତ୍ତ୍ୱେ ସୁଧୁରୁ ନାହିଁ ରଘୁନାଥପୁରସ୍ଥିତ ରୟାଲ୍ ଲାଗୁନ୍ ଆପାର୍ଟମେଣ୍ଟ। ବେଆଇନ୍ ଭାବେ ରାସ୍ତାକୁ ନର୍ଦ୍ଦମା ପାଣି ଓ କଠିନ ବର୍ଜ୍ୟ ଛାଡ଼ିବାରୁ ଡ୍ରେନ୍ ଚୋକ୍ ହୋଇ ସ୍ଥାନୀୟ ଅଞ୍ଚଳବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିକଟରେ ପିଡବ୍ଲୁଡି ଡ୍ରେନ୍‌କୁ କଠିନ ବର୍ଜ୍ୟ ଓ ତରଳ ବର୍ଜ୍ୟ ନଛାଡ଼ିବାକୁ ରୟାଲ୍ ଲାଗୁନ୍ ରେସିଡେଣ୍ଟ୍ ୱେଲ୍‌ଫେୟାର୍ ଆସୋସିଏସନ୍‌ର ସେକ୍ରେଟେରୀଙ୍କୁ ଭୁବନେଶ୍ୱର ଆରଆଣ୍ଡବି ଡିଭିଜନ୍ ନଂ-୩ ପକ୍ଷରୁ ଚିଠି ସଂଖ୍ୟା ୪୬୫୯ ତା ୦୭/୦୭/୨୦୨୩ ଦ୍ୱାରା ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲା। ପିଡବ୍ଲୁଡି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅବମାନନା କରି ଉକ୍ତ ଆପାର୍ଟମେଣ୍ଟ ପକ୍ଷରୁ ନିୟମିତ ଭାବେ ଏକ ୯ ଇଞ୍ଚ ପାଇପ୍ ଯୋଗେ ପିଡବ୍ଲୁଡି ଡ୍ରେନ୍‌କୁ ଆବର୍ଜନା ନିଷ୍କାସନ କରାଯାଉଛି।



OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO.III
BHUBANESWAR
Letter No-4659 /Dt-07/07/2023

To
The Secretary,
Royal Lagoon Resident Welfare Association.
Bhubaneswar

Sub:- Rain water drainage issue for inhabitants of Royal Lagoon Apartment Complex.
Ref:- Your Letter No. Nil Dt. 21.06.2023
Sir,

With reference to the above, it is to inform you that, the desilting of drain has been started at the above point. In this connection, it is to state that, the PWD drain is designed for drainage of the road side surface water only. The heavy quantity of drain water & sludge discharged from your apartment complex causes over flowing & chocking of the PWD drain.

Therefore you are requested to take steps for properly functioning of your treatment plants, so as not to release sludge & excess water to the PWD drain.

Yours faithfully
Superintending Engineer
Bhubaneswar (R&B) Division No.III, Bhubaneswar

No. 4660 /Dated. 07/07/2023
Copy forwarded to the Assistant Executive Engineer, Bhubaneswar (R&B) Sub-Division No.IV, Bhubaneswar for information and necessary action

Superintending Engineer,
Bhubaneswar (R&B) Division No.III, Bhubaneswar

ପିଡବ୍ଲୁଡି ଡ୍ରେନ୍‌ଟି ସରୁଆ ଏବଂ କେବଳ ବର୍ଷା ଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ। ତା' ସତ୍ତ୍ୱେ ରୟାଲ୍ ଲାଗୁନ୍ କର୍ତ୍ତୃପକ୍ଷ ବାରମ୍ବାର ନିୟମ ଉଲ୍ଲଂଘନ କରୁଛନ୍ତି। ଆପାର୍ଟମେଣ୍ଟ୍ ଓ ବାସିନ୍ଦା ମାନଙ୍କ ସଂଖ୍ୟା ହିସାବରେ ଏଠାରେ ଥିବା ଏସ୍‌ଟିପି ପ୍ଲାଣ୍ଟର କ୍ଷମତା ବହୁତ୍ କମ୍। ପିଡବ୍ଲୁଡି କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ଆପାର୍ଟମେଣ୍ଟ୍ ପକ୍ଷରୁ ପିଡବ୍ଲୁଡି ଡ୍ରେନ୍‌କୁ ଖୋଲାଯାଇଥିବା ୯ଇଞ୍ଚ ବିଶିଷ୍ଟ ପାଇପ୍‌ଟିକୁ ହଟାଯାଉନାହିଁ।

ରୟାଲ୍ ଲାଗୁନ୍ ଆପାର୍ଟମେଣ୍ଟର ଏଭଳି ଅନୈତିକ କାର୍ଯ୍ୟ ପାଇଁ ସ୍ଥାନୀୟ ରଘୁନାଥପୁର ବାସିନ୍ଦା ମଧ୍ୟ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଓ ଗ୍ରାମ ଭିତରେ ନର୍ଦ୍ଦମା ପାଣି କୃତ୍ରିମ ବନ୍ୟା ସୃଷ୍ଟି କରୁଛି। ତେଣୁ ଡ୍ରେନ୍‌କୁ ବନ୍ଦ କରିବା ବ୍ୟତୀତ ଗ୍ରାମବାସୀମାନଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ। ବିଡିଏ ଆପ୍ରୁଭାଲ୍ ଅନୁସାରେ ରୟାଲ୍ ଲାଗୁନ୍ ଆପାର୍ଟମେଣ୍ଟକୁ ପିଡବ୍ଲୁଡି ଡ୍ରେନ୍‌କୁ ମଇଳା ଛାଡ଼ିବାକୁ ଅନୁମତି ଦିଆଯାଇ ନାହିଁ। ସେମାନେ ଆପାର୍ଟମେଣ୍ଟର ବର୍ଜ୍ୟ ବସ୍ତୁ ପରିଚାଳନା କରିବା ପାଇଁ ଉପାୟ ବାହାର ନକରି ସ୍ଥାନୀୟ ଲାଲ୍‌ଚାନ୍ଦ୍ ସୋରୁମ୍ ସାମ୍ନାରେ ମ୍ୟାନ୍‌ହୋଲ୍ ଖୋଲି, ଆବର୍ଜନା ଗଦା କରିବାକୁ ଚାହୁଁଛନ୍ତି। କିଛିଦିନ ତଳେ ରୟାଲ୍ ଲାଗୁନ୍ କର୍ତ୍ତୃପକ୍ଷ ଲାଲ୍‌ଚାନ୍ଦ୍ ସାମ୍ନା ଡ୍ରେନ୍‌ର ସ୍ଲାବ୍‌କୁ ଜେସିବି ଲଗାଇ ଭାଙ୍ଗି ଦେଇଥିଲେ ଓ ଲାଲ୍‌ଚାନ୍ଦ୍ ତରଫରୁ ପିଡବ୍ଲୁଡି ବିଭାଗର ଅନୁମତି କ୍ରମେ ପୁଣି ସ୍ଲାବ୍ ପକାଯାଇଥିଲା।

ରୟାଲ୍ ଲାଗୁନ୍ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକୁ ଦେଖିଲେ ମନେହେଉଛି, ସେମାନେ କେବଳ ଲାଲ୍‌ଚାନ୍ଦ୍ ଜ୍ୱେଲର୍ସ ସାମ୍ନାରେ ମ୍ୟାନ୍‌ହୋଲ୍ ଖୋଲି ଆବର୍ଜନା ଠୁଳ କରିବାକୁ ଚାହୁଁଛନ୍ତି। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡ଼ିବ। ଯେତେବେଳେ କି ଲାଲ୍‌ଚାନ୍ଦ୍ ସାମ୍ନା ଡ୍ରେନ୍‌ରେ କୌଣସି ପ୍ରକାର ବ୍ଲକେଜ୍ ନାହିଁ ଏବଂ ପାଣି ସୁରୁଖୁରୁରେ ଏପଟରୁ ସେପଟକୁ ପ୍ରବାହିତ ହେଉଛି।

# କନ୍‌ଷ୍ଟେବଲଙ୍କ ନାଁରେ ଯୁବତୀ ଅପହରଣ ଅଭିଯୋଗ

■ ଏତଲା ପରେ ତଦନ୍ତ ଜାରି
■ ପ୍ରାଥମିକ ତଦନ୍ତରେ ପ୍ରେମ ସମ୍ପର୍କ ଥିବା ସୂଚନା

ଯାଜପୁରଟାଉନ/ଯାଜପୁର ସଦର,୧୦।୮(ପ୍ରଯନ୍ତା ପ୍ରିୟଦର୍ଶିନୀ ମହାନ୍ତି/ସମର ବିଜୟ ଶରଣ)

ଯାଜପୁର ସଦର ଥାନା କନଷ୍ଟେବଲ (ଆର୍ମ ପୋଲିସ) ରାମଚନ୍ଦ୍ର ମୁଦୟାଙ୍କ ନାମରେ ଯୁବତୀ ଅପହରଣ ଅଭିଯୋଗ ହୋଇଛି। ସେ ଉକ୍ତ ଥାନା ଅଞ୍ଚଳର ଜଣେ ୨୧ ବର୍ଷୀୟା ଯୁବତୀଙ୍କୁ ଅପହରଣ କରିଛନ୍ତି। ଏନେଇ ଯୁବତୀଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ କନଷ୍ଟେବଲ ଫେରାର ଥିବାରୁ ପୋଲିସ ତାଙ୍କୁ କାବୁ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଅଭିଯୋଗ ମୁତାବକ, ଗତ ୫ ତାରିଖଠାରୁ ଯୁବତୀ ନିଖୋଜ ଥିବା ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହାପରେ ଗତ ବୁଧବାର ଯୁବତୀଙ୍କ ବାପା ପୁନର୍ବାର ଅଭିଯୋଗ କରିଛନ୍ତି ଯେ, ତାଙ୍କ ଝିଅଙ୍କୁ ସଦର ଥାନାରେ କର୍ତ୍ତବ୍ୟରତ ପୋଲିସ କନଷ୍ଟେବଲ ରାମଚନ୍ଦ୍ର ଅପହରଣ କରିଛନ୍ତି। ଲିଖିତ ଅଭିଯୋଗ ପାଇବା ପରେ ଥାନାରେ ନଂ.୨୦୫/୨୩ରେ ଏକ ଅପହରଣ ମାମଲା ରୁଜୁ ହୋଇଛି। ଏସ୍‌ଆଇ ମନୋରଞ୍ଜନ ଦାସ ମାମଲାର ତଦନ୍ତ କରୁଛନ୍ତି। ବୁଧବାରଠାରୁ କନଷ୍ଟେବଲ ରାମଚନ୍ଦ୍ର ଥାନାକୁ ଆସି ନ ଥିବା ଜଣାପଡ଼ିଛି। ଅଭିଯୁକ୍ତ ରାମଚନ୍ଦ୍ର ବିବାହିତ ହୋଇଥିବାବେଳେ ତାଙ୍କର ୨ ସନ୍ତାନ ଅଛନ୍ତି। ସେ ପ୍ରାୟ ୮ବର୍ଷ ହେବ ଯାଜପୁର ସଦର ଥାନାରେ କାର୍ଯ୍ୟରତ ଅଛନ୍ତି। ଯୁବତୀଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ବାପା କୋଦାଳ ମାଡ଼ରେ ପୁଅ ମୃତ

■ ଥାନାରେ ଆତ୍ମସମର୍ପଣ କଲେ ଅଭିଯୁକ୍ତ

ଉମରକୋଟ, ୧୦।୮
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ବଙ୍ଗୀୟ ଖାଣ୍ଡା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ବାପା କୋଦାଳ ମାଡ଼ରେ ପୁଅର ମୃତ୍ୟୁ ଘଟିଛି। ମୃତକ ହେଲେ ବିପୁଲ ରାୟଙ୍କ ପୁଅ ସମୀର(୨୫)। ଅଭିଯୁକ୍ତ ବିପୁଲ ଉମରକୋଟ ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ସମୀର ପ୍ରତିଦିନ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ଗଣ୍ଡଗୋଳ କରନ୍ତି। ଏଥିପାଇଁ ଘରେ ସବୁବେଳେ ଅଶାନ୍ତି ଲାଗି ରହୁଥିଲା। ବୁଧବାର ରାତି ପ୍ରାୟ ସାଢ଼େ ୧୧ଟା ସମୟରେ ସମୀର ନିଶାସକ୍ତ ଅବସ୍ଥାରେ ଘରକୁ ଆସି ବିପୁଲଙ୍କ ସହ ଗଣ୍ଡଗୋଳ କରିଥିଲେ। ଏଥିରେ ବିପୁଲ ଅତିଷ୍ଠ ହୋଇ କୋଦାଳରେ ସମୀରଙ୍କ ମୁଣ୍ଡକୁ ଚୋଟ ମାରିଥିଲେ। ସମୀରଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବା ସହ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ବିପୁଲ ଗ୍ରାମରୁ ପଳାଇଥିଲେ। ଖବରପାଇ ଉମରକୋଟ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ବିପୁଲଙ୍କୁ ଖାଣ୍ଡା, ଛଞ୍ଚାଣବେଡ଼ା ଓ କରଣ୍ଡିଆଗୁଡ଼ା ଗ୍ରାମରେ ଖୋଜାଖୋଜି କରିଥିଲେ। ବିପୁଲ କିନ୍ତୁ ଉମରକୋଟ ଥାନାକୁ ଯାଇ ଆତ୍ମସମର୍ପଣ କରିଦେଇଥିଲେ। ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାର ତଦନ୍ତ କରିଛନ୍ତି। ଉମରକୋଟ ଥାନାରେ ୨୦୫/୨୩ରେ ପୋଲିସ ମାମଲା ରୁଜୁ କରିଛି। ଅଭିଯୁକ୍ତ ବିପୁଲଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମିଶ୍ର ଘଟଣାର ତଦନ୍ତ କରୁଛନ୍ତି।

# କୃମି ଔଷଧ ଖାଇ ୭ ଛାତ୍ରୀଛାତ୍ର ଅସୁସ୍ଥ

ରୂପସା(ବାଞ୍ଛାନିଧି ଦେ)/
ବସ୍ତା(ହରିଶଙ୍କର ପାଢୀ)୧୦।୮

ବାଲେଶ୍ୱର ଜିଲା ବସ୍ତା ବ୍ଲକ କୁଳିଦା ପଞ୍ଚାୟତ ଗୁଡିଖାଳ ବନବିହାରୀଲାଲ ଉଚ୍ଚ ବିଦ୍ୟାଳୟରେ ଗୁରୁବାର କୃମି ଔଷଧ ଖାଇ ୭ମ ଶ୍ରେଣୀର ୭ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଛନ୍ତି। ମଧ୍ୟାହ୍ନଭୋଜନ ପରେ ବିଦ୍ୟାଳୟର ୩୬୦ଜଣ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ କୃମିଔଷଧ ଦିଆଯାଇଥିଲା। ଔଷଧ ସେବନର ଅଳ୍ପ ସମୟ ମଧ୍ୟରେ ପାର୍ଶ୍ୱ ପ୍ରତିକ୍ରିୟା ଘଟି ସେମାନଙ୍କ ମଧ୍ୟରୁ ୭ଜଣଙ୍କର ମୁଣ୍ଡବିନ୍ଧା ସହ ବାନ୍ତି ଲାଗି ରହିବାରୁ ସେମାନେ ଅସୁସ୍ଥ ହୋଇପଡିଥିଲେ। ଅନ୍ୟ ଶିକ୍ଷକମାନେ ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ତୁରନ୍ତ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠରେ ସେମାନଙ୍କୁ ସାଲାଇନ ଓ ଆବଶ୍ୟକ ଔଷଧ ଦିଆଯାଇ ପର୍ଯ୍ୟବେକ୍ଷଣରେ ୨ ଘଣ୍ଟା ପରେ ସୁସ୍ଥ କରାଯାଇଥିଲା। ଛାତ୍ରୀଛାତ୍ର ଅସୁସ୍ଥ ହେବା ନେଇ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଦେବବ୍ରତ ଜେନା କହନ୍ତି କୃମି ଔଷଧ ସେବନ ପରେ ବଦହଜମି ଯୋଗୁ ଛାତ୍ରଛାତ୍ରୀମାନେ ଅସୁସ୍ଥ ହୋଇପଡିଥିଲେ। ଏବେ ସେମାନେ ସୁସ୍ଥ ଅଛନ୍ତି। ଅସୁସ୍ଥ ୭ଜଣ ଛାତ୍ରୀଛାତ୍ରୀ ହେଲେ ସୁଦୀପ୍ତା ସାହୁ, ଦିବ୍ୟଭାରତୀ ମହାନ୍ତି, ସୁମିତ୍ରା ବେହେରା, କାବେରୀ ଦଳାଇ, ଜ୍ୟୋତ୍ସ୍ନା ବେହେରା, ପ୍ରତିମା ବେଜ ଓ ସୁଧାଂଶୁ ସେଠୀ। କୃମି ଔଷଧକୁ ରାତିରେ ଖାଦ୍ୟ ଖାଇବା ପରେ ପିଲାଙ୍କୁ ଖୁଆଇବା ଲାଗି ପରାମର୍ଶ ଦେଉଥିବା ବେଳେ ଏଠାରେ କିଭଳି ମଧ୍ୟାହ୍ନ ଭୋଜନ ପରେ ଦିଆଗଲା ସେନେଇ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି ।

# ଭଦ୍ରକ ଷ୍ଟେଶନରେ ଅଟକାଇଲେ ଟ୍ରେନ୍

■ ମେମୁ ଶୌଚାଳୟରେ ପାଣି ସମସ୍ୟା

ଭଦ୍ରକ,୧୦।୮(ସନାତନ ରାଉତ)

ଭଦ୍ରକ-ନୟାଗଡ଼ ମେମୁ ଟ୍ରେନ୍ ଶୌଚାଳୟରେ ପାଣି ସମସ୍ୟା। ନିୟମିତ ପାଣି ରହୁ ନ ଥିବା ଅଭିଯୋଗ କରି ପୂର୍ବତନ ବିଧାୟକ ନରେନ ପଲେଇ ଓ ତାଙ୍କ ସମର୍ଥକମାନେ ଗୁରୁବାର ଭଦ୍ରକ ଷ୍ଟେଶନରେ ଟ୍ରେନ୍‌କୁ ଅଟକାଇଥିଲେ। ଶୌଚାଳୟରେ ପାଣି ରହୁ ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଖୋର୍ଦ୍ଧା ରୋଡ୍ ଡିଆର୍‌ଏମ୍ ଓ ଭଦ୍ରକ ଷ୍ଟେଶନ ମ୍ୟାନେଜରଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏଣୁ ବାଧହୋଇ ନିୟମିତ ପାଣି ଯୋଗାଇଦେବା ଦାବିରେ ମେମୁ ଭଦ୍ରକରେ ପହଞ୍ଚିବା ପରେ ଟ୍ରେନ୍ ଅଟକାଇଥିଲେ ଥିଲେ ବୋଲି ପୂର୍ବତନ ବିଧାୟକ ପଲେଇ କହିଛନ୍ତି। ମେମୁ ଏହି ଷ୍ଟେଶନରୁ ସକାଳ ୫ଟା ୪୫ରେ ଛାଡ଼ିବା କଥା। ୨୦ ମିନିଟ୍ ରେଳରୋକୋ ପରେ ଷ୍ଟେଶନ ମ୍ୟାନେଜର ସୁବାସ ଚନ୍ଦ୍ର ସାହୁ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ୬ଟା ୫ରେ ଟ୍ରେନ୍ ଗଡ଼ିଥିଲା।

# ୧୧ ଜିଲାରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ

## ଲିମ୍ଫାଟିକ୍ ଫାଇଲେରିଆସିସ୍ ନିରାକରଣ

ଭୁବନେଶ୍ୱର, ୧୦।୮
(ଅସମାପିକା ସାହୁ)

ଲିମ୍ଫାଟିକ୍ ଫାଇଲେରିଆସିସ୍(ଗୋଦର ଗୋଡ) ନିରାକରଣ ପାଇଁ ଓଡ଼ିଶାର ୧୧ଟି ଜିଲାରେ ସାମୂହିକ ଔଷଧ ସେବନ (ଏମ୍‌ଡିଏ/ଆଇଡିଏ) କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଭର୍ଚୁଆଲରେ ଏହି ଅଭିଯାନକୁ ଉଦ୍‌ଘାଟନ କରିଛନ୍ତି। ଅନୁଗୋଳ, ବରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ସୁନ୍ଦରଗଡ଼, ଯାଜପୁର, ଗଞ୍ଜାମ, ଢେଙ୍କାନାଳ ଓ ସମ୍ବଲପୁର ଆଦି ଜିଲାରେ ଏହି ଅଭିଯାନ ଆରମ୍ଭ ହୋଇଛି। ଫାଇଲେରିଆସିସ୍ ନିରାକରଣ ଲକ୍ଷ୍ୟ ହାସଲ ନିମନ୍ତେ ପ୍ରତ୍ୟେକ ହିତାଧିକାରୀ ଯେଭଳି ଫାଇଲେରିଆ ନିରୋଧୀ ଔଷଧ ସେବନ କରିବେ ତାହା ସୁନିଶ୍ଚିତ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହିସବୁ ଜିଲାରେ ଏମ୍‌ଡିଏ ଅବସରରେ ରାଜ୍ୟରେ ପ୍ରଥମଥର ପାଇଁ ତିନୋଟି ଔଷଧ ଚିକିତ୍ସା (ଆଇଭରମେକ୍‌ଟିନ + ଡିଇସି + ଆଲ୍‌ବେଣ୍ଡାଜୋଲ୍)ର ବ୍ୟବହାର କରାଯିବ। ଏହି ଔଷଧଗୁଡ଼ିକ ତାଲିମପ୍ରାପ୍ତ ଔଷଧ ପ୍ରଦାନକାରୀମାନେ ବୁଥ୍ ଜରିଆରେ ଘରକୁ ଘର, ଅଫିସ ଓ ସ୍କୁଲକୁ ଯାଇ ଔଷଧ ସେବନ କରାଇବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏହି ଔଷଧଗୁଡ଼ିକ କୌଣସି ପରିସ୍ଥିତିରେ ବଣ୍ଟନ କରାଯିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅଭିଯାନ ସମୟରେ ଆଶାକର୍ମୀଙ୍କ ସମେତ ପ୍ରାୟ ୬୫,୬୪୬ଜଣ ତାଲିମପ୍ରାପ୍ତ ଔଷଧ ପ୍ରଦାନକାରୀ ପ୍ରତ୍ୟେକ ପରିବାର ନିକଟକୁ ଯାଇ ପ୍ରାୟ ୧.୮କୋଟି ଲୋକଙ୍କୁ ଔଷଧ ସେବନ ସୁନିଶ୍ଚିତ କରାଇବେ। ଏମ୍‌ଡିଏ ପର୍ଯ୍ୟାୟ ତଦାରଖ ନିମନ୍ତେ ପ୍ରାୟ ୬,୪୩୧ଜଣ ସୁପରଭାଇଜରଙ୍କୁ ମଧ୍ୟ ନିୟୋଜନ କରାଯାଇଛି। ଜିଲାପାଳମାନେ ନିଜେ ଏହି ଔଷଧ ସେବନ କରି ଉଦାହରଣ ସୃଷ୍ଟି କରିବାକୁ ମଧ୍ୟ ମନ୍ତ୍ରୀ ନିବେଦନ କରିଥିଲେ। ଏହି ଔଷଧଗୁଡ଼ିକ ନିରାପଦ ଏବଂ ଏହାକୁ କେବଳ ୨ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ଅସୁସ୍ଥ ଲୋକଙ୍କ ବ୍ୟତୀତ ଅନ୍ୟ ସମସ୍ତେ ସେବନ କରିବା ଉଚିତ ବୋଲି କୁହାଯାଇଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୧ ଅଗଷ୍ଟ, ୨୦୨୩



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରକୁ ଅଡୁଆ ଚାନ୍ଦିନୀ ରାତି**
**ଦାରୀକି ଅଡୁଆ ପୁଅ**
**ମାଳୀକି ଅଡୁଆ ଛେଳି, ବଳଦ**
**ଦୁଃଖୀକି ଅଡୁଆ ଝିଅ।**

ଅନ୍ଧାରରେ ଚୋରି କରିବା ସହଜ। ତେବେ ଚାନ୍ଦିନୀ ରାତିରେ ଚୋରଙ୍କ ପକ୍ଷେ ଚୋରି କରିବାରେ ଅନେକ ବିପଦ ବା ଅସୁବିଧା ରହିଥାଏ। କାରଣ ଆଲୁଅ ଯୋଗୁ ଧରାପଡ଼ିଯିବାର ଭୟ ରହିଥାଏ । ଦାରୀ ବା ବିଟପୀ ନାରୀର ବୃତ୍ତି ପକ୍ଷେ ପୁଅ ପ୍ରତିବନ୍ଧକ ସାଜିଥାଏ। ଛେଳି ବଳଦ ଗଛଡାଳ ଖାଇଯାଉଥିବାରୁ ତାଙ୍କୁ ପାଳିବା ମାଳୀ ପକ୍ଷେ ଅସୁବିଧାଜନକ ହୋଇଥାଏ। ସେହିପରି ଦୁଃଖୀରଙ୍କୀ ବ୍ୟକ୍ତି ବଡ଼ ଦୁଃଖ କଷ୍ଟରେ ନିଜ ଗୁଜୁରାଣ ମେଣ୍ଟାଉଥିବା ସ୍ଥଳେ ଝିଅ ହେଲେ ତା'ର ବିବାହ କରାଇବା ତାଙ୍କ ପକ୍ଷେ ଦୁରୂହ ବ୍ୟାପାର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚାଲି ନ ଜାଣି**
**ବାଟର ଦୋଷ।**

ସିଧା ଚାଲି କରି ଯାଇପାରୁ ନ ଥିବା ବ୍ୟକ୍ତି ରାସ୍ତା ଖାଲ ଢିପ ତଥା ଅଙ୍କାବଙ୍କା ବା ଖରାପ ଥିବା କଥା କହିବା ନିହାତି ହାସ୍ୟାସ୍ପଦ କଥା ହୋଇଥାଏ। ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟକୁ ଦୋଷାରୋପ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆମ୍ବୁଲାନ୍ସକୁ ଧକ୍କାଦେଲା ତପସ୍ୱିନୀ ଏକ୍ସପ୍ରେସ

ବିଷମକଟକ, ୧୦।୮ (ବିଭୂତି ଭୂଷଣ ନାୟକ)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ବୃନ୍ଦାବାଡ଼ିଠାରେ ଗୁରୁବାର ଅପରାହ୍ନ ପ୍ରାୟ ୩ଟାରେ ଏକ ଆମ୍ବୁଲାନ୍ସକୁ ତପସ୍ୱିନୀ ଏକ୍ସପ୍ରେସ୍ ଧକ୍କା ଦେଇଛି। ଦୁର୍ଘଟଣାରେ କାହାର କିଛି କ୍ଷତି ହୋଇ ନ ଥିବାବେଳେ ଆମ୍ବୁଲାନ୍ସ କ୍ଷତିଗ୍ରସ୍ତ ହୋଇଛି। ଟ୍ରେନ୍ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଦୁର୍ଘଟଣା ଯୋଗୁ ଗୋଟିଏ ଧାରଣାରେ ଦୀର୍ଘ ସମୟ ଧରି ରେଳ ଚଳାଚଳ ବନ୍ଦ ରହିଥିଲା। ସ୍ଥାନୀୟ ଲୋକେ ରେଳ ଧାରଣାରୁ ଆମ୍ବୁଲାନ୍ସକୁ ବାହାର କରିବା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ, ଓଡ଼ିଶା ମୋ ପରିବାର ଆମ୍ବୁଲାନ୍ସ କଲ୍ୟାଣସିଂହପୁରଠାରୁ ଜଣେ ରୋଗୀକୁ ନେଇ ବିଷମକଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରେ ଖାଲି ଗାଡ଼ି ନେଇ କଲ୍ୟାଣସିଂହପୁର ଫେରିବା ସମୟରେ ଆମ୍ବୁଲାନ୍ସ ଏକ ସବ୍‌ରାସ୍ତାରେ ଯିବା ପାଇଁ ଉଦ୍ୟମ କରିଥିଲା। ରେଳବାଇ ପକ୍ଷରୁ ପ୍ରବେଶ ନିଷେଧ ରେଳଲାଇନରେ ଆମ୍ବୁଲାନ୍ସ ପାରହୋଇ ଯିବା ସମୟରେ ଟ୍ରେନ ଧକ୍କାଦେବାରୁ ଗାଡ଼ିଟି ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ଆମ୍ବୁଲାନ୍ସ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି।

# ମଧ୍ୟାହ୍ନ ଭୋଜନରେ ବିସ୍କୁଟ



ମଧ୍ୟାହ୍ନଭୋଜନ ପାଇଁ ଥାଳିଧରି ବୁଲୁଛନ୍ତି ଛାତ୍ରୀଛାତ୍ର।

**ମହତାବ ଉଚ୍ଚ ବିଦ୍ୟାଳୟ**

ଚମ୍ପୁଆ, ୧୦।୮ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାରେ ଥିବା ମହତାବ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନ ଭୋଜନରେ ଛାତ୍ରୀଛାତ୍ରଙ୍କୁ ବିସ୍କୁଟ ଖାଇବାକୁ ଦିଆଯାଇଛି। ବିନା ସୂଚନାରେ ପାଚିକା ଓ ସହାୟିକା ଷ୍ଟ୍ରାଇକ୍ କରିଥିବାରୁ ମଧ୍ୟାହ୍ନଭୋଜନ ରୋଷେଇ ହୋଇପାରିନାହିଁ। ଏ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଏହି ପୁରାତନ ଉଚ୍ଚ ବିଦ୍ୟାଳୟରେ ୩୬୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରତ୍ୟହ ସରକାରୀ ନିୟମ ଅନୁଯାୟୀ ମଧ୍ୟାହ୍ନଭୋଜନ ଦିଆଯାଉଥିଲା। ମାତ୍ର ଗୁରୁବାର ଖାଇବା ଛୁଟି ସମୟରେ ପିଲାମାନେ ନିଜ ଥାଳି ଧରି ରୋଷେଇ ଘରକୁ ଯିବା ବେଳକୁ ରୋଷେଇ ହୋଇ ନ ଥିବା ଜଣାପଡ଼ିଥିଲା। ଏ ବିଷୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଗୁଇଁଙ୍କୁ ଜଣାଇଥିଲେ। ସେ ମଧ୍ୟାହ୍ନଭୋଜନ ଯୋଗାଉଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଯୋଗାଯୋଗ କରିଥିଲେ। ପାଚିକା ଓ ସହାୟିକା ଷ୍ଟ୍ରାଇକ୍‌ରେ ଥିବାରୁ ରୋଷେଇ ବନ୍ଦ ହୋଇଛି ବୋଲି ଜାଣିବାକୁ ମିଳିଥିଲା। ପରେ ପିଲାମାନଙ୍କୁ ବିସ୍କୁଟ ମଗାଇ ଖାଇବାକୁ ଦିଆଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୁଇଁ କହିଛନ୍ତି, ପାଚିକା ଓ ସହାୟିକା ଷ୍ଟ୍ରାଇକ୍‌ରେ ରହିଥିବାରୁ ରୋଷେଇ ହୋଇନାହିଁ। ଏ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସୂଚନା ଦିଆଯାଉ ନ ଥିବାରୁ କୌଣସି ବ୍ୟବସ୍ଥା ହୋଇପାରି ନ ଥିଲା। ତେଣୁ ଛାତ୍ରୀଛାତ୍ରଙ୍କୁ ବିସ୍କୁଟ ପ୍ରଦାନ କରାଯାଇଥିଲା ବୋଲି ସୂଚନା ଦେଇଛନ୍ତି।

# ଜିଏମ୍ ପ୍ଲାଷ୍ଟରର ଠିକା ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

## ମୃତଦେହ ଛାଡ଼ି ପଳାଇଲେ କମ୍ପାନୀ କର୍ମଚାରୀ

ପରଜଙ୍ଗ, ୧୦।୮ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଗେଙ୍ଗୁଟିଆ ପଞ୍ଚାୟତ କୁଲେଇ ଗ୍ରାମରେ ପ୍ରତିଷ୍ଠିତ ଜିଏମ୍ ଆଇରନ୍ ଆଣ୍ଡ୍ ଷ୍ଟିଲ୍ କାରଖାନାର ଜଣେ ଠିକା ଶ୍ରମିକଙ୍କ ଗୁରୁବାର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ସୁନ୍ଦରଗଡ଼ ଜିଲା ଜକେଇକଳା ଗ୍ରାମର କବି ଦେହୁରୀଙ୍କ ସାନପୁଅ ପପୁ ଦେହୁରୀ ଓରଫ ପୁଷ୍ପକ (୩୩)। ତେବେ ଶ୍ରମିକଙ୍କ ମୃତ୍ୟୁ ପରେ କମ୍ପାନୀ କର୍ମଚାରୀ ମୃତଦେହ ଛାଡ଼ି ପଳାଇଯିବା ସନ୍ଦେହ ସୃଷ୍ଟି କରିଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ଖୋଜି ବାହାର କରିବାକୁ ମୃତକଙ୍କ ପରିବାର ଦାବି କରିଛନ୍ତି। ପ୍ରାଥମିକ ଭାବେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଘଟଣାରୁ ଜଣାପଡ଼ିଛି, ପପୁ ଗୁରୁବାର କାରଖାନାରୁ ବାହାରି ଜାତୀୟ ରାଜପଥ ଆଡ଼କୁ ଚାଲି ଚାଲି ଆସୁଥିବାବେଳେ ଅସୁସ୍ଥ ହୋଇପଡ଼ିଥିଲେ। ଉକ୍ତ ରାସ୍ତା ଦେଇ ଯାଉଥିବା ଜଣେ ଲୋକଙ୍କ ସହାୟତା ଲୋଡ଼ିବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣକ ତାଙ୍କୁ କେନାଲ ପାଖରେ ଥିବା ଏକ ଦୋକାନରେ ଛାଡ଼ି ଦେଇଥିଲେ। ତେବେ ପପୁ ସେଠାରେ ଗୁରୁତର ହୋଇପଡ଼ିଥିଲେ। ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ଦଦରାଘାଟି ଫାଣ୍ଡିକୁ ଅବଗତ କରାଇବା ପରେ ଫାଣ୍ଡି ଅଧିକାରୀ ଶକ୍ତି ପ୍ରସାଦ ସାହୁ ବାଇକ୍‌ରେ ପହଞ୍ଚିଥିଲେ। ପପୁ ଜିଏମ ଆଇରନ୍ ଆଣ୍ଡ ଷ୍ଟିଲ କାରଖାନାରେ କାମ କରୁଥିବା ଜଣାପଡ଼ିବା ପରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଅବଗତ କରାଇଥିଲେ। ପ୍ରାୟ ଅଧଘଣ୍ଟା ପରେ ୨ ଜଣ କର୍ମଚାରୀ ପହଞ୍ଚି ଫାଣ୍ଡି ଅଧିକାରୀଙ୍କ ସହଯୋଗରେ ପପୁଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଡାକ୍ତର ପପୁଙ୍କୁ ମୃତ ଘୋଷଣା କରିବା ପରେ ସମ୍ପୃକ୍ତ ୨ କର୍ମଚାରୀ ମୃତଦେହ ଛାଡ଼ି ପଳାଇଥିଲେ। ସୂଚନା ପାଇ ପରିବାର ଲୋକେ ପହଞ୍ଚିଥିଲେ। ପରିବାର ସଦସ୍ୟଙ୍କ କହିବା କଥା, ପପୁଙ୍କ ଶରୀରରେ ଆଘାତ ଚିହ୍ନ ରହିଛି। ତାଙ୍କୁ କମ୍ପାନୀରେ କେହି ଆକ୍ରମଣ କରିବା ପରେ ସେ କାରଖାନାରୁ ପ୍ରାଣବିକଳରେ ପଦାକୁ ଚାଲି ଆସିଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ତେଣୁ କମ୍ପାନୀ କର୍ତ୍ତୃପକ୍ଷ ଏବଂ ତାଙ୍କ ସହକର୍ମୀଙ୍କୁ ତଦନ୍ତ ପରିସରଭୁକ୍ତ କରି ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ପରେ ପପୁଙ୍କ ମୃତ୍ୟୁ କେଉଁ କାରଣରୁ ହେଲା, ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ତିନି ଶିଶୁଙ୍କୁ ମନ୍ଦିର ଆଗରେ ଛାଡ଼ି ପଳାଇଲେ

**ନିଷ୍ଠୁର ହେଲେ ମା'ବାପା**

- ଘରକୁ ଫେରିଲେ ହତ୍ୟା ଧମକ
- ଆଦିବାସୀ ବିକାଶ ସମିତିରେ ରଖାଯାଇଛି

ବଡ଼ବିଲ, ୧୦।୮ (ଦେବପ୍ରିୟ ରଣା)

ସନ୍ତାନଟିଏ ପାଇବାକୁ ମା'ବାପା ବ୍ରତ ଉପବାସ, ମାନସିକ କରିବା ସହ ମନ୍ଦିର ସମ୍ମୁଖରେ ଅଧିଆ ପଡୁଛନ୍ତି। ହେଲେ ଏମିତି ବି ମା'-ବାପା ଅଛନ୍ତି ଯେଉଁମାନେ ନିଜ ପିଲାଙ୍କୁ ଅନାଥ କରିବାକୁ ପଛାଉନାହାନ୍ତି। ଏଭଳି ଏକ ଦୁଃଖଦ ଘଟଣା କେନ୍ଦୁଝର ଜିଲା ବଡ଼ବିଲ ଥାନାଞ୍ଚଳରେ ଦେଖିବାକୁ ମିଳିଛି। ଜନ୍ମକଲା ମା'ବାପା ନିଜର ୩ ଶିଶୁଙ୍କୁ ବଡ଼ବିଲସ୍ଥିତ ହରିହର ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଛାଡ଼ିଦେଇ ପଳାଇଥିବା ଆଲୋଡ଼ନ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ବୁଧବାର ରାତିରେ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ୩ ଶିଶୁଙ୍କ କ୍ରନ୍ଦନ ଶୁଣି ମନ୍ଦିରର କର୍ମଚାରୀ ସଞ୍ଜିତ ସେମାନଙ୍କ ପରିଚୟ ପଚାରି ବୁଝିଥିଲେ। ୩ ଶିଶୁଙ୍କ ମଧ୍ୟରୁ ୨ ଜଣ ୯ ଓ ୬ବର୍ଷର ଶିଶୁକନ୍ୟା ଏବଂ ୩ ବର୍ଷୀୟ ପୁତ୍ର ସନ୍ତାନ ରହିଛନ୍ତି। ସେମାନଙ୍କ ଘର ପାଲହଟିଂ ଅଞ୍ଚଳରେ କହିଥିବା ବେଳେ ସେମାନଙ୍କ ମା' ସତୀ ଏବଂ ବାପା ମୁନ୍ନା ସିଂ ସେମାନଙ୍କୁ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଛାଡ଼ିଦେଇ ପଳାଇଥିବା କହିଥିଲେ। ଗଲାବେଳେ ଶିଶୁମାନଙ୍କ



ହରିହର ମନ୍ଦିର ପ୍ରାଙ୍ଗଣରେ ଥିବା ୩ ଶିଶୁ।

ସହ ଏକ ଲୁଗା ଭର୍ତ୍ତି ବ୍ୟାଗ ମଧ୍ୟ ଛାଡ଼ିଯାଇଥିବା ଜଣାପଡ଼ିଛି। ଶିଶୁମାନଙ୍କୁ ନିଷ୍ଠୁରତାର ସହ ଘରକୁ ନ ଫେରିବାକୁ ତାଗିଦା କରିବା ସହ ଫେରିଲେ ହତ୍ୟା ଧମକ ଦେଇଥିବା ଶିଶୁମାନେ କହିଥିଲେ। ତେବେ ମନ୍ଦିର କର୍ମଚାରୀ ୩ ଶିଶୁଙ୍କୁ ମନ୍ଦିର ଭିତରକୁ ନେଇ ଖାଇବାକୁ ଦେଇ ସକାଳ ହେବା ପର୍ଯ୍ୟନ୍ତ ମା'ବାପାଙ୍କ ଆସିବା ନିମନ୍ତେ ଅପେକ୍ଷା କରିଥିଲେ। ଗୁରୁବାର ସକାଳେ କେହି ନେବାକୁ ନ ଆସିବାରୁ ମନ୍ଦିର କର୍ତ୍ତୃପକ୍ଷ ବଡ଼ବିଲ ପୋଲିସକୁ ଅବଗତ କରିଥିଲେ। ପୋଲିସ ପହଞ୍ଚି ୩ ଶିଶୁଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ଚାଇଲ୍ଡ ଲାଇନକୁ ଖବର ଦେବା ସହ ନିଷ୍ଠୁର ମା'ବାପାଙ୍କୁ ଖୋଜାଖୋଜି ଆରମ୍ଭ କରିଥିବା ଜଣାପଡ଼ିଛି। ଏ ନେଇ ବଡ଼ବିଲ ଥାନା ଇନ୍ସପେକ୍ଟର ପ୍ରମୋଦିନୀ ସାହୁ କହିଛନ୍ତି, ପାଲହଟିଂରେ ସେହି ନାମଧାରୀ କେହି ବ୍ୟକ୍ତି ନ ଥିବା ଜଣାପଡ଼ିଛି। ଚାଇଲ୍ଡ ଲାଇନ୍‌କୁ ଶିଶୁମାନଙ୍କ ଉଦ୍ଧାର ନେଇ ଖବର ଦିଆଯାଇଛି। ସେମାନେ ଆସି ନ ଥିବାରୁ ଶିଶୁଙ୍କୁ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ସେରେଣ୍ଡାସ୍ଥିତ ଆଦିବାସୀ ବିକାଶ ସମିତିରେ ଦିନକ ପାଇଁ ରଖାଯାଇଛି। ଶିଶୁମାନଙ୍କ ମା'ବାପାଙ୍କର କିଛି ଖୋଜ ଖବର ମିଳିପାରିନାହିଁ। ମା'ବାପାଙ୍କର କୌଣସି ପତ୍ତା ନ ମିଳିଲେ ଶୁକ୍ରବାର ସିଡବ୍ଲ୍ୟୁସି (ଚାଇଲ୍ଡ ୱେଲଫେୟାର କମିଟି)କୁ ହସ୍ତାନ୍ତର କରାଯିବ।

# କୋର୍ଟରେ ଚାର୍ଜଶିଟ୍ ଦାଖଲ କଲା ଇଡି

## ମେଡିକାଲ କଲେଜରେ ନାମ ଲେଖା ଆଳରେ ୧୮.୫ ଲକ୍ଷ ଠକେଇ ମାମଲା

ଭୁବନେଶ୍ୱର, ୧୦।୮ (ସତ୍ୟଜିତ୍ ରାଉତ)

ହିମାଚଳ ପ୍ରଦେଶର ଜଣେ ଯୁବକଙ୍କୁ ମ୍ୟାନେଜମେଣ୍ଟ କୋଟାରେ ମେଡିକାଲ କଲେଜରେ ନାମ ଲେଖାଇବା ଆଳରେ ୧୮.୫ ଲକ୍ଷ ଟଙ୍କା ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ଅଧିକ ତଦନ୍ତ ଚଳାଇଛି। ତେବେ ଆର୍ଥିକ କାରବାର ଦିଗକୁ ନେଇ ଖୋଳତାଡ଼ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଭିଯୁକ୍ତ ରଘୁନାଥ ବେହେରା, ତାଙ୍କ ଭାଇ ଭରତ ବେହେରା, ସୌମ୍ୟକାନ୍ତ ମହାନ୍ତି ଏବଂ ତାଙ୍କ ସ୍ତ୍ରୀ ବିଶ୍ୱକଳ୍ପନା ମହାନ୍ତିଙ୍କ ବିରୋଧରେ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର କୋର୍ଟ (ପିଏମ୍‌ଏଲ୍)ରେ ଚାର୍ଜଶିଟ୍ ଦାଖଲ କରିଛି। ଏନେଇ ଇଡି ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଏହାପୂର୍ବରୁ ଅଭିଯୁକ୍ତଙ୍କ ୪୬ ଲକ୍ଷର ସମ୍ପତ୍ତି ବାଜ୍ୟାପ୍ତି କରିଥିଲା ଇଡି।

ସୂଚନାଯୋଗ୍ୟ, ହିମାଚଳ ପ୍ରଦେଶର ବିନୋଦ କୁମାର ତାଙ୍କ ପୁଅର ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ୨୦୧୫-୧୬ ମସିହାରେ ଅଭିଯୁକ୍ତଙ୍କ ସହଯୋଗ ଲୋଡ଼ିଥିଲେ। ବେଙ୍ଗାଲୁରୁ କିମ୍ବା ଭୁବନେଶ୍ୱରର ଏକ ବଡ଼ ମେଡିକାଲ କଲେଜରେ ମ୍ୟାନେଜମେଣ୍ଟ କୋଟାରେ ନାମ ଲେଖାଇଦେବେ ବୋଲି ସେମାନେ କହିଥିଲେ। ଏଥିପାଇଁ ସେମାନେ ୧୮.୫ ଲକ୍ଷ ଟଙ୍କା ନେଇ ଠକେଇ କରିଥିଲେ। ଏ ନେଇ ୨୦୧୯ ଡିସେମ୍ବର ୧୬ରେ ବିନୋଦଙ୍କ ଏତଲାକ୍ରମେ କ୍ରାଇମବ୍ରାଞ୍ଚ ଏକ ମାମଲା (ନଂ.୧୯/୨୦୧୯) ରୁଜୁ କରି ତଦନ୍ତ କରିଥିଲା। ପୂର୍ବରୁ କ୍ରାଇମବ୍ରାଞ୍ଚ ରଘୁନାଥ ଓ ସୌମ୍ୟକାନ୍ତଙ୍କୁ ଗିରଫ କରିଥିବାବେଳେ ଅନ୍ୟତମ ଅଭିଯୁକ୍ତ ଶୁଭକାନ୍ତ ପତିଙ୍କୁ ଗତ ସପ୍ତାହରେ ପଶ୍ଚିମବଙ୍ଗରୁ ଗିରଫ କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଥିଲା। ଅପରପକ୍ଷରେ କ୍ରାଇମବ୍ରାଞ୍ଚ ଏହି ମାମଲାରେ ବିଭିନ୍ନ ଦିଗକୁ ନେଇ ତଦନ୍ତକୁ ଜାରି ରଖିଛି। ଠକେଇ ଟଙ୍କା କେଉଁମାନଙ୍କ ପାଖକୁ ଯାଇଛି, ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ତାହାକୁ ନେଇ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଚଳାଇଛି।

# ପ୍ରଥମ ପର୍ଯ୍ୟାୟ ଡାକ୍ତରୀ ନାମଲେଖା ସରିଲା

## ୪୫୨ ସିଟ୍ ଖାଲି, ୧୪ରୁ ୨ୟ ପର୍ଯ୍ୟାୟ ପଞ୍ଜିକରଣ

ଭୁବନେଶ୍ୱର, ୧୦।୮ (ଅସମାପିକା ସାହୁ)

ରାଜ୍ୟରେ ଥିବା ୧୬ଟି ମେଡିକାଲ କଲେଜରେ ୨୦୨୩ ଶିକ୍ଷାବର୍ଷ ଲାଗି ନାମଲେଖା ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି। ଏଫ୍‌ଏମ୍ ଏମ୍‌ସିଏଚ୍ ବାଲେଶ୍ୱରରେ ସବୁ ସିଟ୍ ପୂରଣ ହୋଇଥିବାବେଳେ ଅନ୍ୟ ମେଡିକାଲ କଲେଜରେ ମୋଟ ୪୫୨ଟି ସିଟ୍ ଖାଲି ରହିଛି। ବିବି ଏମ୍‌ସିଏଚ୍ ବଲାଙ୍ଗୀରରେ ୪ଟି, ହାଇଟେକ ଡେଣ୍ଟାଲ କଲେଜରେ ୯୭, ହାଇଟେକ ଏମ୍‌ସିଏଚ୍‌ରେ ୫୨, ଏମ୍‌କେସିଜି ଏମ୍‌ସିଏଚ୍‌ରେ ୨୪, ପିଆର୍‌ଏମ୍ ଏମ୍‌ସିଏଚ୍‌ରେ ୮, ଏସ୍‌ସିବି ଡେଣ୍ଟାଲ କଲେଜରେ ୨୭, ଏସ୍‌ସିବି ଏମ୍‌ସିଏଚ୍‌ରେ ୮୮, ଏସ୍‌ଏଲ୍‌ଏନ୍ ଏମ୍‌ସିଏଚ୍‌ରେ ୧୦, ଭିମ୍‌ସାର୍‌ରେ ୧୬ ଓ ହାଇଟେକ୍ ଏମ୍‌ସିଏଚ୍‌ରେ ୫୧ଟି ସିଟ୍ ଖାଲି ରହିଛି। ଏବେ ଖାଲି ପଡିଥିବା ଏହି ୪୫୨ଟି ସିଟ୍ ପୂରଣ ଲାଗି ଦ୍ୱିତୀୟ ପର୍ଯ୍ୟାୟ କାଉନ୍‌ସେଲିଂ ପାଇଁ ଆସନ୍ତା ୧୪ରୁ ୨୮ତାରିଖ ମଧ୍ୟରେ ନାମ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଓଜେଇଇ ପକ୍ଷରୁ ସୂଚନା ଦିଆଯାଇଛି।

# ଚୋରି, ଅଭିଯୁକ୍ତ ଗିରଫ

ମଙ୍ଗୁଳି-ଜଗତପୁର, ୧୦।୮ (ମାନସ ସାମଲ)

ଚୋରି ଅଭିଯୋଗରେ ଜଗତପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା କିଶନନଗର ଧରିଣା ଗ୍ରାମର ପଙ୍କଜ କୁମାର ସାହୁ। ତାଙ୍କ ନିକଟରୁ ଚୋରି ସ୍କୁଟି, ମୋବାଇଲ ଓ ଟଙ୍କା ଜବତ କରାଯାଇଛି। ପୋଲିସ ସୂଚନା ମୁତାବକ, ଜଗତପୁର ପଶ୍ଚିମକଛର ପୀତବାସ ନାୟକଙ୍କ ପୁତୁରା ସବ୍ୟସାଚୀ ଶୁକ୍ରବାର ସକାଳେ ସ୍କୁଟିରେ ବହୁଗ୍ରାମ କଲେଜ ଯାଉଥିଲେ। ବାଟରେ ଏକ ମାଙ୍କଡ଼ ସ୍କୁଟି ଆଗକୁ ଚାଲି ଆସିବାରୁ ସେ ଭାରସାମ୍ୟ ହରାଇ ତଳେ ପଡିବା ସହ ଚେତାଶୂନ୍ୟ ହୋଇଯାଇଥିଲା।

ପ୍ରଥମ ପୃଷ୍ଠାରୁ...

## ସିଜେଆଇଙ୍କ ସ୍ଥାନରେ...

କାରଣ ଶାସକ ଦଳର ଅନୁଗତ ନ ପାଲଟିଲେ ପୋଲ୍ ପ୍ୟାନେଲ୍‌ରେ ସ୍ଥାନ ମିଳି ନ ପାରେ। କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି, ନିର୍ବାଚନ କମିଶନଙ୍କୁ ମୋଟାମୋଟି ଭାବେ ମୋଦିଙ୍କ ହାତରେ ସଖୀ କଣ୍ଢେଇ ସଜାଇବା ପାଇଁ ଏହି ବିଲ୍‌ରେ ଉଦ୍ୟମ କରାଯାଇଛି। ନିର୍ବାଚନ କମିଶନଙ୍କୁ ନିରପେକ୍ଷ କରିବା ପାଇଁ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଅଣଦେଖା କରାଯିବା ଦୁର୍ଭାଗ୍ୟଜନକ। ଏହା ଏକ ଅସାମ୍ବିଧାନିକ, ଏକତରଫା ଏବଂ ଅନୁପଯୁକ୍ତ ବିଲ୍। ଏହାକୁ ଆମେ ସବୁ ମଞ୍ଚରେ ବିରୋଧ କରିବୁ ବୋଲି ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ବେଣୁଗୋପାଳ ପୋଷ୍ଟ କରିଛନ୍ତି। କଂଗ୍ରେସ ଏମ୍‌ପି ତଥା ଦଳୀୟ ହ୍ୱିପ୍ ମାନିକମ୍ ଟାଗୋର କହିଛନ୍ତି, ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନିର୍ବାଚନ କମିଶନଙ୍କୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ଏହି ବିଲ୍ ଆଣିଛନ୍ତି। ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀଙ୍କ ମତରେ ଦିଲ୍ଲୀ ସରକାରଙ୍କ କ୍ଷମତାକୁ ନେଇ ସୁପ୍ରିମକୋର୍ଟ ରାୟ ପରେ ମୋଦି ସରକାର ସାମ୍ବିଧାନିକ ପୀଠଙ୍କ ଏକ ରାୟକୁ ନିରସ୍ତ୍ର କରିଦେଇଛନ୍ତି। ଏବେ ସରକାର ସିଜେଆଇଙ୍କୁ ହଟାଇ ତାଙ୍କ ସ୍ଥାନରେ ମୋଦିଙ୍କ ପସନ୍ଦର ଜଣେ ମନ୍ତ୍ରୀଙ୍କୁ କମିଟିରେ ରଖିବାକୁ ଯାଉଛନ୍ତି। ସେହିପରି ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଛନ୍ତି, ପାର୍ଲାମେଣ୍ଟରେ ଏହି ବିଲ୍ ପାରିତ ହୋଇଗଲେ ମଧ୍ୟ ଏହା ଅସାମ୍ବିଧାନିକ ରୂପେ ପରିଗଣିତ ହେବ। ସୁପ୍ରିମକୋର୍ଟରେ ଏହା ଖାରଜ ହୋଇଯିବ।

ପ୍ରକାଶ ଯେ, ଗତ ମାର୍ଚ୍ଚରେ ସୁପ୍ରିମକୋର୍ଟ ଏକ ରାୟରେ କହିଥିଲେ, ସିଇସି ଏବଂ ଇସିମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁପ୍ରିମକୋର୍ଟ ଗଠିତ ଏକ ୩ ଜଣିଆ କମିଟି ଚୟନ କରିବ। କମିଟିର ପରାମର୍ଶକ୍ରମେ ରାଷ୍ଟ୍ରପତି ସେମାନଙ୍କୁ ନିଯୁକ୍ତି ଦେବେ। ଉକ୍ତ ପ୍ୟାନେଲରେ ଲୋକ ସଭାର ବିରୋଧୀ ଦଳ ନେତା ଏବଂ ସିଜେଆଇ ମଧ୍ୟ ରହିବେ। ଲୋକ ସଭାରେ ବିରୋଧୀ ଦଳ ନେତା ନ ଥିଲେ ସବୁଠୁ ବଡ଼ ବିରୋଧୀ ଦଳର ନେତାଙ୍କୁ ଏଥିରେ ସାମିଲ କରାଯିବ। ସିଇସି ଏବଂ ଇସିଙ୍କ ନିଯୁକ୍ତି ପାଇଁ ପାର୍ଲାମେଣ୍ଟରେ ନୂଆ ଆଇନ ପ୍ରଣୟନ ହେବା ପର୍ଯ୍ୟନ୍ତ ଏହି ଧାରା ଚାଲିବ ବୋଲି ଜଷ୍ଟିସ୍ କେ.ଏମ୍. ଜୋସେଫ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ବିଚାରପତି ବିଶିଷ୍ଟ ସାମ୍ବିଧାନିକ ପୀଠ ସ୍ପଷ୍ଟ କରିଥିଲେ। କିନ୍ତୁ କେନ୍ଦ୍ର ଏସମ୍ପର୍କିତ ଆଇନ ଆଣିବା ପରିବର୍ତ୍ତେ ସିଜେଆଇଙ୍କ ବଦଳରେ ଜଣେ ମନ୍ତ୍ରୀଙ୍କୁ ନିଯୁକ୍ତି ସମ୍ପର୍କିତ କମିଟିରେ ରଖିବାକୁ ଚାହୁଁଥିବାରୁ ବିପକ୍ଷ କଡ଼ା ବିରୋଧ କରିଛନ୍ତି।

## ବିରୋଧୀ ବିନା...

ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କିନ୍ତୁ ନିଜ ଭାଷଣର ପ୍ରଥମ ୯୦ ମିନିଟରେ ମୋଦି ମଣିପୁର ସମ୍ପର୍କରେ କିଛି ନ କହିବାରୁ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଏବଂ ଶିରୋମଣୀ ଅକାଳୀ ଦଳ (ଏସ୍‌ଏଡି) ସଦସ୍ୟମାନେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରି କକ୍ଷତ୍ୟାଗରେ ସାମିଲ ହୋଇଥିଲେ।

ପ୍ରଧାନମନ୍ତ୍ରୀ ଗୃହରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିବୃତି ରଖିଥିଲେ। ଦ୍ୱିତୀୟାର୍ଦ୍ଧରେ ସେ ମଣିପୁର ସ୍ଥିତି ଉପରେ କହିଥିଲେ, ଶାନ୍ତି ଫେରାଇ ଆଣିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସବୁ ପ୍ରକାର ଉଦ୍ୟମ ଚଳାଇଛନ୍ତି। ମଣିପୁର ହେଉଛି ଉତ୍ତର ପୂର୍ବାଞ୍ଚଳର ହୃଦୟ। ସେଠାରେ ଶୀଘ୍ର ବିକଶର ପଥ ପୁଣି ପ୍ରଶସ୍ତ ହେବ। ମହିଳା ବିରୋଧୀ ଅପରାଧ ଘଟାଉଥିବା ବ୍ୟକ୍ତିମାନେ କଠୋର ଦଣ୍ଡ ପାଇବେ ବୋଲି ପ୍ରଧାନମନ୍ତ୍ରୀ ଗୃହକୁ ଆଶ୍ୱାସନା ଦେଇଥିଲେ।

## ଏଲ୍‌ଓସିରେ ଭାରତର...

ମାଷ୍ଟର ଭଟ୍ଟଙ୍କ ଘରେ ଡାକଘର ଚାଲିଥିଲା। ଏଥିପାଇଁ ସେ ଭଡ଼ା ନେଉ ନ ଥିଲେ ବୋଲି କହିଛନ୍ତି। ତାଙ୍କ ସହ ୩ ଜଣ ଡାକବାଲା କାମ କରୁଥିଲେ ଓ ବହୁ ଦୂର ପର୍ଯ୍ୟନ୍ତ ସେବା ଯୋଗାଉଥିଲେ। ତେବେ ନିର୍ଭରଯୋଗ୍ୟ ଯୋଗାଯୋଗ ସୁବିଧା ଅଭାବରୁ ଅନ୍ୟ ପୋଷ୍ଟ ଅଫିସ ଭଳି ଏହା ଅନ୍‌ଲାଇନ ସେବା ଯୋଗାଇପାରି ନାହିଁ। ଅନ୍ୟପକ୍ଷରେ କୁପଓ୍ୱାରାର ଡେପୁଟି କମିଶନର ଆୟୁଷି ସୁଦାନ କହିଛନ୍ତି, ଯୋଗାଯୋଗ ସମସ୍ୟାରେ ସୁଧାର ଆସୁଛି। ଚଳିତ ବର୍ଷ ଶେଷ ସୁଦ୍ଧା ଅପ୍ଟିକାଲ ଫାଇବର କେବୁଲ କାମ ଶେଷ ହୋଇଯିବ ବୋଲି ସେ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱିଜା ନକ୍ଷତ୍ର ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ବିତାଇବେ। ଗୃହ, ଭୂମି, ଗାଡ଼ି, ମୋଟର, ଧାର କରଜ ପ୍ରଭୃତିକୁ କେନ୍ଦ୍ରକରି କଳହର ଆଶଙ୍କା ରହିଛି। ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ବୃଷ**
ରୋହିଣୀ ନକ୍ଷତ୍ରର ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ମନରେ ଆଲୋଡ଼ନ ସୃଷ୍ଟି କରିବ। ଅସାବଧାନତା ବଶତଃ କୌଣସି ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ହଠାତ୍ ଯିବା ସମୟକୁ କୌଣସି ଦରକାରୀ କାଗଜ ପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ମିଥୁନ**
ପୁନର୍ବସୁ ନକ୍ଷତ୍ରର ପାରିବାରିକ ଅସ୍ଥିରତା ଓ ଅଶାନ୍ତି କାରଣରୁ ମନ ଭଲ ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ**
ଆଜିର କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଚାପ ଯୋଗୁ କାର୍ଯ୍ୟବ୍ୟସ୍ତତା ବୃଦ୍ଧି ପାଇବ। ଆତ୍ମୀୟଙ୍କ ପାଇଁ ଯେଉଁ ଆଶା ନେଇ କାମ କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ,ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**
ପାରିବାରିକ ଅଶାନ୍ତି ବିଷୟରେ ଚିନ୍ତା କରି ମନରେ ସରସତା ରହିବ ନାହିଁ। ସକାଳୁ ସକାଳୁ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇଯାଇପାରେ। ମଘା ନକ୍ଷତ୍ର ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ରଚନାତ୍ମକ କାମ, ସାହିତ୍ୟ, ସାମ୍ବାଦିକତାରେ ଉନ୍ନତି କରିବେ।

**କନ୍ୟା**
ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିବେ। ଚିତ୍ରା ନକ୍ଷତ୍ରର ପିଲାମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ। ଆଶା ଓ ଅଭିଳାଷ ପୂରଣ ହେତୁ ମହିଳାମାନଙ୍କ ମନ ପ୍ରଫୁଲ୍ଲ ରହିବ।

**ତୁଳା**
କର୍ମକ୍ଷେତ୍ରରେ ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଭୋଗବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। ସ୍ୱାତୀ ନକ୍ଷତ୍ର ମଧ୍ୟାହ୍ନରେ ଅଫିସ ଭିତରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କଚେରି ମାମଲା କିମ୍ବା ଜମିଜମା ସମ୍ପର୍କିତ ବିବାଦ ହେତୁ ଦୁଶ୍ଚିନ୍ତା ବଢ଼ିପାରେ।

**ବିଛା**
ଆଜି ଆକସ୍ମିକ ଭାବରେ ସକାଳୁ ସକାଳୁ ଯାତ୍ରା କରିବାକୁ ପଡ଼ିବ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଅନୁରାଧା ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ। ରୋଗ, ଋଣରୁ ରକ୍ଷା ପାଇବାର ପରିକଳ୍ପନା କରିପାରନ୍ତି।

**ଧନୁ**
ଘରର ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହେବ। ପୂର୍ବାଷାଢ଼ା ନକ୍ଷତ୍ରର ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦୀର୍ଘଦିନରୁ ପ୍ରତୀକ୍ଷା କରିଥିବା ଶୁଭଖବର ଆଜି ସକାଳୁ ସକାଳୁ ପାଇ ଉଲ୍ଲସିତ ହେବେ। ବିଳାସ ବ୍ୟସନ କିମ୍ବା ସଭାସମିତିରେ ଆଲୋଚନା ମଧ୍ୟରେ ସମୟ ଅତିବାହିତ ହେବ।

**ମକର**
ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବା ପାଇଁ ଆପ୍ରାଣ ଉଦ୍ୟମ କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ନିର୍ମାଣାଧୀନ କାମଟି ଆଜି ବାସ୍ତବରେ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି ହେବ।

**କୁମ୍ଭ**
ଉଦ୍ଦେଶ୍ୟକୁ ଗୋପନ ରଖି ମନବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବା ଦିଗରେ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ଶତଭିଷା ନକ୍ଷତ୍ର ସମସ୍ୟା ମଧ୍ୟରେ ନିଜକୁ ନିୟନ୍ତ୍ରଣରେ ରଖିପାରିବେ।

**ମୀନ**
ପୂର୍ବଭାଦ୍ରପଦ୍ ନକ୍ଷତ୍ର କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ,ନତୁବା ହଜିଯାଇପାରେ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କିତ ସମସ୍ୟା ସୃଷ୍ଟି ହୋଇପାରେ।

ଆଜି ଶ୍ରାବଣ(ମଳ)କୃଷ୍ଣପକ୍ଷ ଏକାଦଶୀ ଶୁକ୍ରବାର, ଅଗଷ୍ଟ ୧୧ ତାରିଖ, ରାଶି ନକ୍ଷତ୍ର-ମୃଗଶିରା/ବୃଷ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୯ ଗତେ ଘ.୦୬।୨୦ ମଧ୍ୟେ, ଘ. ୦୭।୧୧ ଗତେ ଘ.୦୮।୪୦ ମଧ୍ୟେ ଶୁଦ୍ଧଶୁଭବେଳା। ଦିବା ଘ.୧୦।୧୬ ଗତେ ଘ.୧୧।୫୧ ମଧ୍ୟେ ରାହୁକାଳ।





# ॥ स्कॉलर्स को जोहार ॥

## मरङ गोमके जयपाल सिंह मुंडा पारदेशीय छात्रवृत्ति एवं चेवनिंग मरङ गोमके जयपाल सिंह मुंडा छात्रवृत्ति

## 2023-2024



मुख्य अतिथि

**श्री हेमन्त सोरेन**
माननीय मुख्यमंत्री, झारखण्ड

विशिष्ट अतिथि

**श्री आलमगीर आलम**
माननीय मंत्री, ग्रामीण विकास, ग्रामीण कार्य एवं पंचायती राज विभाग

**श्री सत्यानंद भोक्ता**
माननीय मंत्री, श्रम, नियोजन, प्रशिक्षण एवं कौशल विकास विभाग

**श्री चंपई सोरेन**
माननीय मंत्री, अनुसूचित जनजाति, अनुसूचित जाति, पिछड़ा वर्ग कल्याण विभाग

**श्री हफीजुल हसन**
माननीय मंत्री, अल्पसंख्यक कल्याण, पर्यटन, कला- संस्कृति, खेलकूद एवं युवा कार्य विभाग

दिनांक : 11 अगस्त 2023 | समय : अपराह्न 03:00 बजे
स्थान : प्रोजेक्ट भवन सभागार, रांची

PR-304415 (Schedule Tribe, Schedule Caste, Minority and Backward Class Welfare Department) 2023-24

अनुसूचित जनजाति, अनुसूचित जाति, अल्पसंख्यक एवं पिछड़ा वर्ग कल्याण विभाग, झारखण्ड सरकार

ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ଉପସ୍ଥିତି ଭିତରେ ବଞ୍ଚି ରହ। ପ୍ରତି ମୁହୂର୍ତ୍ତରେ ଏହି କ ଦିମ ଅଚେତନା ଭିତରୁ ମୁକ୍ତି ପାଇ ଏକ ଗତିଶୀଳ ଚେତନା ଭିତରକୁ ପ୍ରବେଶ କରିବାକୁ ଚାହୁଁ ଥାଅ- ତା'ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା- ଏବଂ ସବୁଠାରୁ ବଡ କଥା ମଧ ହେଲା - ତୁମର ଚରମ ନିଷ୍ଠାପରତା। -ଶ୍ରୀମା



# ଲୋକଙ୍କୁ ଖାଇବାକୁ ଦିଅ



ପିଟର ସିଙ୍ଗର

ଫେବୃୟାରୀ ୨୦୨୨ରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କରିଥିଲା। ଏହି ଆକ୍ରମଣ ପରେ ୟୁକ୍ରେନ୍‌ର ବ୍ଲାକ୍ ସି ବା କୃଷ୍ଣସାଗରରେ ଥିବା ବନ୍ଦରଗୁଡ଼ିକରୁ ବାହାର ଦେଶକୁ ଖାଦ୍ୟଶସ୍ୟ ନେଇ ଯାଉଥିବା ପାଣିଜାହଜଗୁଡ଼ିକ ବନ୍ଦ ହୋଇଗଲା। ସେଗୁଡ଼ିକ ଯୁଦ୍ଧାସ୍ତ୍ର ନେଉଥିବା ସନ୍ଦେହରେ ରୁଷିଆ ସେନା ଆକ୍ରମଣର ଆଶଙ୍କାକରି ଏହା କରାଯାଇଥିଲା। ବିଶେଷକରି ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକୀୟ ଦେଶଗୁଡ଼ିକ ୟୁକ୍ରେନ୍‌ରୁ ଗହମ ଆମଦାନୀ କରିଥାନ୍ତି। ତେବେ ଯୁଦ୍ଧ ଯୋଗୁ ୟୁକ୍ରେନ୍‌ରୁ ସେହି ଦେଶଗୁଡ଼ିକୁ ଖାଦ୍ୟଶସ୍ୟ ବିଶେଷକରି ଗହମ ରପ୍ତାନି ପୂରା ବନ୍ଦ ହୋଇଗଲା। ଫଳରେ ସେଠାରେ ଗହମ ମୂଲ୍ୟ ଅତ୍ୟଧିକ ବୃଦ୍ଧି ପାଇଲା ଓ ଦୁର୍ଭିକ୍ଷ ଆଶଙ୍କା ଦେଖାଦେଲା। ଫଳସ୍ୱରୂପ, ଜୁଲାଇ ୨୦୨୨ରେ ସୁରକ୍ଷିତ ସମୁଦ୍ର ପଥ ଦେଇ ୟୁକ୍ରେନ୍‌କୁ ଜାହାଜ ଯିବା ଆସିବା କରିବା ଲାଗି ରୁଷିଆ ରାଜି ହୋଇଥିଲା। କିନ୍ତୁ ଏଥିପାଇଁ ଏକ ସର୍ତ୍ତ ରଖିଥିଲା ଯେ, ତା' ଅଧିକାରୀମାନେ ଜାହାଜଗୁଡ଼ିକୁ ଯାଞ୍ଚ କରିପାରିବେ। ସେବେଠାରୁ ୧୧ ମାସ ହେଲା 'ବ୍ଲାକ୍ ସି ଗ୍ରେନ୍ ଇନିସିଏଟିଭ' କାର୍ଯ୍ୟ କରୁଥିଲା ଏବଂ ଏହି ସମୟ ମଧ୍ୟରେ ୟୁକ୍ରେନ୍ ୩୩ ମିଲିୟନ ଟନ୍ ଖାଦ୍ୟଶସ୍ୟ ରପ୍ତାନି କରିବା ଯୋଗୁ ବିଶ୍ୱରେ ଖାଦ୍ୟ ମୂଲ୍ୟ ପାଖାପାଖି ୨୦% ହ୍ରାସ ଘଟିଲା। ଜାତିସଂଘ ଅନୁଯାୟୀ ରପ୍ତାନି ହୋଇଥିବା ମୋଟ ଖାଦ୍ୟଶସ୍ୟର ୫୭% ବିକାଶଶୀଳ ଦେଶଗୁଡ଼ିକୁ ଯାଇଥିଲା।

ରୁଷିଆ ଏବେ ଚୁକ୍ତିରୁ ଓହରିଯାଇଛି। ଜୁଲାଇ ୧୭ରେ ଚୁକ୍ତି ଶେଷ ହେବ ବୋଲି ରୁଷିଆ ଯେତେବେଳେ ଘୋଷଣା କରିଥିଲା ସେତେବେଳେ ଖାଦ୍ୟଶସ୍ୟର ମୂଲ୍ୟ ୮% ବଢ଼ିଗଲା। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ସତର୍କ କରିଦେଇଥିଲେ ଯେ, ଏବେ ଅନେକ ଲକ୍ଷ ଲୋକଙ୍କୁ କ୍ଷୁଧାର ସାମ୍ନା କରିବାକୁ ପଡ଼ିବ। ଆମେରିକାର ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଥିଲେ, ବିଶ୍ୱରେ ଖାଦ୍ୟ ଆବଶ୍ୟକ କରୁଥିବା ଲୋକମାନଙ୍କୁ ଏଥିରୁ ବଞ୍ଚିତ କରିବା ପାଇଁ ରୁଷିଆ ଦାୟୀ। ରୁଷିଆର ଆଚରଣ ମରୁଡ଼ି ପ୍ରପୀଡ଼ିତ ଦେଶଗୁଡ଼ିକର ଲୋକମାନଙ୍କ ପଛରୁ ଛୁରି ଭୁସିବା ସହ ସମାନ ବୋଲି କେନିଆ ସରକାର (ଏହି ଦେଶଗୁଡ଼ିକ ସହ ଏବେ କେନିଆ ସାମିଲ ହୋଇଛି) କହିଥିଲେ। ତେବେ ଚୁକ୍ତି ଶେଷ କରିବା ସହ ରୁଷିଆ ଘୋଷଣା କରିଛି ଯେ, କୌଣସି ପଣ୍ୟବାହୀ ଜାହାଜ ୟୁକ୍ରେନ୍ ବନ୍ଦର ଆଡ଼କୁ ଯଦି ଆସିବ ସେଥିରେ ଯୁଦ୍ଧାସ୍ତ୍ର କିମ୍ବା ସେନା ସାମଗ୍ରୀ ଆସୁଛି ବୋଲି ଧରିନେବ। ରପ୍ତାନିର ବିକଳ୍ପ ପଥ କୁହାଯାଉଥିବା ଡାନ୍ୟୁବ୍ ନଦୀରେ ଥିବା ୟୁକ୍ରେନ୍ ବନ୍ଦର ଉପରେ ରୁଷିଆ ଆକ୍ରମଣ କରିଛି। କେବଳ ଏତିକି ନୁହେଁ, ଓଡେଶାରେ ଥିବା ଶସ୍ୟଭଣ୍ଡାର ସ୍ଥଳୀଗୁଡ଼ିକୁ ଆକ୍ରମଣ କରି ଆନୁମାନିକ ୬୦,୦୦୦ ଟନ୍ ଖାଦ୍ୟଶସ୍ୟ ନଷ୍ଟ କରିଦେଇଛି।



ନିକଟରେ ସେଣ୍ଟ ପିଟର୍ସବର୍ଗରେ ରୁଷିଆ-ଆଫ୍ରିକା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେଠାରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆଫ୍ରିକାରେ ସମ୍ଭାବ୍ୟ ଖାଦ୍ୟଶସ୍ୟ ଅଭାବକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ଏହାସହ ସେ ୬ଟି ଆଫ୍ରିକୀୟ ଦେଶକୁ ରୁଷିଆର ଖାଦ୍ୟଶସ୍ୟ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ସମ୍ମିଳନୀରେ ସାମିଲ ଦେଶଗୁଡ଼ିକ ମଧ୍ୟରେ କେନିଆ ନ ଥିଲା। ପୁଟିନ୍ ଯେତିକି ପରିମାଣର ଖାଦ୍ୟଶସ୍ୟ ଯୋଗାଇଦେବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି ତାହା ଚୁକ୍ତି ବଳବତ୍ତର ଥିବାବେଳେ ୟୁକ୍ରେନ୍‌ରୁ ରପ୍ତାନି ହେଉଥିବା ଖାଦ୍ୟଶସ୍ୟ ତୁଳନାରେ ୧% କମ୍।

ୟୁକ୍ରେନ୍ ବିରୋଧରେ ହୋଇଥିବା ଆକ୍ରୋଶର ଯୁଦ୍ଧକୁ ଆଗକୁ ବଢ଼ାଇ ୟୁକ୍ରେନ୍‌ର ଖାଦ୍ୟଶସ୍ୟ ରପ୍ତାନିରେ ବାଧା ଦେବା ରୁଷିଆ ପାଇଁ ଯୁକ୍ତିଯୁକ୍ତ କିମ୍ବା କ୍ଷମଣୀୟ ନୁହେଁ। କାରଣ ରୁଷିଆ ଭଲ ଭାବେ ଜାଣେ ଯେ, ଏଭଳି ଆକ୍ରମଣ ଶସ୍ୟ ମୂଲ୍ୟ ବୃଦ୍ଧି କରିବ ଏବଂ ଯୁଦ୍ଧଠାରୁ ଦୂରେଇ ରହିଥିବା ଦେଶଗୁଡ଼ିକରେ କ୍ଷୁଧା ବୃଦ୍ଧି କରିବ। ତଥାପି, ଗୁଟେରସ୍ ଏବଂ ବ୍ଲିଙ୍କେନ୍‌ଙ୍କ ଭଳି ନେତାଙ୍କ ମନ୍ତବ୍ୟ ମିଥ୍ୟା ଭାବନା ସୃଷ୍ଟି କରିବାର ଆଶଙ୍କା ରହିଛି ଯେ, ବିଶ୍ୱ ଏହାର ଲୋକଙ୍କୁ ଖାଇବାକୁ ଦେବା ପାଇଁ ୟୁକ୍ରେନ୍ ଉପରେ ନିର୍ଭର କରେ। ବାସ୍ତବତାକୁ ଦେଖିବା। ପ୍ରତିବର୍ଷ ବିଶ୍ୱରେ ୭୫୦ ମିଲିୟନ ଟନ୍ ଗହମ ଏବଂ ୧.୧ ବିଲିୟନ ଟନ୍ ମକା ଉତ୍ପାଦନ ହୁଏ। ଏହା ମଧ୍ୟରୁ ୨୦% ଗହମ (୧୫୦ ମିଲିୟନ ଟନ୍) ଏବଂ ୬୧% ମକା (୬୭୧ ମିଲିୟନ ଟନ୍) ପ୍ରାଣୀମାନଙ୍କୁ 'କନ୍‌ସନଟ୍ରେଟେଡ୍ ଆନିମଲ୍ ଫିଡିଂ ଅପରେଶନ' ବା ସିଏଏଫ୍‌ଓଏସ୍ ଶିଳ୍ପଗୁଡ଼ିକରେ ଖାଇବାକୁ ଦିଆଯାଉଛି। ଏଥିରେ ବି ବିଶ୍ୱରେ ଉତ୍ପାଦିତ ସୋୟାବିନ୍‌ର ୭୭% ଉପଯୋଗ ହେଉଛି।

ଆମେ ଯେଉଁ ଖାଦ୍ୟ ଖାଇଥାଆନ୍ତେ ତାହାକୁ ପ୍ରାଣୀମାନଙ୍କୁ ଖାଇବାକୁ ଦେଉଥିବାବେଳେ ସେହି ପ୍ରାଣୀମାନଙ୍କଠାରେ ଶସ୍ୟ ତୁଳନାରେ କମ୍ କ୍ୟାଲୋରି ଓ ପ୍ରୋଟିନ୍ ପାଇଥାଉ। କାରଣ ପ୍ରାଣୀମାନେ ସେମାନଙ୍କ ଖାଦ୍ୟର ପୌଷ୍ଟିକ ତତ୍ତ୍ୱର ସିଂହଭାଗ ସେମାନଙ୍କ ଶରୀରକୁ ଉଷ୍ମ ରଖିବା, ଅସ୍ଥି ଓ ଅନ୍ୟ ଅଙ୍ଗର ବିକାଶରେ ବ୍ୟବହାର କରିଥାନ୍ତି, ଯାହାକୁ ଆମେ ଖାଇ ନ ଥାଉ। ଆମେରିକାରେ କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି, ମାଂସ ପାଇଁ ଗୋରୁମାନଙ୍କୁ ଖାଇବାକୁ ଦିଆଯାଉଥିବା ଶସ୍ୟ ଓ ସୋୟାକୁ ବିଚାରକୁ ନେଲେ ସେମାନଙ୍କ ମାଂସରେ ସେହି ଶସ୍ୟ ତୁଳନାରେ ୩% କମ୍ କ୍ୟାଲୋରି ଏବଂ ପ୍ରୋଟିନ୍ ରହୁଛି। ଘୁଷୁରିକୁ ଖାଇବାକୁ ଦେଲେ ୧୦% କମ୍ ଏବଂ କେବଳ କୁକୁଡ଼ାଙ୍କୁ ଖାଇବାକୁ ଦେଲେ ୨୧% ରହୁଛି। ଦେଖିବାକୁ ଗଲେ ଶସ୍ୟରୁ କ୍ୟାଲେରି ଓ ପ୍ରୋଟିନ୍‌ରେ ପରିଣତ କରିବାରେ କୁକୁଡ଼ା ସବୁଠୁ ଆଗରେ ରହୁଛି। ଏହିସବୁ ତଥ୍ୟକୁ ବିଚାରକୁ ନେଲେ ଧରିନେବାକୁ ହେବ ଯେ, ସିଏଏଫ୍‌ଓଏସ୍‌ରେ ସମସ୍ତ ପ୍ରାଣୀଙ୍କଠାରୁ ମିଳୁଥିବା ହାରାହାରି ପୋଷକ ୨୦% (ନିଶ୍ଚିତ ଭାବେ ଏହାଠାରୁ କମ୍)। ଆମେ ସିଦ୍ଧାନ୍ତରେ ପହଞ୍ଚିପାରିବା ଯେ, ପ୍ରାଣୀମାନଙ୍କୁ ୧୫୦ ମିଲିୟନ ଟନ୍ ଗହମ ଓ ୬୭୧ ମିଲିୟନ ଟନ୍ ମକା ଖାଇବାକୁ ଦେବା ଅର୍ଥ ୧୨୦ ମିଲିୟନ ଟନ୍ ଗହମ ଓ ୫୩୭ ମିଲିୟନ ଟନ୍ ନଷ୍ଟ କରିବା। ତୁଳନାତ୍ମକ ଭାବେ ଦେଖିବାକୁ ଗଲେ, ରୁଷିଆ ସହିତ ବ୍ଲାକ୍ ସି ଚୁକ୍ତି କାର୍ଯ୍ୟକାରୀ ହୋଇଥିବାବେଳେ ୟୁକ୍ରେନ୍ ରପ୍ତାନି କରୁଥିବା ୩୩ ମିଲିୟନ ଟନ୍ ଶସ୍ୟ ଏକ ମଧ୍ୟମ ପରିମାଣ ବୋଲି ବୁଝାପଡୁଛି।

ବିଶ୍ୱରେ ଯେଉଁ ଲୋକମାନଙ୍କ ପାଇଁ ଖାଦ୍ୟ ଜରୁରୀ ସେମାନଙ୍କୁ ସେଥିରୁ ବଞ୍ଚିତ କରିବାରେ ରୁଷିଆ ଦାୟୀ ବୋଲି ଯାହା ବ୍ଲିଙ୍କେନ୍ କହିଛନ୍ତି ତାହା ସତ। କିନ୍ତୁ ଆମେ ଏମିତି କହି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବା ଉଚିତ ନୁହେଁ ଯେ, ୟୁକ୍ରେନ୍‌ରୁ ଗହମ ନେଇ ଯାଉଥିବା ଜାହାଜ ଉପରେ ରୁଷିଆ ଆକ୍ରମଣ କରିବା ଭୟ ଯୋଗୁ ସୃଷ୍ଟି ହୋଇଥିବା ଖାଦ୍ୟାଭାବକୁ ରୁଷିଆକୁ ଛାଡ଼ିଦେଲେ ଅନ୍ୟ ଦେଶ ଦୂର କରିବାକୁ ଅସମର୍ଥ। କେବଳ ଆମେରିକା ସିଏଏଫ୍‌ଓଏସ୍‌ରେ ପ୍ରାଣୀସଂଖ୍ୟା ହ୍ରାସକଲେ ସେଥିରୁ ଯାହା ଶସ୍ୟ ବଳିବ ତାହାକୁ ରପ୍ତାନି କରି କେବଳ ୟୁକ୍ରେନ୍‌ର ରପ୍ତାନିଜନିତ କ୍ଷତିକୁ ରୋକାଯାଇପାରିବ। ଯଦି ସିଏଏଫ୍‌ଓଏସ୍‌ରୁ ଅଧିକାଂଶ ମାଂସ ଉତ୍ପାଦନ କରୁଥିବା ଅନ୍ୟ ଦେଶଗୁଡ଼ିକ ସମାନ ପନ୍ଥା ଆପଣାନ୍ତି ତା'ହେଲେ କାର୍ଯ୍ୟ ଆହୁରି ସହଜ ହୋଇଯିବ। ମାଂସ ଉପରେ ଟିକସ ଲଗାଇ ସରକାରଗୁଡ଼ିକ ସମଗ୍ର ବିଶ୍ୱରେ ଅଭାବୀ ଲୋକଙ୍କୁ ଖାଇବାକୁ ଦେବା ପାଇଁ ପର୍ଯ୍ୟାପ୍ତ ପରିମାଣର ଶସ୍ୟ ବଳାଇପାରିବେ। ଏହି ପ୍ରକ୍ରିୟାରେ, ସେମାନେ ମଧ ସ୍ଥାନୀୟ ବାୟୁ ଏବଂ ଜଳ ପ୍ରଦୂଷଣ କମାଇବା ସହ ଗ୍ରୀନ୍ ହାଉସ-ଗ୍ୟାସ୍ ନିର୍ଗମନ ହ୍ରାସ କରି ସେମାନଙ୍କ ଲୋକଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିପାରିବେ।

**ପ୍ରାଧ୍ୟାପକ, ବାୟୋଏଥିକ୍ସ, ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟ**

## ଏଇ ଭାରତରେ

ଜେଜେଙ୍କ ସ୍ୱପ୍ନ ପୂରଣ କରିବା ଲାଗି ସାଇ ବିଗ୍ନେଶ ତାଙ୍କ ଘରକୁ ବିକ୍ରି କରିଦେଇ ପ୍ରାଣୀମାନଙ୍କୁ ଉଦ୍ଧାର କରୁଛନ୍ତି। ୨୨ ବର୍ଷୀୟ ସାଇ ତାମିଲନାଡୁର ତିରୁଭାଲ୍ଲୁରରେ ଆନିମଲ କେୟାର ଟ୍ରଷ୍ଟ ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ଏବେ ସୁଦ୍ଧା ୨୫୦ ପ୍ରାଣୀଙ୍କୁ ଉଦ୍ଧାର କରି ତାଙ୍କ ନିଜସ୍ୱ ପ୍ରାଣୀ ଅଭୟାରଣ୍ୟରେ ରଖିଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ୮୦ କୁକର, ୨୫ ଛେଳି, ୧୧୬ ଗାଈ, ମଇଁଷି ଓ ଷେଣ୍ଢ, ୪ ଘୁଷୁରି, ୨ ଘୋଡ଼ା ଏବଂ ଆଉ କିଛି ପ୍ରାଣୀ। ସାଇଙ୍କ ପିଲାଦିନ କଟିଥିଲା ଚେନ୍ନାଇରେ। ସେ ବହୁ ସମୟ ତାଙ୍କ ଜେଜେବାପା ଓ ପୋଶାକୁକୁର ସହ ଖେଳନ୍ତି। କିନ୍ତୁ ସେହି କୁକୁରଟି କ୍ୟାନ୍‌ସରରେ ମରିଯିବା ପରେ ବୁଲାକୁକୁରଙ୍କୁ ଖାଇବାକୁ ଦେଇ ସେମାନଙ୍କ ସହ ସମୟ କଟାଇବା ଲାଗି ତାଙ୍କ ଜେଜେ କହିଥିଲେ। ପରେ ସେ ତାଙ୍କ ଅଞ୍ଚଳରେ ବୁଲାପ୍ରାଣୀଙ୍କୁ ଖାଦ୍ୟ ଓ ଚିକିତ୍ସା ଯୋଗାଇବା ଆରମ୍ଭ କରିଦେଲେ। ଏବେ ସେ ଗୋରୁ, କୁକୁର, ଛେଳ, ଘୁଷୁରି ଓ ଘୋଡାଙ୍କୁ ଉଦ୍ଧାର କରି ରଖିଛନ୍ତି। ଆରମ୍ଭରୁ ତାଙ୍କ ଜେଜେବାପା ଏହି କାର୍ଯ୍ୟ ଲାଗି ମାସକୁ ସାଇଙ୍କୁ ୩୦,୦୦୦ ଟଙ୍କା ଦେଉଥିଲେ। ଏବେ ପ୍ରାଣୀ ଉଦ୍ୟାନରେ ଥିବା ଖାଦ୍ୟ ଓ ଚିକିତ୍ସା ବାବଦରେ ଦିନକୁ ସେ ଏବେ ୧୮,୦୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏପରିକି ଏହି ଖର୍ଚ୍ଚ ବହନ କରିବା ଲାଗି ସେ ତାଙ୍କ ପୈତୃକ ସମ୍ପତ୍ତି ବି ବିକ୍ରି କରିଦେଇଛନ୍ତି। ପ୍ରତିଦିନ ଜଣେ ପ୍ରାଣୀ ଚିକିତ୍ସକ ଆସି ଏମାନଙ୍କୁ ପରୀକ୍ଷା ବି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

**୧୧ ଅଗଷ୍ଟ ୧୯୯୮**

- ଲଇକେରାସ୍ଥିତ 'ୱାଇଡ' ମହିଳା ତାମିଲକେନ୍ଦ୍ରର ୨ କର୍ମୀଙ୍କ ପ୍ରତି ହୋଇଥିବା ଗଣଧର୍ଷଣ ଘଟଣାର ସିବିଆଇ ତଦନ୍ତ ଦାବି କରି ଓଡ଼ିଶା ନାରୀ ସମାଜ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।
- ଜଷ୍ଟିସ୍ ପି.ବି. ସାୱନ୍ତ ପ୍ରେସ କାଉନସିଲର ଅଫ୍ ଇଣ୍ଡିଆ (ପିସିଆଇ)ର ଅଧ୍ୟକ୍ଷ ଭାବେ ପୁନଃ ନିର୍ବାଚିତ।
- ଜାର ଏସ୍. ସାଲାମସ୍ଥିତ ଆମେରିକା ଦୂତାବାସ ଉପରେ କାର୍ ବୋମା ଆକ୍ରମଣ କରିଥିବା ଘଟଣାରେ ୩ ଇରାନୀ ଉଗ୍ରପନ୍ଥୀ ଗିରଫ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | | | 1 | |
| | | | 9 | 3 | | | | |
| 5 | | | | 8 | 4 | | | |
| | | | | | | | 9 | |
| 6 | 9 | 1 | 2 | | | 7 | | |
| 2 | | | | 1 | | 5 | | |
| | 5 | | 3 | 4 | | | | |
| | 1 | 6 | | | | | | 4 |
| | 2 | | 6 | | | 8 | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 6 | 2 | 5 | 4 | 9 | 7 | 8 |
| 4 | 8 | 5 | 7 | 9 | 1 | 2 | 6 | 3 |
| 2 | 9 | 7 | 3 | 6 | 8 | 4 | 1 | 5 |
| 8 | 2 | 1 | 6 | 4 | 7 | 3 | 5 | 9 |
| 6 | 7 | 9 | 5 | 2 | 3 | 8 | 4 | 1 |
| 5 | 4 | 3 | 1 | 8 | 9 | 6 | 2 | 7 |
| 3 | 1 | 8 | 4 | 7 | 2 | 5 | 9 | 6 |
| 9 | 6 | 4 | 8 | 1 | 5 | 7 | 3 | 2 |
| 7 | 5 | 2 | 9 | 3 | 6 | 1 | 8 | 4 |

ଗତକାଲିର ଉତ୍ତର

# କାହା ଟଙ୍କା ଓ କେଉଁଠୁ ଆସୁଛି



ଡ. ସନ୍ତୋଷ କୁମାର ମହାପାତ୍ର

କିଛିଦିନ ତଳେ ଆମକୁ ହଠାତ୍ ଫୋନ କରି ଜଣେ ପାଠକ ପଚାରିଲେ ଯେ କେନ୍ଦ୍ର ସରକାର ଓଡ଼ିଶା ସରକାରଙ୍କୁ କ'ଣ ଗତ ୯ ବର୍ଷରେ ୧୮.୮୩ ଲକ୍ଷ କୋଟି ଟଙ୍କା ଦେଇଛନ୍ତି। ଆମେ ଆଶ୍ଚର୍ଯ୍ୟ ହୋଇ ପଚାରିଲୁ କିଏ ଆପଣଙ୍କୁ ଏ କଥା କହିଲା ? ସେ କହିଲେ ଏକଥା ଖବରକାଗଜରେ ବାହାରିଛି। ଆମେ କହିଲୁ ଗତ ୯ ବର୍ଷର ଓଡ଼ିଶା ସରକାରଙ୍କ ମୋଟ ବଜେଟ ବ୍ୟୟ ଅଟକଳ ମିଶାଇଲେ ୧୮ ଲକ୍ଷ କୋଟି ଟଙ୍କା ହେବ ନାହିଁ। ଆମେ ଠିକ୍ ତଥ୍ୟ ଜାଣିବା ପାଇଁ ଓଡ଼ିଶା ସରକାରଙ୍କ ଗତ ୯ ବର୍ଷର ବଜେଟ (୨୦୧୪-୧୫ରୁ ୨୦୨୨-୨୩) ଅଧ୍ୟୟନ କଲୁ, ରାଜ୍ୟର ମୋଟ ରାଜସ୍ୱ ପ୍ରାପ୍ତିରେ ରାଜ୍ୟର ନିଜର ଟିକସ ରାଜସ୍ୱ, ଅଣଟିକସ ରାଜସ୍ୱ, କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ, କେନ୍ଦ୍ରୀୟ ଅନୁଦାନ ସମ୍ମିଶ୍ରଣ ଅଟେ। କେନ୍ଦ୍ର ଚାହିଁଲେ ବି ମନଇଚ୍ଛା ଦେଇପାରିବ ନାହିଁ। ଏଣୁ ଗତ ୯ ବର୍ଷରେ ଓଡ଼ିଶାର ବଜେଟ ପରିମାଣ ମିଶାଇଲେ ୧୦ ଲକ୍ଷ ୬୪ ହଜାର ୫୭୬ କୋଟି ଟଙ୍କା ହୋଇଥିଲାବେଳେ କେନ୍ଦ୍ର ଦେଇଛି ୪,୬୧,୮୪ କୋଟି ଟଙ୍କା। ସେଥିରେ କେନ୍ଦ୍ରୀୟ ଅନୁଦାନ ବାବଦରେ ୧୮୭୫୩୪.୩୭ କୋଟି ଟଙ୍କା ଥିଲାବେଳେ, କେନ୍ଦ୍ରୀୟ ପାଣ୍ଠି ହସ୍ତାନ୍ତର ବାବଦରେ ୨୭୪୩୪୯.୮୪ କୋଟି ଟଙ୍କା ମିଳିଛି।

ସେ ଦ୍ୱିତୀୟ ପ୍ରଶ୍ନ କରିଥିଲେ ପୂର୍ବ ଉପା ସରକାରଙ୍କ ୧୦ବର୍ଷରେ ମାତ୍ର୨.୯୩ ଲକ୍ଷ କୋଟି ଟଙ୍କା ମିଳିଥିଲା। ଆମେ ତାଙ୍କୁ ଓଲଟି ପ୍ରଶ୍ନ କଲୁ ପୂର୍ବ ବାଜପେୟୀ ସରକାରଠାରୁ ଉପା ସରକାରଙ୍କ ଅମଳରେ ହାରାହାରି ବାର୍ଷିକ ଅଧିକ ଆସିଥିଲା ନା ନାହିଁ ? ସେମିତି ବାଜପେୟୀ ସରକାର ଅମଳରେ ତା'ର ପୂର୍ବ ସରକାରଠାରୁ ମଧ ଅଧିକ ଆସିଥିଲା ନା ନାହିଁ। ଏକଥା ସତ୍ୟ ଯେ ପୂର୍ବ ଉପା ସରକାର ତୁଳନାରେ ନାମାଙ୍କନ ମୂଲ୍ୟରେ ଅଧିକ ଦେଇଛନ୍ତି। କିନ୍ତୁ ଏମିତି କ'ଣ ନାମାଙ୍କନ ମୂଲ୍ୟରେ ତୁଳନା କରାଯାଏ। ମୁଦ୍ରାସ୍ଫୀତିକୁ ବିଚାରକୁ ନେଇ ବିଚାର କରାଯାଏ। ଏବର୍ଷ ୧୦୦୦ଟଙ୍କାରେ ଜଣେ ଯେଉଁ ଜିନିଷ କିଣିବ, ସେହି ଜିନିଷ ଆଗାମୀ ବର୍ଷରେ କ'ଣ ସେହି ୧୦୦୦ ଟଙ୍କାରେ କିଣିହେବ। ୧୦ ବର୍ଷ ତଳେ ଗୋଟିଏ ଘର କଲେ କେତେ ଟଙ୍କା ପଡୁଥିଲା ଏବଂ ବର୍ତ୍ତମାନ କେତେ ପଡୁଛି ? ଆମେ ସ୍କୁଲରେ ପଢୁଥିଲାବେଳେ ଖାସି ମାଂସ କିଲୋ ୫ ଟଙ୍କା ଥିଲା କିନ୍ତୁ ବର୍ତ୍ତମାନ ୭୦୦ ଟଙ୍କାରୁ ଅଧିକ। ୧୯୮୬-୮୮ରେ ରେଭେନ୍ସାରେ ପିଜି କଲାବେଳେ ମାସିକ ୫୦୦ ଟଙ୍କାରେ ସବୁ ଖର୍ଚ୍ଚ ଯାଇ ବଳୁଥିଲା। କିନ୍ତୁ ଏବେ ସ୍କୁଲରେ ନାଁ ଲେଖିଲା ବେଳକୁ ୫୦, ୦୦୦ ଦରକାର। ୧୯୪୭ରେ କେନ୍ଦ୍ର ସରକାରଙ୍କର ବଜେଟ ବ୍ୟୟ ଅଟକଳ ୧୯୭.୩୯ କୋଟି ଟଙ୍କା ଥିଲାବେଳେ ୧୯୮୦-୮୧ରେ ୩୪,୪୪୬ କୋଟି ଟଙ୍କାରେ ପହଞ୍ଚିଥିଲା। ୨୦୨୨-୨୩ରେ ୩୯.୪୪ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଏସବୁର ବୃଦ୍ଧି ମୁଦ୍ରାସ୍ଫୀତିକୁ ନେଇ ବିଚାର କରାଯାଏ ବା ଦେଶର ଜିଡିପି ଅନୁସାରେ ବା ଅନ୍ୟ ଦେଶ ତୁଳନାରେ ବିଚାର କରାଯାଏ, ଯାହା ସରକାର କରୁନାହାନ୍ତି। ପୁନଶ୍ଚ କେନ୍ଦ୍ର ସରକାରଙ୍କ ବଜେଟ ଆକାର ଜିଡିପି ଅନୁସାରେ ବୃଦ୍ଧିପାଉ ନାହିଁ ବରଂ ହ୍ରାସ ପାଉଛି ଏବଂ ଅନ୍ୟ ଦେଶ ତୁଳନାରେ ଭାରତରେ ଏହା ବହୁତ କମ୍ ମଧ। ଏଣୁ ଅଧିକା କେମିତି ଦେଲେ ?

ପୁନଶ୍ଚ ୨୦୧୪-୧୫ରେ ଓଡ଼ିଶା ବଜେଟ ବ୍ୟୟବରାଦ ୬୦, ୨୩୨.୬୪ କୋଟି ଟଙ୍କା ହୋଇଥିଲା ବେଳେ କେନ୍ଦ୍ରୀୟ ଅନୁଦାନ ୧୩୩୨୬.୨୭ କୋଟି ଟଙ୍କା ଏବଂ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ୧୫୯୦୩.୮୮ କୋଟି ଟଙ୍କା ମିଶି ମୋଟ୨୯୨୩୦ .୧୫ କୋଟି ଟଙ୍କା ଓଡ଼ିଶା ପାଇଥିଲା। ୨୦୨୩-୨୪ରେ ଓଡ଼ିଶା ବଜେଟ ମୋଟ ବ୍ୟୟ ଅଟକଳ ୨ଲକ୍ଷ ୩୦ ହଜାର କୋଟି ଟଙ୍କା ଧାର୍ଯ୍ୟ ହୋଇଥିଲା ବେଳେ, କେନ୍ଦ୍ରୀୟ ଅନୁଦାନ ୩୨୭୪୮. ୮୨ କୋଟି ଟଙ୍କା ଏବଂ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ୪୬୨୫୧.୧୮ କୋଟି ଟଙ୍କା ମିଶି ମୋଟ ୭୯,୦୦୦ କୋଟି ଟଙ୍କା ଓଡ଼ିଶା ପାଇବ। ଏହାର ଅର୍ଥ ଓଡ଼ିଶାର ବଜେଟ ଅଟକଳରେ ଉପା ସରକାର ଅମଳର ଶେଷ ବର୍ଷରେ କେନ୍ଦ୍ରର ଅଂଶ ୪୮.୫୨% ଥିଲାବେଳେ ମୋଦି ସରକାରଙ୍କର ୨୦୨୩-୨୪ରେ ଏହା ୩୪.୩୪%କୁ ଖସି ଆସିଛି। ପୁନଶ୍ଚ କେନ୍ଦ୍ର ରାଜ୍ୟକୁ ଦୟାକରି ଦିଏନାହିଁ। ଏହା ଆମ ସଂଘୀୟ ବ୍ୟବସ୍ଥାର ଏକ ଅଂଶ। ସମ୍ବିଧାନର ଧାରା ୨୭୦ ଅନୁଯାୟୀ କେନ୍ଦ୍ର ଯେଉଁ ଟିକସ ଆଦାୟ କରିଥାଏ, ତାହା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବଣ୍ଟନ କରାଯାଇଥାଏ। ଉଲ୍ଲେଖଯୋଗ୍ୟ ଯେ ପଞ୍ଚଦଶ ଅର୍ଥ ଆୟୋଗ ଅନୁଯାୟୀ, ରାଜ୍ୟଗୁଡ଼ିକ ୬୨%ରୁ ଅଧିକ ଖର୍ଚ୍ଚ ଦାୟିତ୍ୱ ବହନ କଲାବେଳେ ରାଜସ୍ୱ ଆଦାୟ କରିବାର କ୍ଷମତା ମାତ୍ର ୩୭%। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ହାତରେ ରାଜସ୍ୱ ସଂଗ୍ରହ କ୍ଷମତାର ୬୩% ଥିଲାବେଳେ ମାତ୍ର ୩୮% ଖର୍ଚ୍ଚ ବହନ କରିଥାନ୍ତି। ପୁନଶ୍ଚ ଜିଏସ୍‌ଟି କାର୍ଯ୍ୟକାରୀ ହେବାପରେ ରାଜ୍ୟଗୁଡ଼ିକର ଟିକସ ଆଦାୟ କରିବାର କ୍ଷମତା ସଙ୍କୁଚିତ ହୋଇଛି। ସମ୍ବିଧାନର ଧାରା ୨୭୯ ଅନୁଯାୟୀ କେନ୍ଦ୍ରର ବିଭାଜିତ ପାଣ୍ଠିରେ କେନ୍ଦ୍ର ସେସ୍ ଏବଂ ସର୍‌ଚାର୍ଜ ବାବଦରେ ଯେଉଁ ସମ୍ବଳ ପାଇଥାଏ, ସେଥିରେ ଯୋଗ ହୋଇ ନ ଥାଏ। ଏଣୁ ଚତୁରତାର ସହିତ, କେନ୍ଦ୍ର ବର୍ଷ ବର୍ଷ ଧରି ସେସ୍ ଏବଂ ସର୍‌ଚାର୍ଜ ମାଧ୍ୟମରେ ଅତିରିକ୍ତ ରାଜସ୍ୱ ସଂଗ୍ରହ କରିଆସୁଛି।



ଯଦି ଆମ ଓଡ଼ିଶା କଥା ବିଚାର କରିବା ତେବେ ପ୍ରତି ଅର୍ଥ ଆୟୋଗ ସୁପାରିସ ଅନୁଯାୟୀ ଓଡ଼ିଶାର ଅଂଶ ମୋଟ ବିଭାଜିତ ପାଣ୍ଠିରେ ହ୍ରାସ ପାଇଛି। ଦ୍ୱାଦଶ ଅର୍ଥ କମିଶନ ଅନୁଯାୟୀ ଓଡ଼ିଶାର ଅଂଶ ୫.୧୬ % ଥିଲା। ଏହା ତ୍ରୟୋଦଶ ଅର୍ଥ କମିଶନ ୪.୭୭%, ଚତୁର୍ଦ୍ଦଶ ଅର୍ଥ କମିଶନ ୪.୬୪% ଏବଂ ପଞ୍ଚଦଶ ଅର୍ଥ କମିଶନ ରିପୋର୍ଟରେ ୪.୬୨%କୁ ହ୍ରାସପାଇଛି। ଏଣୁ ଓଡ଼ିଶା ଏହି ସରକାର ଅମଳରେ ଅଧିକ ପାଇ ନାହିଁ।

ପୁନଶ୍ଚ କେନ୍ଦ୍ର ବା ରାଜ୍ୟ ସରକାର ଯାହା ଦେଉଛନ୍ତି; କେନ୍ଦ୍ର ରାଜ୍ୟକୁ ଯାହା ଦେଉଛି ତାହା ଲୋକଙ୍କଠାରୁ ଟିକସ ବାବଦରେ ଆଦାୟ ହେଉଛି। ଏଣୁ ଟିକସଦାତାଙ୍କ ଅର୍ଥରେ ବ୍ୟୟ କରି ଶାସକ ଶ୍ରେଣୀ ସେହି ଟିକସଦାତାଙ୍କ ଅର୍ଥରେ ଅଯଥାରେ ପୁଣି କାହିଁକି ବାହାବା ନେବାପାଇଁ ପ୍ରଚାର କରୁଛନ୍ତି ? ଯିଏ ଶାସନ କରୁନା କାହିଁକି ବଜେଟ ଆକାର ନାମାଙ୍କନ ମୂଲ୍ୟରେ ବୃଦ୍ଧିପାଇବ ଏବଂ ସରକାର ବ୍ୟୟ କରିବାକୁ ବାଧ୍ୟ। କିନ୍ତୁ ଟଙ୍କାଟିଏ ବ୍ୟୟ କଲେବି କ'ଣ ପ୍ରଚାର ଆବଶ୍ୟକ ? ପୂର୍ବରୁ ଟିକସର ବୋଝ ଧନୀଙ୍କ ଉପରେ ପଡୁଥିଲାବେଳେ ବର୍ତ୍ତମାନ ବେଶି ପରୋକ୍ଷ କର ବୃଦ୍ଧି ଯୋଗୁ ଗରିବଙ୍କ ଉପରେ ପଡୁଛି। ଧନୀମାନେ ଟିକସ ଭୂସ୍ୱର୍ଗରେ ତାଙ୍କ କଳା ଟଙ୍କା ରଖି ଟିକସ ଫାଙ୍କିଲାବେଳେ, ସାଧାରଣ ଲୋକ ଜିଏସ୍‌ଟି, ପେଟ୍ରୋଲିୟମ ସାମଗ୍ରୀ ଉପରେ ଅହେତୁକ ଟିକସ ଏପରିକି କଷ୍ଟାର୍ଜିତ ସଞ୍ଚୟର ସୁଧ ଓ ବୀମା ପ୍ରିମିୟମ ଉପରେ ଟିକସ ଦେବାକୁ ପଡୁଛି। ଆଜି ଗରିବ ଅବହେଳିତ ଓ ଧନୀଙ୍କ ପାଇଁ ଅମୃତବେଳା ଆସିଛି।

ମୋ:୯୪୩୭୨୦୮୭୬୨

# ଅଭିଭାବକଙ୍କ ମୁଣ୍ଡରେ ଚଡ଼କ



ଗଙ୍ଗାଧର ସାମଲ

ଜିଏସ୍‌ଟି ଲାଗିବା ଦିନଠାରୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବଢ଼ିଥିବା ବେଳେ ଏଥିଲାଗି ଗରିବ ଓ ମଧ୍ୟବିତ୍ତ ସର୍ବାଧିକ ସମସ୍ୟା ଭୋଗୁଛନ୍ତି। ଗୋଟିଏ ପଟେ ଜିଏସ୍‌ଟି ପ୍ରଭାବରୁ ମୁଢ଼ି ଓ ଚୁଡ଼ା ବର୍ଜ୍ଜି ନ ଥିବା ବେଳେ ଶିକ୍ଷା କ୍ଷେତ୍ରରେ ମଧ ମହଙ୍ଗାମାଡ଼ ଅଭିଭାବକଙ୍କ ଉପରେ ବୋଝ ସଦୃଶ ହୋଇଛି। ସରକାର ସାଧାରଣ ପେନ୍, ପେନ୍‌ସିଲ, ଖାତା, ରବର, କାଗଜ, ଭଳି ବିଭିନ୍ନ ସାମଗ୍ରୀ ଉପରେ ୧୮% ଜିଏସ୍‌ଟି ଲଗାଇଥିବାରୁ ଏବେ ଏହାର ପ୍ରଭାବ ଶିକ୍ଷା ଉପରେ ପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପିଲାମାନଙ୍କର ନୋଟ୍ ବୁକ୍ ଯାହା ସେମାନଙ୍କ ଲାଗି ଅତି ଆବଶ୍ୟକ ସେଥିରେ ମଧ ୧୮% ଜିଏସ୍‌ଟି ଲଗାଯାଇଛି। ଏବେ ଲୋକମାନେ ମହଙ୍ଗାମାଡ଼ରେ ତ୍ରାହି ତ୍ରାହି ଡାକିଲେଣି। ଖାଦ୍ୟ, ବସ୍ତ୍ର ଓ ଶିକ୍ଷା ହେଉଛି ସାଧାରଣ ଲୋକର ଅତ୍ୟାବଶ୍ୟକ ଜିନିଷ। ଏହି ତିନୋଟି ଉପରେ ସରକାର ୫%ରୁ ୧୮% ପର୍ଯ୍ୟନ୍ତ ଜିଏସ୍‌ଟି ଲଗାଇଛନ୍ତି। ଯାହାଫଳରେ ଏସବୁଥିରେ ଦରଦାମ୍ ଦୁଇଗୁଣା ପର୍ଯ୍ୟନ୍ତ ବଢ଼ିଯାଇଛି।

କେଜିରୁ ପିଜି ପର୍ଯ୍ୟନ୍ତ ପିଲାଙ୍କ ଅତି ଆବଶ୍ୟକ ପେନ୍‌ସିଲ ଦାମ୍ ମଧ ଦୁଇଗୁଣା ବଢ଼ିଛି। ପୂର୍ବରୁ ଏହାର ୧୦୦ପିସ୍‌ର ପ୍ୟାକେଟ୍ ପିଛା ୨୨୦ ଟଙ୍କାରେ ଆମେ କିଣୁଥିବାବେଳେ ଏବେ ଏହା ୩୬୦ଟଙ୍କା କିଣିବାକୁପଡୁଛି। ସେହିପରି କେଜିରେ ପଢୁଥିବା ପିଲାଙ୍କ ଛବିବହି ଉପରେ ମଧ ୧୨% ଟ୍ୟାକ୍ସ ଲାଗିଛି। ନୋଟ୍ ବୁକ୍ କଥା ନ କହିବା ଭଲ। କାଗଜ ଉପରେ ୧୨ରୁ ୧୮% ପର୍ଯ୍ୟନ୍ତ ଜିଏସ୍‌ଟି ଲାଗିବା ପରେ ଏହା ମଧ ବେଶ୍ ମହଙ୍ଗା ହୋଇଯାଇଛି। ପୂର୍ବରୁ ଗୋଟିଏ ନୋଟ୍ ବୁକ୍ ୩୦ଟଙ୍କାରେ ବିକ୍ରି ହେଉଥିବା ବେଳେ ୨ରୁ ୩ବର୍ଷ ମଧ୍ୟରେ ଏହାର ଦାମ୍ ୫୦ଟଙ୍କାରେ ପହଞ୍ଚିଛି। ପେନ୍‌ସିଲ, କଟର ଓ ରବର ଉପରେ ମଧ ୧୨% ଟ୍ୟାକ୍ସ ଲାଗୁଛି ବୋଲି ଜଣେ ବ୍ୟବସାୟୀ କହିଛନ୍ତି। ତେବେ ଅଭିଭାବକଙ୍କ ମତରେ ପିଲା ଏଥିରେ ସର୍ବାଧିକ ପ୍ରଭାବିତ ହେଉଛନ୍ତି। ପୂର୍ବରୁ ଖାତା, ବହି, ପେନ୍, ପେପର, ପେନ୍‌ସିଲ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ଲାଗି ମାସିକ ୨ ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏବେ ଅତିରିକ୍ତ ୧ ହଜାର ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ସବୁ ଦିଗରୁ ବିଚାର କଲେ ଦୁଇ କିମ୍ବା ତିନୋଟି ପିଲାଙ୍କ ପଢା ଖର୍ଚ୍ଚ ବହନ କରିବା ଏକ ନିମ୍ନ ମଧ୍ୟବିତ୍ତ ପରିବାର ପାଇଁ ବୋଝ ପାଲଟିଯାଉଛି। ଆହୁରି ଅଧିକ ସନ୍ତାନ ଥିବା ପରିବାର କଥା ନ କହିବା ଭଲ। ପଢା ଖର୍ଚ୍ଚ ବହନ କରିବାରେ ଅକ୍ଷମତା ହିଁ ପିଲାଙ୍କ ସ୍କୁଲ ଛାଡ଼ିବାର ଏକ କାରଣ ବୋଲି କୁହାଯାଇପାରେ।

ନୋଟ୍ ବୁକ୍‌ଠାରୁ ଆରମ୍ଭ କରି ନିଜ ସ୍କୁଲର ସ୍ୱତନ୍ତ୍ର ବହି ପିଲାଙ୍କୁ ଯୋଗାଯାଉଛି। ଏହି ବାବଦରେ ୧୮% ପର୍ଯ୍ୟନ୍ତ ଅଧିକ ଟ୍ୟାକ୍ସ ପୈଠ କରିବାକୁ ପଡୁଛି। ସ୍କୁଲ ବସ୍‌ରେ ମଧ ପିଲାଙ୍କ ଯିବା ଆସିବା ଉପରେ ଟ୍ୟାକ୍ସ ଲାଗୁଛି। ସେହିପରି ପିଲାଙ୍କ କପଡ଼ା, ଜୋତା, ଟି-ଶାର୍ଟ କାନ୍‌ଭାସ ଜୋତା ଉପରେ ୧୨%ରୁ ୧୮% ଜିଏସ୍‌ଟି ଲାଗୁଛି। ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ବର୍ଗର ଅଭିଭାବକମାନେ ଗୋଟିଏ ପଟେ ପିଲାଙ୍କୁ ଭଲ ଶିକ୍ଷା ଦେଇ ମଣିଷ କରିବାକୁ ଚାହୁଁଥିବା ବେଳେ ଏବେ ସେମାନଙ୍କ ପାଠପଢ଼ା ଲାଗି ନିଜର ପେଟ କାଟି ସଞ୍ଚୟ କରିବାକୁ ପଡୁଛି। ଉଚ୍ଚଶିକ୍ଷାରେ ମଧ ସମାନ ଅବସ୍ଥା। ଯୁକ୍ତ୨ ପରେ ପିଲାଙ୍କ ମେଡିକାଲ, ଇଞ୍ଜିନିୟରିଂ କୋଚିଂ ଉପରେ ମଧ ୧୮% ଜିଏସ୍‌ଟି ଲାଗୁଛି। ପୂର୍ବରୁ ଏହା ୧୫% ଥିବାବେଳେ ପୁଣି ୩% ବଢ଼ିଛି। ସାଧାରଣତଃ ଗୋଟଏ ଭଲ କୋଚିଂ ସେଣ୍ଟରରେ ପିଲା ପଢ଼ିବା ଲାଗି ପୂର୍ବରୁ ବାର୍ଷିକ ୧ଲକ୍ଷରୁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଆଯାଉଥିବାବେଳେ ଏବେ ଏଥିରେ ଅଧିକ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଜିଏସ୍‌ଟି ଲାଗୁଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ଡାଲି, ଚାଉଳ, ତେଲ, ଲୁଣ ସହ ମେଡିସିନ ଦର ବଢ଼ିଥିବାବେଳେ ପାଠପଢ଼ା ସାମଗ୍ରୀ ଓ ବିଭିନ୍ନ ମ୍ୟାନେଜମେଣ୍ଟ କୋର୍ସ ଉପରେ ଜିଏସ୍‌ଟି ଲାଗିବା ଦ୍ୱାରା ସର୍ବାଧିକ ମଧ୍ୟବିତ୍ତବର୍ଗର ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ କମ୍ପ୍ୟୁଟର ଓ ଲାପଟପ୍ ଉପରେ ମଧ ୧୮ରୁ ୨୮% ଟ୍ୟାକ୍ସ ପୈଠ କରିବାକୁ ପଡୁଛି। ସରକାର ଏଗୁଡ଼ିକୁ ବିଚାର କରିବା କଥା। ସାଧାରଣତଃ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ସାମଗ୍ରୀ ଉପରୁ ଜିଏସ୍‌ଟିକୁ ବାଦ୍ ଦେବା ଦରକାର।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ମୋ:୯୪୩୭୨୨୬୬୪୭**

## ପାଠକ ଶ୍ରେଷ୍ଠ ବିଚାରକ

### କଳିଙ୍ଗ ବିହାରରେ ପାର୍କ ନିର୍ମାଣ ହେଉ

ମହାଶୟ,

ବର୍ତ୍ତମାନ ବିଶ୍ୱ ସମ୍ମୁଖୀନ ହେଉଥିବା ଅନ୍ୟତମ ପ୍ରମୁଖ ସମସ୍ୟା ହେଉଛି ସ୍ୱାସ୍ଥ୍ୟ। ବିଶେଷ କରି ଶିଶୁ, କିଶୋର ଏବଂ ବୟସ୍କମାନେ ବିଭିନ୍ନ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଛନ୍ତି। ଯୋଗ, ପ୍ରାଣାୟାମ ଏବଂ ପ୍ରାତଃ ଭ୍ରମଣ ଉପରେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଅଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜାତୀୟ ରାଜପଥ କଡ଼ରେ ବିଡିଏ ଦ୍ୱାରା ୧୯୯୪ରେ ସ୍ଥାପିତ କଳିଙ୍ଗ ବିହାର ଏକ ଆବାସିକ କଲୋନୀ। ଅଧୁନା ଏହି କଲୋନୀରେ ବହୁ ବରିଷ୍ଠ ନାଗରିକଙ୍କ ସମେତ ପ୍ରାୟ ପନ୍ଦର ହଜାର ଲୋକ ବାସ କରୁଛନ୍ତି। ପାର୍କ ଅଭାବରୁ ବରିଷ୍ଠ ନାଗରିକ ତଥା ପିଲାମାନେ ଖେଳିବା ବୁଲିବା ଲାଗି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଡିଏ, ମହାନଗର ନିଗମକୁ ନିବେଦନ ଏହି ଆବାସିକ କଲୋନୀରେ ଏକ କମ୍ୟୁନିଟି ସେଣ୍ଟର ଓ ସକାଳ ସାନ୍ଧ୍ୟ ଭ୍ରମଣ ଲାଗି ଏକ ପାର୍କ ନିର୍ମାଣ କରାଯାଉ।

**-ପ୍ରତାପ ନାୟକ, କଳିଙ୍ଗ ବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସତ୍ୟର ପ୍ରକାଶ ଆଶେ ଯେ କରଇ ପ୍ରାଣାନ୍ତ ସାଧନା,
ମରମେ ବୁଝଇ ସେହୁ ସୃଜନର ନିଗମ ବେଦନା।
ଯେ ବାସନା ବହୁ ଯୁଗୁଁ ପରାଣେ ସଞ୍ଚିତ
କଳ୍ପନାର ଭୂଷଣେ ବ୍ୟଞ୍ଜିତ।

(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଶ୍ରମକାର୍ଡ ପାଇଲେ ୧୪୪ ଶ୍ରମିକ

ପଦ୍ମପୁର,୧୦।୮(ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ଲକ ଲଖମରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଗୁରୁବାର ଲଖମରା, ଧୁମାଭଟା, ମହୁଲପାଲି, କୁଲାଣ୍ଡି, କୁଧରେନପାଲି, ପୁଝାରୀପାଲି, ବମ୍ଭରିଡ, ଦର୍ଲିପାଲି ଗ୍ରାମର ୧୪୪ ହିତାଧିକାରୀଙ୍କୁ ଶ୍ରମକାର୍ଡ ବଣ୍ଟନ କରିଛନ୍ତି। ଶ୍ରମକାର୍ଡ ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। ହୃଦାନନ୍ଦ ବାରିକ, ସମିତି ସଭ୍ୟା ଶିବାନୀ ଲୁହାର, ପଞ୍ଚାୟତ ବିଜେଡି ସଭାପତି ଅମରେଶ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ।

### ସରସତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ପଦ୍ମପୁର,୧୦।୮(ପ୍ରଦୀପ୍ତ ଦାଶ)

ପଦ୍ମପର ଉପଖଣ୍ଡ ସର୍ଗିବାହାଲସ୍ଥିତ ସରସତୀ ଶିଶୁ ମନ୍ଦିରରେ ଗୁରୁବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଯାଇଛି। କାର୍ଯ୍ୟକ୍ରମରେ ପରିଚାଳନା ସମିତି ସମ୍ପାଦକ ପ୍ରହ୍ଲାଦ ସାହୁ, ଉପ ସଭାପତି ମୁରଲୀଧର ସାହୁ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିଶୁମାନଙ୍କ ଦାରା ୧୨୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅଞ୍ଚଳ ମହାବିଦ୍ୟାଳୟର ଅବସରପ୍ରାପ୍ତ ଗଣିତ ଅଧ୍ୟାପକ ଚଉବନ ସ୍ୱାଇଁ ଏବଂ ଇଚ୍ଛାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲାବଣ୍ୟ କୁମାର ପଧାନ ବିଚାରକ ଭାବେ ଯୋଗ ଦେଇଥିଲେ। ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

### କ୍ରୀଡ଼ାବିତ୍‌ଙ୍କୁ ଆଇଜିଙ୍କ ସମ୍ବର୍ଦ୍ଧନା

ବରଗଡ଼,୧୦।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସରଲା ଗ୍ରାମ ନିବାସୀ ତଥା ବର୍ତ୍ତମାନ ବରଗଡ଼ ସଦର ଥାନାର ପୋଲିସ କର୍ମଚାରୀ ସନ୍ତୋଷ କୁମାର ପ୍ରଧାନଙ୍କୁ ଗୁରୁବାର ଉତ୍ତରାଞ୍ଚଳ ଆଇଜି ଡ. ଦୀପକ କୁମାର ନିଜ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିଛନ୍ତି। ସନ୍ତୋଷ ଅନ୍ତର୍ଜାତୀୟ କ୍ରୀଡ଼ାରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ବହୁବାର ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଗତ ମାସରେ ସେ ଇନ୍ଦୋରରେ ଅନୁଷ୍ଠିତ ଦି ୱାର୍ଲ୍ଡ ବୁକ୍ ଅଫ ଷ୍ଟାର ରେକର୍ଡ ସମାରୋହରେ ତାଙ୍କୁ ରାଷ୍ଟ୍ର ପ୍ରେରଣା ସମ୍ମାନ ପ୍ରଦାନ କରାଯାଇଥିଲା। ଏହାପୂର୍ବରୁ ସେ ଇଣ୍ଡିଆ ବୁକ୍ ଅଫ ରେକର୍ଡ଼ରେ ସ୍ଥାନ ପାଇଥିବାବେଳେ ଆଚିଭର୍ସ ଆୱାର୍ଡ ମଧ୍ୟ ହାସଲ କରିଛନ୍ତି। ଜଣେ ପୋଲିସ କର୍ମଚାରୀ ଏଭଳି ଗୌରବ ଆଣିଥିବାରୁ ଉତ୍ତରାଞ୍ଚଳ ଆଇଜି ତାଙ୍କୁ ସମ୍ବର୍ଦ୍ଧନା ଦେଇଛନ୍ତି ।



ଉତ୍ତରାଞ୍ଚଳ ଆଇଜି କ୍ରୀଡ଼ାବିତ୍ ସନ୍ତୋଷ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

# ଜିରା ନଦୀ ପୋଲରେ ଗର୍ତ୍ତ, ବଢୁଛି ଦୁର୍ଘଟଣା

ଭେଡ଼େନ, ୧୦।୮(ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅର୍ନ୍ତଗତ ତଥା ଗୋଡ଼ଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥର ଗଣ୍ଡତୁରୁମ ଜୀରା ନଦୀ ପୋଲ ଛାତରେ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଆବଶ୍ୟକ ମରାମତି ଅଭାବରୁ ସେହି ଗର୍ତ୍ତଗୁଡ଼ିକ ଗଭୀର ହୋଇଛାତର ସେଣ୍ଟ୍ରିଂ ଲୁହା ଛଡ଼ ବାହାରକୁ ବାହାରି ପଡ଼ିଛି। ଅପରପକ୍ଷେ ଉକ୍ତ ଗର୍ତ୍ତରେ ପାଣି ଜମି ରହୁଥିବାରୁ ଗାଡ଼ି ଗୁଡ଼ିକ ଜାଣି ନପାରି ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏପରିକି ବିଗତ ଦୁଇ ବର୍ଷ ମଧ୍ୟରେ ଏଠାରେ ୪ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ବାଇକ୍ ଆରେହୀ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଏ ନେଇ ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ବି କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉ ନାହିଁ ।

ବରଗଡ଼ ଜିଲାର ସୀମାନ୍ତରେ ଅବସ୍ଥିତ ପୋଲଟି ସିଧାସଳଖ ପଡ଼େଶୀ ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀର ସମେତ ଜଗନ୍ନାଥ ରୋଡ଼ ଦେଇ ପୁରୀ, କଟକ, ନୟାଗଡ଼, ଖୋର୍ଦ୍ଧା ଆଦି ଜିଲାକୁ ସଂଯୋଗ କରୁଛି । ଏହି ରାସ୍ତା ଦେଇ ପ୍ରତ୍ୟହ ଶହଶହ ମାଲବୋଝେଇ ଟ୍ରକ, ଟ୍ୟାଙ୍କର, ଯାତ୍ରୀବାହୀ ବସ ବ୍ରହ୍ମପୁର, ଭୁବନେଶ୍ୱର, କଟକକୁ ଯାତାୟତ କରୁଛି। ସୂଚନାଯୋଗ୍ୟ ଯେ, ମହାନଦୀ ଓ ଜୀରାନଦୀର ସଙ୍ଗମସ୍ଥଳର ମାତ୍ର ୧ କିଲୋମିଟର ଦୂରତାରେ ଏହି ପୋଲ ରହିଛି। ତେବେ ବର୍ଷାଦିନେ ମହାନଦୀରେ ବନ୍ୟା ପାଣି ପ୍ରବାହିତ ହେଲେ ଜୀରାନଦୀର ପଛୁଆ ପାଣି ଉପରକୁ ଫୁଲି ଉଠି ପୋଲ ଉପରେ ପ୍ରବାହିତ ହୋଇଥାଏ। ଏପରିକି ଏହି ରାସ୍ତା ଦେଇ ଯାତାୟାତ ବିଚ୍ଛିନ୍ନ ହୋଇଥାଏ । ବନ୍ୟାପରେ ପୋଲର ବାଡ଼ ଭାଙ୍ଗି ଛାତକୁ ଦୁର୍ବଳ କରିଥାଏ। ପରେ ଲୋକଦେଖାଣିଆ ଭଳି ପୂର୍ତ୍ତ ବିଭାଗ ଏହାକୁ ଥୁକ୍‌ପାଲିସ ଆକାରରେ ମରାମତି କରାଯାଇଥାଏ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଉପଖଣ୍ଡ ଅଧିକାରୀ ଶତୃଘ୍ନ କାଲୋଙ୍କୁ ପଚାରିବାରୁ, ମୋ ପାଖରେ କୌଣସି ସୂଚନା ନାହିଁ । ତେବେ ଖୁବ ଶୀଘ୍ର ମରାମତି କରାଯିବ ବୋଲି ଏସଡ଼ିଓ କାଲୋ କହିଛନ୍ତି ।



ଗୋଡ଼ଭଗା- ସୋନପୁର ୫୪ ନମ୍ବର ରାଜ ରାଜପଥର ଗଣ୍ଡତୁରୁମ ଜିରା ନଦୀ ପୋଲ ଉପରେ ଗର୍ତ୍ତ ହୋଇ ରଡ୍ ବାହାରି ପଡିଛି।

**୨ ବର୍ଷରେ ଗଲାଣି ୪ ଜୀବନ**

# ଶିକ୍ଷକତା କେବଳ ବୃତ୍ତି ନ ହୋଇ ବ୍ରତ ହେଉ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ୧୦।୮(ପ୍ରେମାନନ୍ଦ ଖମାରୀ)

ଶିକ୍ଷାଦାନ ଏକ ପବିତ୍ର କାର୍ଯ୍ୟ। ଶିକ୍ଷକତାକୁ କେବଳ ବୃତ୍ତି ଭାବେ ଗ୍ରହଣ ନ କରି ବ୍ରତରେ ପରିଣତ କରିବା ଉଚିତ ବୋଲି ବରଗଡ଼ ବ୍ଲକ ଦେଓଗାଁ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ କହିଛନ୍ତି। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା କ୍ରୀଡ଼ା ଶିକ୍ଷକ ଗାନ୍ଧୀ ଦେବତା ଓ କିରାଣୀ ନାରାୟଣ ପଣ୍ଡା ଉଭୟଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚୁଙ୍ଗିଲାଲ ସେଟ, ଦୀପ୍ତିମାନ ପାଣିଗ୍ରାହୀ, ଜଗଦାନନ୍ଦ ମିଶ୍ର, ଖଗେଶ୍ୱର ମେହେର, ଦୀନବନ୍ଧୁ ପଟେଲ, ଶିକ୍ଷକ ବିବେକାନନ୍ଦ ଜାଲ, ନିଗମାନନ୍ଦ ମିଶ୍ର, ଦିଲୀପ ପଣ୍ଡା, ପ୍ରଦୀପ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଭାପତି, ହରିହର ପାଣ୍ଡେ ଓ ପୂର୍ବତନ ସଭାପତି ପୁରୁଷୋତ୍ତମ ଠାକୁର ପ୍ରମୁଖ ମଞ୍ଚାସୀନ ଥିଲେ।

# ବିଡିଓଙ୍କ ପ୍ରତିଶ୍ରୁତି ପରେ ଧାରଣା ହଟିଲା



ଲୋକମାନେ ବିଡିଓଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି।

ପାଇକମାଲ, ୧୦।୮(ବଡ ଶତପଥୀ)

ବରଗଡ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ପଞ୍ଚାୟତବାସୀ ବିଭିନ୍ନ ଦାବି ନେଇ ଗୁରୁବାର ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ବସିଥିଲେ। ମାଣ୍ଡୋସିଲ ଗ୍ରାମପଞ୍ଚାୟତରେ ସ୍ୱତନ୍ତ୍ର ପାଣ୍ଠିରୁ କରାଯାଇଥିବା ଉନ୍ନୟନମୂଳକ କାମଗୁଡ଼ିକର ବିଲ୍, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପଗୁଡ଼ିକର ସୂଚନାଫଳକ ନିର୍ମାଣ ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ, ୬୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ନୂତନ ଭତ୍ତା, ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ଭତ୍ତା ୭୦୦ ଟଙ୍କା ବୃଦ୍ଧି, ବିକଲାଙ୍ଗମାନଙ୍କୁ ସରକାରୀ ସୁବିଧା ଏବଂ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଋଣ ସେନସନ କ୍ଷମତାକୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ପାଇଁ ଦାବି ହୋଇଥିଲା। ଏହି ପରିପ୍ରେକ୍ଷୀରେ ପାଇକମାଲ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ଦିଗରେ ପଦକ୍ଷେପ ନେବାକୁ ବିଡିଓଙ୍କ ପ୍ରତିଶ୍ରୁତି ପରେ ଅପରାହ୍ନରେ ଧାରଣା ହଟିଥିଲା। ଆସନ୍ତା ୫ଦିନ ମଧ୍ୟରେ ସନ୍ତୋଷଜନକ ପଦକ୍ଷେପ ନିଆ ନ ଗଲେ ୧୬ ତାରିଖରୁ ବିଡିଓ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବାସନ୍ତୀ ଦଣ୍ଡସେନା, ମାଧୁରୀ ସିହ୍ନା, ହେମକାନ୍ତୀ ମେହେର ଏବଂ ଜୟନ୍ତୀ ମେହେର ପ୍ରମୁଖ ଚେତାବନୀ ଦେଇଛନ୍ତି ।

### ରିକ୍ରେଶନ ସେଣ୍ଟର, ଜବରଦଖଲକୁ ଉଚ୍ଛେଦ

ପଦ୍ମପୁର,୧୦।୮(ପ୍ରଦୀପ୍ତ ଦାଶ)

ସରକାରୀ ଜମି ଜବରଦଖଲ କରି ହୋଇଥିବା ନିର୍ମାଣ କାମକୁ ପଦ୍ମପୁର ପ୍ରଶାସନ ପକ୍ଷରୁ ଗୁରୁବାର ଉଚ୍ଛେଦ କରାଯାଇଛି। ଏହି କ୍ରମରେ ପଦ୍ମପୁର ସହରରେ ଥିବା ରିକ୍ରେଶନ ସେଣ୍ଟର ଏବଂ ତତ୍ ସଂଲଗ୍ନ ଦୁଇଟି ଘରକୁ ବୁଲ୍‌ଡୋଜର ସାହାଯ୍ୟରେ ଭଙ୍ଗାଯାଇଛି। ଦୁଇଟି ପରିବାର ସରକାରୀ ଜାଗାରେ ଘର କରି ରହୁଥିଲେ। ସେମାନେ ଘର ନ ଛାଡିବାକୁ ଜିଦ୍ ଧରିଥିଲେ। ଶେଷରେ ପ୍ରଶାସନ ଉକ୍ତ ଘରକୁ ଭାଙ୍ଗି ଦେଇଛି। ସେହିପରି ସହର ମଝିରେ ଥିବା ରିକ୍ରେଶନ ସେଣ୍ଟରରେ ସାଂସ୍କୃତିକ, ସାମାଜିକ କାର୍ଯ୍ୟ ହେଉଥିଲା। ସେଠାରେ ନୂତନ ନିର୍ମାଣର ପରିକଳ୍ପନା କରାଯାଇଥିବା ସୂଚନା ମିଳିଛି। ଉଚ୍ଛେଦ କାର୍ଯ୍ୟରେ ଏନ୍‌ଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି, ତହସିଲଦାର ତାପସ ବିଶି, ଥାନାଧିକାରୀ ମମତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ଦୋଳନ ପାଇଁ ଶିକ୍ଷକଙ୍କ ସଜବାଜ



ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ଅତାବିରା,୧୦।୮(ହୃଷିକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ଶିକ୍ଷକ ଭବନ ପରିସରରେ ସୋମବାର ଅତାବିରା ବ୍ଲକ ଅନ୍ତର୍ଗତ ବିଭିନ୍ନ ପ୍ରାଥମିକ ସ୍କୁଲର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଛି। ସମନ୍ୱିତ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମନ୍ୱିତ ସଂଘର ସମ୍ପାଦକ ପ୍ରକାଶ ଚନ୍ଦ୍ର ଦୋରା, ଏନପିଏସ ସଂଘର ସଭାପତି ହରିହର ପଶାୟତ, ସମ୍ପାଦକ ବିରେନ୍ଦ୍ର କୁମାର ଭୋଇ, ଶିକ୍ଷା ସାଂସ୍କୃତିକ ଅନୁଷ୍ଠାନର ସଭାପତି ମନୋରଞ୍ଜନ ମିଶ୍ର, ସମ୍ପାଦକ ସନ୍ତୋଷ କର, ଏକ୍ସ କ୍ୟାଡ଼ର ସଂଘର ସଭାପତି ସରୋଜ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ନନ୍ଦିଘୋଷ ଭୁଏ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ନିଖିଳ ଓଡ଼ିଶା ପ୍ରାଥମିକ ଶିକ୍ଷକ ଫେଡ଼େରେଶନ ଦେଇଥିବା ଆନ୍ଦୋଳନରେ ସାମିଲ ହେବା ପାଇଁ ବୈଠକରେ ପ୍ରସ୍ତାବ ନିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତାବିରା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ସ୍ମାରକପତ୍ର ଗ୍ରହଣ କରିଥିଲେ। ସ୍ମାରକପତ୍ରରେ ୬ବର୍ଷ ଠିକା କାର୍ଯ୍ୟକାଳକୁ ମୂଳ ଚାକିରି ସହିତ ଗଣନା କରିବା, କନିଷ୍ଠ ଶିକ୍ଷକ, କ୍ରୀଡ଼ା ଶିକ୍ଷକ, କଳା ଶିକ୍ଷକଙ୍କୁ ନିୟମିତ କରିବା, ଏକ୍ସ କ୍ୟାଡ଼ରରୁ ଏକ୍ସକୁ ବାଦ୍ ଦେବା, ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ଆଦି ଦାବି କରାଯାଇଛି। ଏହି ଦାବି ନେଇ ସାମୂହିକ ୟୁନିଫର୍ମ ବର୍ଜନ ସହିତ ଆନ୍ଦୋଳନରେ ସାମିଲ ହେବାକୁ ନିଷ୍ପତ୍ତି ନିଆଯାଇଥିଲା । ଶିକ୍ଷକ ରଶ୍ମିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଔଷଧ ଖାଇଲେ ଜିଲାପାଳ

**ଫାଇଲେରିଆ ନିରାକରଣ ସଚେତନତା**

ବରଗଡ଼,୧୦।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳଙ୍କ ଅଫିସ ଏବଂ ବ୍ଲକ ଅଫିସ ସମ୍ମିଳନୀ କକ୍ଷରେ ଗୁରୁବାର ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମୋନିଷା ବାନାର୍ଜୀ, ବିଡ଼ିଓ ଯୁଧିଷ୍ଠିର ମେହେର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜିତେନ୍ଦ୍ର ମୋହନ ବେବର୍ତା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଫାଇଲେରିଆ ନିରାକରଣ ପାଇଁ ଗୁରୁବାରଠାରୁ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଏବଂ ଏହା ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ଚାଲିବ। ୨ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ (ଗର୍ଭବତୀ, ଅଧିକ ରୋଗଗ୍ରସ୍ତଙ୍କ ବ୍ୟତୀତ) ସମସ୍ତେ ଏହି ଔଷଧ ସେବନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଜିଲାପାଳ ବାନାର୍ଜୀ ଔଷଧ ସେବନ କରିଥିଲେ ଏବଂ ଏହି ଔଷଧ ସେବନ କରିବାକୁ ଅନ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ ।



ବରଗଡ଼ ଜିଲାପାଳ ଫାଇଲେରଆ ନିରାକରଣ ଔଷଧ ଖାଉଛନ୍ତି ।

### ସାମୂହିକ ଔଷଧ ସେବନ ଆରମ୍ଭ

ପାଇକମାଲ, ୧୦।୮(ବଡ ଶତପଥୀ)

ବରଗଡ ଜିଲା ପାଇକମାଲ ବ୍ଲକ ସ୍ଥିତ ସଭାଗୃହରେ ବିଡିଓ ସୁରେନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ଗୁରୁବାର ବାତଜ୍ୱର ପାଇଁ ସାମୂହିକ ଔଷଧ ସେବନ (ଏମଡିଏ)ର ଶୁଭାରମ୍ଭ ହୋଇଛି। ବୈଠକରେ ବ୍ଲକ ଅଧ୍ୟକ୍ଷା ଭାବନା ସିଂ ମୁଖ୍ୟ ଅତିଥି, ପାଇକମାଲ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶ୍ରୀଧର ପ୍ରଧାନ, ଏବିଇଓ ଶିବ ପ୍ରସାଦ ଯୋଶୀ, ସୁରଥ କୁମାର ସାହୁ, ଶିଶୁ ବିକାଶ ଅଧିକାରୀ ଅନୀତା ପାଣିଗ୍ରାହୀ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ତୁଷ କୁମାର ଚନ୍ଦ୍ରାକର, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ରେବତୀ ମୋହନ ଜେନା, ଭିବିଓଟିଏସ୍ ସାନୁଜ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଉପସ୍ଥିତ ଅତିଥିଙ୍କ ସହ ବ୍ଲକର ସମସ୍ତ କର୍ମଚାରୀ ସାମୂହିକ ଔଷଧ ସେବନ କରିଥିଲେ। ଏହାକୁ ୨ ବର୍ଷରୁ କମ ଓ ଗର୍ଭବତୀ ମହିଳା ଏବଂ ଗୁରୁତର ରୋଗୀମାନେ ସମସ୍ତେ ସେବନ ନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚନ୍ଦ୍ରକାର ଧନ୍ୟବାଦ ଅର୍ପଣ କରିଥିଲେ।

# କଫ୍ ସିରପ୍ ଜବତ, ଅଭିଯୁକ୍ତ ଗିରଫ

ବରଗଡ଼,୧୦।୮ (ପ୍ରେମାନନ୍ଦ ଖମାରୀ)



ବରଗଡ଼ ଜିଲା ଅମ୍ବାଭୋନା ଥାନା ପୋଲିସ ଗୁରୁବାର ଭୁକ୍ତା ଜନତା ହାଇସ୍କୁଲ ପାଖରେ ଚାଲିଥିବା କଫ୍ ସିରପ୍, ଦେଶୀମଦ ଆଡ୍ଡା ଉପରେ ଚଢ଼ାଉ କରିଥିଲା। ଚଢ଼ାଉରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଭୁକ୍ତା ଗ୍ରାମର ରଞ୍ଜିତ ପାତିକାର(୨୮)। ତାଙ୍କ ପାଖରୁ ୨୧ବୋତଲ କଫ୍ ସିରପ୍, ୧୫ଲିଟର ଦେଶୀ ରନ୍ଧାମଦ ଏବଂ ଏକ ସ୍କୁଟି ଜବତ ହୋଇଛି। ଏ ନେଇ ଅମ୍ବାଭୋନା ଥାନାରେ ଏକ ମାମଲା (ନଂ.୧୬୨/୨୩) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି।

# ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଶୁଭାରମ୍ଭ

ବରଗଡ଼,୧୦।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପଞ୍ଚାୟତ ସମିତି ଅଧୀନ ମାତୃ ବିହାର ମୁଖ୍ୟରାସ୍ତାର ଉନ୍ନତୀକରଣ କାର୍ଯ୍ୟର ଶୁଭାରମ୍ଭ ଗୁରୁବାର ହୋଇଛି । ବରଗଡ଼ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ରାସ୍ତା ନିର୍ମାଣ କାର୍ଯ୍ୟର ଭୂମି ପୂଜନ କରିଥିଲେ। ବରଗଡ଼ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଉମେଶ ପଣ୍ଡା, ସାମାଜିକ କର୍ମୀ ରମେଶ ରାଓ, ଦୁଃଖୀଶ୍ୟାମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମାତୃ ବିହାର ଉନ୍ନୟନ କମିଟି ସଭାପତି ଦିନେଶ ଶର୍ମା, ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ତଥା ପଡ଼ାର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ମାତୃ ବିହାରର ଏହି ମୁଖ୍ୟରାସ୍ତା ସିଧାସଳଖ ସିମେଣ୍ଟ ଫ୍ୟାକ୍ଟ୍ରିଓ ଖଲିଆପାଲିକୁ ସଂଯୋଗ କରୁଥିବା ବେଳେ ମରାମତି ଅଭାବରୁ ଶୋଚନୀୟ ହୋଇ ପଡ଼ିଥିଲା। ପଡ଼ାବାସୀ ବରଗଡ଼ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ ପରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ୯ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ପଞ୍ଚାୟତ ସମିତି ତରଫରୁ ସୂଚନା ପ୍ରଦାନ କରାଯାଇଛି।



ଭୂମିପୂଜନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ଆଦିବାସୀଙ୍କ ଜମି ହଡ଼ପ ପ୍ରତିବାଦରେ ଅନଶନ

ବରଗଡ଼,୧୦।୮(ପ୍ରେମାନନ୍ଦ ଖମାରୀ)

ଅନୁସୂଚୀତ ଜନଜାତି(ଆଦିବାସୀ) ଲୋକଙ୍କ ସରଳତାର ସୁଯୋଗ ନେଇ ସେମାନଙ୍କ ଜମିକୁ କିଛି ମୁଷ୍ଟିମେୟ ଲୋକ ଚକ୍ରାନ୍ତ କରି ହଡପ କରି ନେଇଛନ୍ତି। ଏଭଳି ଅଭିଯୋଗ କରି ଗୁରୁବାରରୁ ବରଗଡ଼ ଜିଲା ସୋହେଲା ତହସିଲ ଅନ୍ତର୍ଗତ ସୋହେଲାର ସୋମନାଥ ଭୋଇ ଜିଲାପାଳଙ୍କ ଅଫିସ ଆଗରେ ଅନଶନରେ ବସିଛନ୍ତି। ଖବର ଲେଖାହେବା ସୁଦ୍ଧା (ରାତି ସାଢ଼େ ୯ଟା) ଅନଶନ ଜାରି ରହିଛି। ତାଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଅନଶନରୁ ଉଠିବେ ନାହିଁ ବୋଲି ସୋମନାଥ କହିଛନ୍ତି। ସେହିପରି ଅନଶନକୁ ସମର୍ଥନ ଜଣାଇ ଜିଲାର ସମ୍ବିଧାନ ସୁରକ୍ଷା ମଞ୍ଚ, ବିର୍ସାମୁଣ୍ଡା ସଂଘର୍ଷ ବାହିନୀ, ସାବିତ୍ରୀବାଈ ଫୁଲେ ସଂଘର୍ଷ ବାହିନୀ, ଭୀମ ଆର୍ମି, ଆମ୍ବେଦକର ଯୁବ ସଂଗଠନ ସମେତ ବିଭିନ୍ନ ଅନୁଷ୍ଠାନ ସେଥିରେ ସାମିଲ ହୋଇଛନ୍ତି ।

ପ୍ରକାଶ ଯେ, ସୋହେଲାର ୨ଜଣ ମୁଷ୍ଟିମେୟ ଲୋକ ସୋମନାଥଙ୍କ ସରଳତା ଏବଂ ଆର୍ଥିକ ଦୁର୍ବଳତାର ସୁଯୋଗ ନେଇ ତାଙ୍କ ନାମରେ ରହିଥିବା ଜମିକୁ ନିଜ ନାମରେ ରେକର୍ଡଭୁକ୍ତ କରିନେଇଛନ୍ତି। ଏ ନେଇ ହାଇକୋର୍ଟରେ ମାମଲା ବିଚାରାଧୀନ ରହିଛି। ହାଇକୋର୍ଟ ସେହି ଜମି ଉପରେ ଷ୍ଟାଟସ୍ କୋ ମେଣ୍ଟେନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ ସମ୍ପୃକ୍ତ ଲୋକ ସେହି ଜମି ଉପରେ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଏ ନେଇ ସୋମନାଥ ସ୍ଥାନୀୟ ଥାନା, ତହସିଲରୁ ଆରମ୍ଭ କରି ଉପଜିଲାପାଳ ଏବଂ ଜିଲାପାଳଙ୍କୁ ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି। ହାଇକୋର୍ଟ ଆଦେଶ ଅବମାନନା କରୁଥିବାବେଳେ ସମ୍ପୃକ୍ତ ମୁଷ୍ଟିମେୟଙ୍କ ବିରୋଧରେ ପୋଲିସ, ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଅନୁକମ୍ପା ପ୍ରଦର୍ଶନ କରୁଥିବାରୁ ତାଙ୍କ ଧନଜୀବନ ପ୍ରତି ବିପଦ ଥିବା ସେ କହିଛନ୍ତି ।

ହଡପ ଜମି ଉଦ୍ଧାର ସହିତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ସେହି ଜମିରେ ହୋଇଥିବା ନିର୍ମାଣ କାର୍ଯ୍ୟକୁ ଭାଙ୍ଗିବାକୁ ସୋମନାଥ ଦାବି କରି ଅନଶନରେ ବସିଛନ୍ତି। ସମ୍ବିଧାନ ସୁରକ୍ଷା ମଞ୍ଚର ଆବାହକ ପବିତ୍ର ଦେହେରୀ, ବିର୍ସା ମୁଣ୍ଡା ସଂଘର୍ଷ ବାହିନୀର ମାରିୟମ ବାର୍ଲା, ସାବିତ୍ରୀ ବାଈ ଫୁଲେ ସଂଘର୍ଷ ବାହିନୀର ଶକୁନ୍ତଳା ସୁନା, ଭୀମ ଆର୍ମିର ଆଶିଷ ଗୌତମ, ଆମ୍ବେଦକର ଯୁବ ସଂଗଠନର ଅବିନାଶ ବାଗ ପ୍ରମୁଖ ସେଠାରେ ଉପସ୍ଥିତ ରହିଛନ୍ତି।



ଜିଲାପାଳଙ୍କ ଅଫିସ ଆଗରେ ଅନଶନ ଚାଲିଛି।




## ଆଜି କ'ଣ କେଉଁଠି

ରାଉରକେଲା
- ମୋର ମାଟି ମୋର ଦେଶ କାର୍ଯ୍ୟକ୍ରମ, ରାଉରକେଲା ମହାବିଦ୍ୟାଳୟ, ପୂର୍ବାହ୍ନ ସାଢେ ୧୦ଟା ।
- ଚକ୍ଷୁ ପରୀକ୍ଷା ଶିବିର, ମିଟକୁନ୍ଦ୍ରୀ, ପୂର୍ବାହ୍ନ ୧୦ଟା।
- ଅଧାର କାର୍ଡ କର୍ମଶାଳା, ଆର୍‌ଏମ୍‌ସି, ପୂର୍ବାହ୍ନ ସକାଳ ୧୧ଟା।

## ସଂକ୍ଷେପରେ

### ଗୋଦାମରୁ ସ୍କ୍ରାପ୍ ଜବତ, ୨ ଗିରଫ

ରାଉରକେଲା, ୧୦।୮(ସଙ୍ଗୀତା ଜେନା) ଛେଣ୍ଡ ଥାନା କଳିଙ୍ଗବିହାରରେ ବ୍ୟବସାୟୀ ସୁନୀଲ ରାୟଙ୍କ ଗୋଦାମରୁ ଗୁରୁବାର ୪୦ କେଜି ସ୍କ୍ରାପ୍‌କୁ ପୋଲିସ ଜବତ କରିଛି। ସେହିପରି ସୁଜିତ କୁମାର କରଣ ନାମକ ବ୍ୟବସାୟୀଙ୍କ ବିଦ୍ୟୁତ ବସ୍ତି ସ୍ଥିତ ଗୋଦାମରୁ ୩୦ କେଜି ସ୍କ୍ରାପ୍ ଜବତ ହୋଇଛି। ଏ ନେଇ ପୋଲିସ ୨ଟି ମାମଲା (ନଂ.୧୦୪/୨୩ ଓ ୧୦୫/୨୩) ରୁଜୁ କରି ଉଭୟଙ୍କୁ ଗିରଫ କରିଛି।

### ବିଦେଶୀ ମଦ ଜବତ, ଜଣେ ଗିରଫ

ରାଉରକେଲା, ୧୦।୮(ସଙ୍ଗୀତା ଜେନା) ଜଳଦା ଫାଣ୍ଡି ଅନ୍ତର୍ଗତ ଜଳଦା ସି ବ୍ଲକ ଅଞ୍ଚଳରୁ ପୋଲିସ ସାଢ଼େ ୫ ଲିଟର ବିଦେଶୀ ମଦ ଜବତ କରିଛି । ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଲଖନ ସିଂ(୩୫)। ଏ ନେଇ ଏକ ମାମଲା (ନଂ.୨୪୯।୨୩) ରୁଜୁ ହୋଇଛି।

### ସ୍ୱାମୀ ମାଡ଼ରେ ସ୍ତ୍ରୀ ଆହତ

ରାଉରକେଲା, ୧୦।୮(ସଙ୍ଗୀତା ଜେନା) ଜଳଦା ଫାଣ୍ଡି ଅନ୍ତର୍ଗତ ଦେଓଗାଁ ଅଞ୍ଚଳରେ ଏକ ଦମ୍ପତିଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ ସ୍ୱାମୀ ଜଣଙ୍କ ଉତ୍ତ୍ୟକ୍ତ ହୋଇ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୨୫୦/୨୩) ରୁଜୁ କରି ତଦନ୍ତ କରୁଛି।

### ସିସିଟିଭି ଚୋରି, ଜଣେ ଗିରଫ

ରାଉରକେଲା, ୧୦।୮(ସଙ୍ଗୀତା ଜେନା) ସେକ୍ଟର-୭ ଥାନା ଅନ୍ତର୍ଗତ ସେକ୍ଟର-୬ ଏଚ୍ ବ୍ଲକରେ ଜଣେ ବ୍ୟକ୍ତିଙ୍କ ଦୋକାନରୁ ସିସିଟିଭି ଚୋରି ହୋଇଥିଲା। ଏହି ଅଭିଯୋଗରେ ପୋଲିସ ସେକ୍ଟର-୬ ସମଲେଶ୍ୱରୀ ବସ୍ତିର ମନୋରଞ୍ଜନ ଜେନାଙ୍କୁ ଗିରଫ କରିଛି। ତାଙ୍କଠାରୁ ସିସିଟିଭି ଜବତ ହୋଇଛି।

### ୪ ସଟ୍ଟା ଖେଳାଳି ଅଟକ

ରାଉରକେଲା, ୧୦।୮(ସଙ୍ଗୀତା ଜେନା) ଉଦିତନଗର ଥାନା ବାସନ୍ତୀ କଲୋନୀ ଓଭରବ୍ରିଜ୍ ତଳୁ ଗୁରୁବାର ସନ୍ଧ୍ୟାରେ ୪ଜଣ ସଟ୍ଟା ଖେଳାଳିଙ୍କୁ ଧରି ଥାନାରେ ଅଟକ ରଖାଯାଇଛି। ସେମାନଙ୍କ ନିକଟରୁ ସଟ୍ଟାବୋର୍ଡ, କାଲ୍‌କୁଲେଟର ଜବତ ହୋଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନ ଥିବା ସୂଚନା ମିଳିଛି।

### ଦୀପ ନିଆଁରୁ ବୃଦ୍ଧା ଗୁରୁତର

ରାଉରକେଲା, ୧୦।୮(ସଙ୍ଗୀତା ଜେନା) ଜଗଦା ଅଞ୍ଚଳର ଜଣେ ବୃଦ୍ଧା ଗୁରୁବାର ସନ୍ଧ୍ୟାରେ ଘରେ ସଞ୍ଜ ଦୀପ ଦେଉଥିବା ସମୟରେ ତାଙ୍କ ଦେହରେ ନିଆଁ ଲାଗି ଯାଇଥିଲା। ଏଥିରେ ସେ ପୋଡି ଯାଇଥିଲେ। ତାଙ୍କୁ ଆଇଜିଏଚ୍‌ର ବର୍ନ ସେଣ୍ଟରରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।




ଗୁରୁବାର କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ ଫେଡେରେଶନ ପକ୍ଷରୁ ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। (ଫଟୋ: ବିବେକ)

# ଟ୍ରେଡ୍ ୟୁନିୟନ୍‌ର ବିକ୍ଷୋଭ ପ୍ରଦର୍ଶନ

## କେନ୍ଦ୍ର ସରକାରଙ୍କ ନୀତିକୁ ବିରୋଧ

ରାଉରକେଲା,୧୦।୮(ସଙ୍ଗୀତା ଜେନା)

କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରକୁ ୯ବର୍ଷ ପୂରିଛି। ଏହି ସମୟ ମଧ୍ୟରେ ସରକାରଙ୍କ ନୀତି ଯୋଗୁ ଦେଶରେ ଦାରିଦ୍ର୍ୟ ବଢ଼ିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଷୁଡି ପଡିଛି। ଜନସାଧାରଣଙ୍କ ଆର୍ଥିକ ପରିସ୍ଥିତି ଖରାପ ହୋଇଛି। ବିମୁଦ୍ରୀକରଣ ପଦକ୍ଷେପ ଲୋକଙ୍କ ଉପରେ ନକରାତ୍ମକ ପ୍ରଭାବ ପକାଇଛି। ୪୪ଟି ଶ୍ରମ ଆଇନକୁ ଅଗଣତାନ୍ତ୍ରିକ ଭାବେ ବାତିଲ କରିଦିଆଯାଇଛି। ଏଥିଲାଗି ୪ଟି କୋଡ୍ ପ୍ରସ୍ତୁତ କରାଯାଉଛି ବୋଲି ଗୁରୁବାର କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ ଫେଡେରେଶନ ପକ୍ଷରୁ ବିଶ୍ରା ଛକରେ ମିଳିତ ବିକ୍ଷୋଭ ସମୟରେ କୁହାଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକର ଘରୋଇକରଣ, ଦେଶର ମୂଲ୍ୟବାନ ଜମି, ଜଳ, ଜଙ୍ଗଲ ଭଳି ପ୍ରାକୃତିକ ସମ୍ପଦକୁ ବିଦେଶୀ କର୍ପୋରେଟମାନଙ୍କ ହାତରେ ଟେକି ଦିଆଯାଉଛି। ଲୌହ ଇସ୍ପାତ, କୋଇଲା, ରେଳବାଇ, ଜଳପଥ, ସ୍ଥଳପଥ, ଆକାଶ ପଥ, ବିମାନ ବନ୍ଦର ସମେତ ଅନ୍ୟ ସଂସ୍ଥାକୁ ଘରୋଇକରଣ କରାଯାଉଛି। ଶ୍ରମିକ ବିରୋଧୀ ଶ୍ରମ କୋଡ ବାତିଲ, ୩ଟି କୃଷି ଆଇନକୁ ବାତିଲ, ଘରୋଇକରଣ ବାତିଲ, ମାସିକ ସର୍ବନିମ୍ନ ୨୬୦୦୦ ଟଙ୍କା ମଜୁରୀ ପ୍ରଦାନ, ଅଣଆନୁଷ୍ଠାନିକ କ୍ଷେତ୍ରକୁ ସାମାଜିକ ସୁରକ୍ଷା ପ୍ରଦାନ, ଅଙ୍ଗନୱାଡ଼ି, ପାଚିକାଙ୍କୁ ବୈଧାନିକ ସର୍ବନିମ୍ନ ମଜୁରୀ ପ୍ରଦାନ ଦାବିରେ ଏହି ବିକ୍ଷୋଭ କରାଯାଇଥିଲା। ଆଇଏନ୍‌ଟିୟୁସିର ପ୍ରଶାନ୍ତ ବେହେରା, ଜିଏମ୍‌ଏମ୍‌ର ଜର୍ଜ ତିର୍କୀ, ଏଚ୍‌ଏମ୍‌ଏସର ଶଶଧର ନାୟକ, ସିଟୁର ବିମାନ ମାଇତି, ସଦାନନ୍ଦ ସାହୁ, ଏଆଇଟିୟୁସିର ପ୍ରଦୋଷ ମହାନ୍ତି, ଏଆଇୟୁଟିୟୁର ଅଜିତ ନାୟକ, ସିଅରର ହେମନ୍ତ ବେହୁରିଆ, ଏଲ୍‌ପିଏଫ୍‌ର ରମେଶ ସାହୁଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ଏହି ବିକ୍ଷୋଭ କରାଯାଇଥିଲା। ନିହାର ଦାସ, ଦିଲ୍ଲୀପ ମହାପାତ୍ର, ଅକ୍ଷୟ ଜେନା, ବିକାଶ ବେହେରିଆ, ପ୍ରମୋଦ ଦାସ, ସିଟୁର ବସନ୍ତ ନାୟକ, ଶ୍ରୀମନ୍ତ ବେହେରା, ସତ୍ୟପ୍ରିୟ ମହାନ୍ତି, ରାଜକିଶୋର ପ୍ରଧାନ, ଦିଗମ୍ବର ମହାନ୍ତି, ଦିବାକର ମହାରଣା, ଅସିତ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ସମସ୍ତ ୟୁନିୟନର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଆଦିବାସୀ ଗୌରବ ଦିବସ ପାଳିତ



କଂଗ୍ରେସ ନେତୃବୃନ୍ଦ ମଶାଲ ଶୋଭାଯାତ୍ରାରେ ଯାଉଛନ୍ତି।

ରାଉରକେଲା,୧୦।୮(ସଙ୍ଗୀତା ଜେନା)

ଅଗଷ୍ଟ ୯ କ୍ରାନ୍ତି ଦିବସ ଅବସରରେ ରାଉରକେଲା ଜିଲା କଂଗ୍ରେସ ତରଫରୁ ଗୋପବନ୍ଧୁପାଲି ସ୍ଥିତ ଆଦିବାସୀ ବସ୍ତିରେ ଗୁରୁବାର ଆଦିବାସୀ ଗୌରବ ପର୍ବ ପାଳନ କରାଯାଇଛି। ଜିଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତି, ପିସିସି ସଭ୍ୟ ରବି ରାୟ, ସଭ୍ୟା ପ୍ରଭାତୀ ମିଶ୍ର, ସବୀର ହୁସେନ ଓ ସନ୍ତୋଷ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂହ, ଯୁବ କଂଗ୍ରେସ ସଭାପତି ମୋତିଲାଲ ଦୀପ, ଏସ୍‌ଟି ସେଲ୍ ସଭାପତି ରାଜେଶ ଟପ୍ପୋ, ସେବାଦଳର ବୁଲୁ ଦାସ ପ୍ରମୁଖ ବକ୍ତବ୍ୟ ରଖି ଆଦିବାସୀଙ୍କ ଅଧିକାର, ସେମାନଙ୍କ କଳା ସଂସ୍କୃତି ଓ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏସ୍‌ଟି ସେଲ୍ ରାଜ୍ୟ ଆବାହକ ଗଜେନ୍ଦ୍ର ତନ୍ତୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ଲକ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପାତ୍ରାସ ଜୋଜୋ, ପାସ୍କାଲ ଡାଙ୍ଗ, ଆଲବର୍ଟ ଟପ୍ପୋ, ଜନ ସୋରେନ ଓ ସାମସନ୍ ଆଇନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ବସ୍ତିର ଆଦିବାସୀ ମହିଳାମାନେ ପାରମ୍ପରିକ ନୃତ୍ୟଗୀତ ପରିବେଷଣ କରିଥିଲେ। ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥଳରୁ ଏକ ମଶାଲ ଶୋଭାଯାତ୍ରା ବାହାରି ଟିମ୍ବର କଲୋନୀ ପର୍ଯ୍ୟନ୍ତ ଯିବା ସହିତ ସେଠାରୁ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପହଞ୍ଚିଥିଲା। ଓବିସି ରାଷ୍ଟ୍ରୀୟ ସହ ସଂଯୋଜକ କୈଳାସ ସାହୁ, ଜିଲା କଂଗ୍ରେସ ଉପସଭାପତି କୀର୍ତ୍ତନ ଦାସ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ମୁଖପାତ୍ର ଇଂ. ଆର୍. ପି. ସିଂହ, ଯୁବ କଂଗ୍ରେସ ନେତା ଜ୍ଞାନେନ୍ଦ୍ର ଦାସ, ସଂଖ୍ୟାଲଘୁ ଅଧ୍ୟକ୍ଷ ଇଜାଜ୍ ଅଖତର, ଦିନେଶ ବେହେରା, ସୁବଳ ବାସୁରୀ, ସାହିର ହୁସେନ ପ୍ରମୁଖ ସହଯୋଗ କରିଥିଲେ।

### କମେଣ୍ଟ ମାରି ଛେଚା ଖାଇଲେ ଯୁବକ

ରାଉରକେଲା,୧୦।୮(ଦିନେଶ ମିଶ୍ର)

ରାଉରକେଲାରେ ଯୁବତୀଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ଜଣେ ଯୁବକ ମାଡ଼ ଖାଇଛନ୍ତି। ପରେ ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଉକ୍ତ ଯୁବକଙ୍କୁ ଡାକି ତାଗିଦ କରି ଛାଡି ଦେଇଛି। ଏଭଳି ଏକ ଘଟଣା ଗୁରୁବାର ମାଲଗୋଦାମ ବିଟ ହାଉସ୍ ଥାନା ଅଞ୍ଚଳରେ ହୋଇଛି। ସୂଚନା ଅନୁସାରେ, ବାସନ୍ତୀ କଲୋନୀ ବରଫ ଫ୍ୟାକ୍ଟ୍ରି ଅଞ୍ଚଳର ଜଣେ ଯୁବତୀ ଗୁରୁବାର ଅପରାହ୍ନ ସାଢେ ୩ଟାରେ କୋଏଲନଗର ଅଞ୍ଚଳକୁ ଟ୍ୟୁଶନ ଯାଇଥିଲେ। ଏହି ସମୟରେ ମାଲଗୋଦାମସ୍ଥିତ କାଳୀମନ୍ଦିର ରୋଡ୍ ନିକଟରେ ଅଭିଯୁକ୍ତ ଯୁବକ ଜଣଙ୍କ ଏକ ବାଇକରେ ତାଙ୍କୁ ପିଛା କରି କମେଣ୍ଟ ମାରିଥିଲେ। ଯୁବତୀ ଜଣଙ୍କ ଫୋନ୍ ଯୋଗେ ତାଙ୍କ ପରିବାର ଲୋକଙ୍କୁ ଏ ନେଇ କହିବାରୁ ସେମାନେ ରେଲୱେ କଲୋନୀ ଛୋଟ ପାର୍କ ନିକଟରେ ଜଗି ବସିଥିଲେ। ଯୁବତୀ ଜଣଙ୍କ ଟ୍ୟୁଶନ ନ ଯାଇ ଛୋଟ ପାର୍କ ରୋଡ୍ ଦେଇ ଘରକୁ ଫେରୁଥିବାବେଳେ ପୁଣି ଅଭିଯୁକ୍ତ ତାଙ୍କୁ ପିଛା କରିଥିଲେ।ଏହି ସମୟରେ ପରିବାର ଲୋକେ ତାଙ୍କୁ କାବୁ କରି ନିସ୍ତୁକ ପିଟିଥିଲେ ଏବଂ ପୋଲିସ ବିଟ୍ ହାଉସ ପୋଲିସ ଜିମା ଦେଇଥିଲେ।

# ଇସ୍ପାତ ଉତ୍ପାଦନ ବୃଦ୍ଧି ପାଇଁ ରାଜିନାମା ସ୍ୱାକ୍ଷର

ରାଉରକେଲା, ୧୦।୮(ସଙ୍ଗୀତା ଜେନା)

ଇସ୍ପାତ ଶିଳ୍ପରେ ଏକ ପ୍ରମୁଖ ୟୁନିଟ୍ ଭାବେ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ବାର୍ଷିକ ୧.୫ରୁ ୨.୫ ନିୟୁତ ଟନ୍ ବୃଦ୍ଧି କରିବାକୁ ଯାଉଛି। ଏହି ସମ୍ପ୍ରସାରଣ ବ୍ୟାପକ ଭାବେ ସ୍ୱୀକୃତି ଲାଭ କରିଥିବା ବ୍ଲାଷ୍ଟ ଫର୍ନେସ ବେସିକ ଅକ୍ସିଜେନ ଫର୍ନେସ ମାର୍ଗରେ ହାସଲ ହେବ। ନୂତନ ଷ୍ଟିଲ ମେଲ୍‌ଟିଂ ସପ୍-୧ ସୁବିଧା ମଧ୍ୟରେ ସମ୍ପ୍ରସାରଣ କ୍ଷମତା ହାସଲ ହେବ। ବୁଧବାର ପ୍ରକଳ୍ପ ସମ୍ମିଳନୀ କକ୍ଷରେ ଆର୍‌ଏସ୍‌ପି ଏବଂ ମେସର୍ସ ଏମ୍. ଏନ୍. ଦସ୍ତୁର ଆଣ୍ଡ୍ କମ୍ପାନୀ ପ୍ରାଇଭେଟ ଲିମିଟେଡ୍ ମଧ୍ୟରେ ଏକ ରଣନୈତିକ ପରାମର୍ଶ ରାଜିନାମା ସ୍ୱାକ୍ଷରିତ ହୋଇଛି। ଆର୍‌ଏସ୍‌ପି ପକ୍ଷରୁ ପ୍ରକଳ୍ପ ବିଭାଗର ଇଡି ପି. କେ. ସାହୁ, ଷ୍ଟିଲ ବିଭାଗର ସିଜିଏମ୍ ଇନ୍‌ଚାର୍ଜ ରାମକୃଷ୍ଣ ପାତ୍ର, ପ୍ରକଳ୍ପ ବିଭାଗର ସିଜିଏମ୍ ଆନନ୍ଦ କୁମାର, ଏସ୍‌ଏମ୍‌ଏସ୍-୧ ବିଭାଗର ସିଜିଏମ୍ ପିନାକୀ ଚୌଧୁରୀ, ପ୍ରକଳ୍ପ ବିଭାଗର ସିଜିଏମ୍ ପ୍ରମୋଦ ସାହୁ, ଅନୀଶ ଜମାୟାର, ବାଣିଜ୍ୟକ ବିଭାଗର ସିଜିଏମ୍ ଡ. ଜିଏସ୍ ଦାସ ଏବଂ ଏମ୍‌ଏମ୍ ପ୍ରକଳ୍ପ ବିଭାଗର ଜିଏମ୍ ଇନ୍‌ଚାର୍ଜ ଆର୍. ସେହେଗାଲ ତଥା ମେସର୍ସ ଏମ୍.ଏନ୍. ଦସ୍ତୁର ଆଣ୍ଡ କମ୍ପାନୀ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ କମ୍ପାନୀର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏକ ବିସ୍ତୃତ ପ୍ରି ଫିଜିବିଲିଟି ରିପୋର୍ଟ ଏବଂ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ଏହି ସହଯୋଗର ମୂଳ ଉଦ୍ଦେଶ୍ୟ ରହିଛି। ଏଥିରେ ଅତିରିକ୍ତ ଭାବେ ଚୁକ୍ତିନାମାର ପରିସର ବୈଷୟିକ ନିର୍ଦ୍ଦିଷ୍ଟକରଣ, ବାଣିଜ୍ୟକ ଭଲ୍ୟୁମ ବିଶ୍ଳେଷଣ, ବିଡ୍, ମୂଲ୍ୟାଙ୍କନ ଏବଂ ଚୁକ୍ତିନାମା ପ୍ରସ୍ତୁତି ଅନ୍ତର୍ଭୁକ୍ତ ରହିଛି ବୋଲି କୁହାଯାଇଛି।

# ଦିବ୍ୟାଙ୍ଗ ତିଲୋତ୍ତମାଙ୍କୁ ଅପହଞ୍ଚ ସ୍କୁଲ ଶିକ୍ଷା

ରାଉରକେଲା,୧୦।୮(ବିପ୍ଳବ ରଞ୍ଜନ ଦାଶ)



ପରିବାର ଲୋକଙ୍କ ସହ ତିଲୋତ୍ତମା।

ରାଉରକେଲା ଛେଣ୍ଡ ଧାମରା ବସ୍ତିର ଜଣେ ଦିବ୍ୟାଙ୍ଗ ପ୍ରତିଭା ହେଉଛନ୍ତି ତିଲୋତ୍ତମା ଜର୍ତା(୧୧)। ବୟସ ୧୧ ବର୍ଷ। ବର୍ଷକର ହୋଇଥିବା ବେଳେ ଗଭୀର ଆଘାତ କାରଣରୁ ସେ ବାକ୍‌ଶକ୍ତି ଏବଂ ଶ୍ରବଣ ଶକ୍ତି ସମ୍ପୂର୍ଣ୍ଣ ଭାବେ ହରାଇଛନ୍ତି। ମାତ୍ର ଆଶ୍ଚର୍ଯ୍ୟ କଥା ଏହି କୁନି ଝିଅ ସ୍କୁଲକୁ ନ ଯାଇ ଚମତ୍କାର ଚିତ୍ରାଙ୍କନ କରି ଚର୍ଚ୍ଚାକୁ ଆସିଛନ୍ତି। ତିଲୋତ୍ତମା ଘରେ ବସି ଶ୍ରୀଜିଉ, ଶିବ ପାର୍ବତୀ, ପାହାଡ, ଝରଣା ଆଦି ଚିତ୍ରମାନ ଆଙ୍କି ଦେଉଛନ୍ତି। ଏହାସହ ସେଥିରେ ନିଜେ ରଙ୍ଗ ମଧ ଭରୁଛନ୍ତି। ତେବେ ଏହି ଝିଅକୁ ବର୍ତ୍ତମାନ ସୁଦ୍ଧା ସରକାରୀ ସହଯୋଗ ଅପହଞ୍ଚ ହୋଇପଡିଛି।

ତିଲୋତ୍ତମାଙ୍କ ପରିବାରରେ ତାଙ୍କ ବାପା ଦିଲେଶ୍ୱର ଜର୍ତା(୩୩) ଓ ମା' ରଶ୍ମିତା ଜର୍ତା(୨୯), ସାନ ଭାଇ ରୁଦ୍ର ଜର୍ତା(୬) ଏବଂ ବୁଢ଼ୀ ଆଇ ଅଳୀ ଗୋଛାୟତ(୬୨) ଅଛନ୍ତି। ୧୦ବର୍ଷ ତଳେ ହାତ ପୋଡ଼ିଯାଇଥିଲା। ସେ ବିକଳ ହୋଇ କାନ୍ଦିବାରୁ ତାଙ୍କ ମସ୍ତିଷ୍କରେ ଗଭୀର ଆଘାତ ଲାଗିଥିଲା। ଫଳରେ ସେ ବାକ୍ ଓ ଶ୍ରବଣ ଶକ୍ତି ସମ୍ପୂର୍ଣ୍ଣ ହରାଇଥିଲେ। ଝିଅର ଏଭଳି ଅବସ୍ଥା ଦେଖି ମା' ବାପା ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କଲେ। ସେଠାରେ ପରୀକ୍ଷା ନିରୀକ୍ଷା କରିବାରୁ ତିଲୋତ୍ତମାଙ୍କ ମସ୍ତିଷ୍କ ସ୍ନାୟୁକୋଷ ନିଷ୍କ୍ରିୟ ହୋଇ ଯାଇଛି। ବୟସ ବଢିଲେ ସେ ଧୀରେ ଧୀରେ କହିବ ଏବଂ ଶୁଣିବ ବୋଲି ଡାକ୍ତର କହିଥିଲେ। ବର୍ତ୍ତମାନ ତିଲୋତ୍ତମାଙ୍କୁ ୧୧ବର୍ଷ ହେଲାଣି। ତଥାପି ତାଙ୍କର ଶ୍ରବଣ ଓ ବାକ୍‌ଶକ୍ତି ଫେରିନାହିଁ। ସେ ସ୍କୁଲକୁ ଯାଉନାହାନ୍ତି। ତଥାପି ଘରେ ବସି ବିଭିନ୍ନ ଦେବଦେବୀ, ପ୍ରକୃତି ଚିତ୍ର ଆଙ୍କୁଛନ୍ତି। ଗରିବ ପରିବାରକୁ ସରକାରୀ ସହାୟତା କହିଲେ ତିଲୋତ୍ତମାଙ୍କ ମାସିକ ଭତ୍ତା ଓ ୧୦କିଲୋ ଚାଉଳ। ସରକାର ପଢିବା ବ୍ୟବସ୍ଥା କଲେ ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରନ୍ତା ବୋଲି ପରିବାର ଲୋକେ କହିଛନ୍ତି।

# ପୋଲିସ-ଜନତାଙ୍କ ମଧ୍ୟରେ ସମନ୍ୱୟ ଜରୁରୀ

ରାଉରକେଲା,୧୦।୮(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୯ ଥାନା ପରିସରରେ ଆମ ପୋଲିସର ଏକ ବୈଠକ ଥାନା ପ୍ରଭାରୀ ସାଇପ୍ରଭା ରାଉତଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଛି। ଆମ ପୋଲିସର ସଦସ୍ୟ ସୁମନ ଦତ୍ତ ସ୍ୱାଗତ ଭାଷଣ ଦେଇଥିଲେ। ଏସ୍‌ଆଇ ରଞ୍ଜିତା ପ୍ରଧାନ କହିଥିଲେ, ସେକ୍ଟର-୧୯ ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ହେଉଥିବା ଆପରାଧିକ ମାମଲା ହ୍ରାସ ପାଉଥିବାବେଳେ ଏଥିରେ ସ୍ଥାନୀୟ ଜନସାଧାରଣଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ତେଣୁ କୌଣସି ଅପରାଧ ମୂଳକ କାର୍ଯ୍ୟକୁ ରୋକିବା ପାଇଁ ହେଲେ ଜନସାଧାରଣ ଓ ପୋଲିସ ମଧ୍ୟରେ ସମନ୍ୱୟ ରହିବା ଜରୁରୀ ବୋଲି ସେ କହିଥିଲେ। ବୈଠକରେ ଇସ୍ପାତ ମାର୍କେଟ ସଭାପତି ସୁଜିତ ସ୍ୱାଇଁ, ସାଧାରଣ ସମ୍ପାଦକ ସନ୍ତୋଷ ସ୍ୱାଇଁ, ଶ୍ୟାମସୁନ୍ଦର ପ୍ରଧାନ, ଚନ୍ଦ୍ରଶେଖର ଶତପଥୀ, ନିହାର ଦାସ, ମନୋଜ ନାୟକ, ଚନ୍ଦ୍ରକାନ୍ତ ସାହୁ, ସଞ୍ଜୀପ ନାୟକ ପ୍ରମୁଖ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥିସହ ଇସ୍ପାତ ମାର୍କେଟରେ ସିସି କ୍ୟାମେରା ବ୍ୟବସ୍ଥା ଓ ଅପରାଧମୂଳକ କାର୍ଯ୍ୟକୁ କିଭଳି ଆଗାମୀ ଦିନରେ ରୋକାଯାଇପାରିବ ସେ ନେଇ ଥାନା ପ୍ରଭାରୀ ରାଉତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଇସ୍ପାତ ମାର୍କେଟର ନବନିର୍ବାଚିତ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବସନ୍ତ ନାୟକ, ଗଣେଶ ପଣ୍ଡା, ସନ୍ତୋଷ ରାଉତ, ପ୍ରମୋଦ ସେଠୀଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। କୁଞ୍ଜବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱଶାନ୍ତି ପାଇଁ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଭ୍ରମଣ

ରାଉରକେଲା,୧୦।୮(ସଙ୍ଗୀତା ଜେନା)



ରାଉରକେଲା ବିଶ୍ରା ଛକରେ ସାଇକେଲ ବାବା।

ଘର ସଂସାର ପରିତ୍ୟାଗ କରି ବିଶ୍ୱରେ ଚାଲିଥିବା ଅରାଜକତା, ଅଶାନ୍ତି, ଦ୍ୱେଷ, ହିଂସା, ଯୁଦ୍ଧ, ରକ୍ତପାତକୁ ରୋକିବା ତଥା ଶାନ୍ତି ସ୍ଥାପନ କରିବା ଉଦ୍ଦେଶ୍ୟରେ ଜଣେ ସାଧୁ ସାଇକେଲରେ ଭାରତର ବିଭିନ୍ନ ରାଜ୍ୟରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଭ୍ରମଣ କରୁଛନ୍ତି। ଏହି ସାଧୁ ଜଣଙ୍କ ହେଉଛନ୍ତି ଛତିଶଗଡ଼ ରାୟପୁରର ଶ୍ୟାମଗିରି ଗୁଜରାତ ଓରଫ୍ ସାଇକେଲ ବାବା(୫୫)। ଗୁରୁ ଭୀମଗିରିଙ୍କ ନିର୍ଦ୍ଦେଶରେ ୨୦୧୬ରୁ ତାଙ୍କ ଯାତ୍ରା ଆରମ୍ଭ ହୋଇଛି। ଗୁରୁବାର ସେ ରାଉରକେଲା ବିଶ୍ରା ଛକରେ ପହଞ୍ଚିବା ଅବସରରେ ତାଙ୍କ ଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରକାଶ କରିଥିଲେ। ଶ୍ୟାମଗିରି କହିଥିଲେ, ସେ ୨୦୨୪ ସୁଦ୍ଧା ସମସ୍ତ ଜ୍ୟୋତିର୍ଲିଙ୍ଗ ପରିଭ୍ରମଣ କରିବେ। ୨୦୨୪ ଶେଷାର୍ଦ୍ଧରେ ଭାରତ- ନେପାଳ ସୀମା ଅତିକ୍ରମ କରି ପଶୁପତିନାଥ ମନ୍ଦିର ଯାଇ ସେଠାରେ ଯାତ୍ରା ଶେଷ କରିବେ। କ୍ରମାଗତ ଭାବେ ବିଶ୍ୱରୁ ଶାନ୍ତି ଦୂରେଇ ଯାଉଛି। କେହି କାହାକୁ ବିଶ୍ୱାସ କରୁନାହାନ୍ତି। ଭାଇଚାରା କମୁଛି। ଏପରି ଜାରି ରହିଲେ ସମଗ୍ର ବିଶ୍ୱ ନର୍କରେ ପରିଣତ ହେବ। ମାନବିକତାର ପୁନରୁଦ୍ଧାର, ଶାନ୍ତି, ନ୍ୟାୟ ଓ ଧର୍ମ ପ୍ରତିଷ୍ଠା କରିବାକୁ ପ୍ରତ୍ୟେକ ମଣିଷକୁ ଆଗେଇ ଆସିବାକୁ ପଡ଼ିବ। ଏହି କ୍ରମରେ ୧୨ଟି ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବା ଅଭିଲାଷ ନେଇ ଏହି ଯାତ୍ରା ଆରମ୍ଭ କରିଛି। ସାଇକେଲରେ ୨ଟି ଲୁଗା ଓ ବିଛଣା ଧରି ଦିନକୁ ପ୍ରାୟ ଶହେ କିମି ଯାଉଛି। ବର୍ତ୍ତମାନ ସୁଦ୍ଧା ୨୨ଟି ରାଜ୍ୟରେ ପ୍ରାୟ ୨୪ ହଜାର କିମି ସାଇକେଲ ଦ୍ୱାରା ପରିଭ୍ରମଣ ଶେଷ ହୋଇସାରିଲାଣି। ଏବେ ଶ୍ରାବଣ ମାସ ଚାଲିଥିବା ଯୋଗୁ ଝାଡ଼ଖଣ୍ଡ ସ୍ଥିତ ବାବା ବୈଦ୍ୟନାଥ ଯାତ୍ରା ପାଇଁ ରାଉରକେଲା ବାଟ ଦେଇ ଆସିଛି। ତେବେ ୨-୩ ଦିନ ମଧ୍ୟରେ ଝାଡ଼ଖଣ୍ଡର ଏହି ପ୍ରସିଦ୍ଧ ଜ୍ୟୋତିର୍ଲିଙ୍ଗ ଦର୍ଶନ ହେବ। ଛତିଶଗଡ଼ ରାୟପୁର ମହାଦେବଘାଟ ସ୍ଥିତ ଗୁରୁଙ୍କ ଆଶ୍ରମରେ ରହଣି ପରେ ପୁନଃ ପ୍ରତ୍ୟାବର୍ତ୍ତନ କରିବି ବୋଲି ଶ୍ୟାମଗିରି କହିଥିଲେ।

### ମୋତିଆବିନ୍ଦୁ ପରୀକ୍ଷଣ ଶିବିର ଉଦ୍‌ଯାପିତ

ରାଉରକେଲା,୧୦।୮(ଦିନେଶ ମିଶ୍ର)

ଦ ମିରର ସୋସିଆଲ ଫାଉଣ୍ଡେଶନ ପକ୍ଷରୁ ଫୁଲଝର ଗ୍ରାମରେ ମୋତିଆବିନ୍ଦୁ ପରୀକ୍ଷଣ ଶିବିର ସଭାପତି ବିଶ୍ୱଜିତ ରାଉତଙ୍କ ଅଧ୍ୟକ୍ଷତାରେ ଗୁରୁବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ସିଭିଲଟାଉନଶିପ୍‌ସ୍ଥିତ ଟେକ୍ନିସିଆନ ସୁସ୍ମିତା ମିଞ୍ଜ ଓ ଅନ୍ୟମାନେ ଯୋଗ ଦେଇଥିଲେ। ଫୁଲଝର ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ଚକ୍ଷୁ ପରୀକ୍ଷଣ କରିଥିଲେ। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ ହୋଇଥିଲା। ଶୁକ୍ରବାର ସେମାନଙ୍କ ଅସ୍ତ୍ରୋପଚାର କରାଯିବ। ଏହି ଶିବିରରେ ଚକ୍ଷୁସମସ୍ୟା ଥିବା ରୋଗୀଙ୍କୁ ମାଗଣାରେ ଔଷଧ ଓ ଚଷମା ବିତରଣ କରାଯାଇଥିଲା। ବିଜୟ ସୁନ୍ଦରରାୟ, ପୂର୍ଣ୍ଣିମା ମହାନ୍ତି, ବେଣୁଧର କୁମ୍ଭାର, ସରିତା ପଲେଇ, ରାଜୀବ ପଲାଇ, ଶାନ୍ତିଲତା ବେହେରା, ବନୋଜ ବିଶ୍ୱାଳଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ।

# ଏନ୍‌ଆଇଟିରେ ଇସ୍ରୋ ବୈଜ୍ଞାନିକ

ରାଉରକେଲା ,୧୦।୮(ସଙ୍ଗୀତା ଜେନା)



ବୈଜ୍ଞାନିକମାନେ ଏନ୍‌ଆଇଟି ବୁଲି ଦେଖୁଛନ୍ତି। (ଫଟୋ ବିବେକ)

ସ୍ପେଶ୍ ଟେକ୍ନୋଲୋଜି ଇନ୍‌କ୍ୟୁବେଶନ୍ ସେଣ୍ଟର ରାଉରକେଲା ଏନ୍‌ଆଇଟି ୩ୟ ଯୁଗ୍ମ ପରିଚାଳନା କମିଟି ବୈଠକ ରାଉରକେଲା ଏଫ୍‌ଟିବିଆଇ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଇସ୍ରୋର ୮ଜଣ ବରିଷ୍ଠ ବୈଜ୍ଞାନିକ ଯୋଗଦେବା ସହ ସ୍ପେଶ୍ ଟେକ୍ନୋଲୋଜି ଇନ୍‌କ୍ୟୁବେଶନ୍ ସେଣ୍ଟର ପ୍ରକଳ୍ପକୁ ଗୁରୁବାର ପରିଦର୍ଶନ କରିଥିଲେ। ଏଥିରେ ଶିକ୍ଷାନୁଷ୍ଠାନର ଡିନ୍ ପ୍ରୟୋଜିତ ଅନୁସନ୍ଧାନ ପ୍ରଫେସର ମୁକେଶ ଗୁପ୍ତା ସଭାପତିତ୍ୱ କରିଥିଲେ। ବୈଜ୍ଞାନିକମାନଙ୍କୁ ଏସ୍‌ଟିଆଇସି ସଂଯୋଜିକା ପ୍ରଫେସର ସୁସ୍ମିତା ଦାସ ସ୍ୱାଗତ କରିଥିଲେ। ଏସ୍‌ଟିଆଇସି ସମ୍ପ୍ରତି ଏନ୍‌ଆଇଟିରେ ୯ଟି ପ୍ରକଳ୍ପରେ କାର୍ଯ୍ୟ କରୁଛି। ବିଭିନ୍ନ ବିଭାଗରେ ଅଧ୍ୟାପକଙ୍କ ନେତୃତ୍ୱରେ ଦଳଗୁଡ଼ିକ କୃଷି ମନିଟରିଂ ଏବଂ ଫସଲ ବୀମା, ଟ୍ରାକିଂ ପ୍ରକ୍ରିୟାର ଡିଜାଇନ ଏବଂ ବିକାଶ, ତରଙ୍ଗ ସର୍କିଟ, ୟୁଏଭି ସାହାଯ୍ୟକାରୀ ପାଣିପାଗ ରାଡାର କାଲିବ୍ରେସିନର ସମନ୍ୱିତ ସୂଚନା ପ୍ରଣାଳୀ ଉପରେ କାର୍ଯ୍ୟ କରାଯାଉଛି। ଅନୁସନ୍ଧାନର ସୁଯୋଗ ଏବଂ ପ୍ରସ୍ତାବଗୁଡ଼ିକ କିପରି ବିସ୍ତୃତ ଭାବେ ଆରମ୍ଭ କରାଯାଇପାରିବ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସୂଚନାଯୋଗ୍ୟ, ସ୍ପେଶ୍ ଟେକ୍ନୋଲୋଜି ପ୍ରୟୋଗରେ ଗବେଷଣା ଏବଂ ଉତ୍ପାଦର ବିକାଶ ପାଇଁ ଇସ୍ରୋ ସମର୍ଥିତ ଅନ୍ୟତମ କେନ୍ଦ୍ର ହେଉଛି ଏନ୍‌ଆଇଟି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୧ ଅଗଷ୍ଟ, ୨୦୨୩



**ମହିଳା ମହାବିଦ୍ୟାଳୟ ନୃତତ୍ତ୍ୱ ବିଭାଗରେ ପାଠଚକ୍ର**

**ସମ୍ବଲପୁର,(ବି.ଶଙ୍କର):** ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ନୃତତ୍ତ୍ୱ ବିଭାଗରେ ଗୁରୁବାର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ବିଶେଷଜ୍ଞ ଆଲୋଚକ ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗର ପ୍ରାଧ୍ୟାପିକା ପ୍ରଫେସର ଭାରତୀ କେରୀ ଯୋଗଦେଇ ଓଡିଶା ତଥା ଭାରତର ଆଦିମ ଜନଜାତି ସଂସ୍କୃତି ଉପରେ ଆଲୋକପାତ କରିଥିଲେ।

## ସଂକ୍ଷେପରେ

### ଭାରତ ଛାଡ଼ ଆନ୍ଦୋଳନର ୮୧ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ

**ସମ୍ବଲପୁର,୧୦।୮(ବି.ଶଙ୍କର)**

ଭାରତ ଛାଡ଼ ଆନ୍ଦୋଳନର ୮୧ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ସମ୍ବଲପୁର କ୍ଷେତରାଜପୁରସ୍ଥିତ ବାଲାଜୀ କଲୋନୀରେ ପାଳିତ ହୋଇଯାଇଛି। ସାମାଜିକ କର୍ମୀ କାର୍ତ୍ତିକ ବହିଦାରଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ଦାମୋଦର କର ମୁଖ୍ୟଅତିଥି, ଅନୀଲ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତ ଛାଡ ଆନ୍ଦୋଳନ ବିଷୟରେ ଆଲୋଚନା କରିଥିଲେ। ଆବାହିକା ମୁନମୁନ ସୌଦାଗର ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ବାଲାଜୀ କଲୋନୀ ମହିଳା ସମିତି ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନାରାୟଣ ମେହେରଙ୍କ ସୁପୁତ୍ର ଅବସରପ୍ରାପ୍ତ ସେନାଧିକାରୀ ଜନାର୍ଦ୍ଦନ ମେହେର, ବିନୋଦ କୁମାର ସାହୁ, ଶିବ ଶମ୍ଭୁ ଯାଦବ, ଅବସରପ୍ରାପ୍ତ ଶିକ୍ଷକ ରାମ ନରେଶ ପାଣ୍ଡେ ଓ ଶିବ ଶଙ୍କର ମିଶ୍ରଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସମଗ୍ର ଦେଶରେ ଚାଲିଥିବା ମୋର ମାଟି ମୋର ଦେଶ କାର୍ଯ୍ୟକ୍ରମ ସମ୍ବଲପୁର ଜିଲାରେ ଶୁଭାରମ୍ଭ ହୋଇଥିଲା।

### କୁନ୍ତରା କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**କୁଚିଣ୍ଡା,୧୦।୮(ବିରଞ୍ଚି ଦର୍ଶା)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍, ଇକୋ କ୍ଲବ, ରେଡକ୍ରସ ଓ କାପୁଟିକିରା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ବୁଧବାର ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାପୁଟିକିରାଠାରୁ ଆଠଗାଁ ସମଲେଇ ମନ୍ଦିର ପର୍ଯ୍ୟନ୍ତ ବୃକ୍ଷରୋପଣ କରାଯାଇଥିଲା। କୁନ୍ତରା କଲେଜ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମେହେର, ଏନ୍‌ଏସ୍‌ଏସ୍ ସମ୍ପାଦକ ତରୁଣ କୁମାର ପୃଷେଠ, ଇକୋ କ୍ଲବ ସମ୍ପାଦକ ଅଧ୍ୟାପକ ଖଗପତି ଅମାତ, ରେଡକ୍ରସର ସମ୍ପାଦକ ଅଧ୍ୟାପକ ଶିବଶଙ୍କର ମଲ୍ଲିକଙ୍କ ନେତୃତ୍ୱରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା। ବିଶ୍ୱାସ କେର୍କଟା, ମାନସ ପଟେଲ, ମିଲି କିଷାନ, ସନ୍ଧ୍ୟା ନାଏକ ସହଯୋଗ କରିଥିଲେ।

### ଫାଇଲେରିଆ ଔଷଧ ସେବନ ଉଦ୍‌ଘାଟିତ

**କୁଚିଣ୍ଡା,୧୦।୮(ବିରଞ୍ଚି ଦର୍ଶା)**

କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଫାଇଲେରିଆ ନିରାକରଣ ନିମନ୍ତେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଉପଜିଲାପାଳ ବିଭୂତି ଭୂଷଣ ନାୟକ ଉଦ୍‌ଘାଟନ କରିଛନ୍ତି। କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲାପାଳଙ୍କ ସମେତ କୁଚିଣ୍ଡା ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଈଶ୍ୱର ମୁଣ୍ଡା, ପିଏଚ୍‌ଇଓ ହଳଧର ନାଏକ ପ୍ରମୁଖ ଯୋଗଦେଇ ଔଷଧ ସେବନର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଆଗାମୀ ୧୯ତାରିଖ ପର୍ଯ୍ୟନ୍ତ ହେବ। କାର୍ଯ୍ୟକ୍ରମରେ ଜେଏଚ୍‌ଏମ୍ ଦୀପକ ନନ୍ଦ, ବିପିଏମ୍ ସୁମନ ବରୁଆ, ଡିଇଓ ଗିରିଧାରୀ ଦୁତିଆଚାନ୍ଦ, ଏସ୍‌ଟିଏସ୍ ଲିପିରାଣୀ ଦର୍ଶା, ସ୍ୱାସ୍ଥ୍ୟକର୍ମୀ ବୁନେଶ ପଟେଲ, ରିପନ ପଟେଲ, ଜଗନ୍ନାଥ ବେହେରା, ବିନତୀ ସରୋଜିନୀ ବୁଡ ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକ ପ୍ରଶାସନର ଅଣଦେଖା, ସରପଞ୍ଚ ଏକାଠି



ବୈଠକରେ ଯୋଗଦେଇଥିବା ସଂଘ କର୍ମକର୍ତ୍ତା।

**ସମ୍ବଲପୁର,୧୦।୮(ଶୁଭାଶିଷ ପାଢୀ)**

ସମ୍ବଲପୁର ଜିଲାରେ ସରପଞ୍ଚମାନଙ୍କୁ ବ୍ଲକ ପ୍ରଶାସନ ଅସହଯୋଗ କରୁଛି। ଫଳରେ ପଞ୍ଚାୟତ ବିକାଶ କାମରେ ବାଧା ସୃଷ୍ଟି ହେଉଛି। ପଲ୍ଲିସଭା ଅବା ଗ୍ରାମସଭା ନିଷ୍ପତ୍ତିକୁ ଅଣଦେଖା କରାଯାଉଛି। ପ୍ରସ୍ତାବିତ ହୋଇ ନ ଥିବା ପ୍ରକଳ୍ପ କାମ କରିବାକୁ ଯୋଜନା କରାଯାଉଛି। ପଞ୍ଚାୟତ ସ୍ତରରେ ସରପଞ୍ଚ ଲୋକଙ୍କ ପାଖରେ ଉତ୍ତର ଦାୟୀ ରହୁଥିବା ବେଳେ ସେମାନଙ୍କ କଥା ଗ୍ରହଣ କରାଯାଉ ନାହିଁ। ଧର୍ମୀୟ, ସାଂସ୍କୃତିକ ଅନୁଷ୍ଠାନ ଉନ୍ନୟନ କାମ ପାଇଁ ପ୍ରତି ପଞ୍ଚାୟତକୁ ୫୦ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ହେଲେ କେଉଁ କାମ ପାଇଁ ବ୍ୟବହାର ହେବ ତାହା ସରପଞ୍ଚଙ୍କ ଅଜାଣତରେ ହେଉଛି। ସରପଞ୍ଚମାନେ କ୍ଷମତା ପରିସରଭୁକ୍ତ ହୋଇଥିଲେ ମଧ୍ୟ ଏଥିରେ ବ୍ଲକ୍ ପ୍ରଶାସନ ମୁଣ୍ଡ ପୂରାଇବା ସହିତ ରାଜନୈତିକ ହସ୍ତକ୍ଷେପ କରାଯାଉଛି। ଏହା ଦ୍ୱାରା ସରକାରଙ୍କ ମୂଳ ଉଦ୍ଦେଶ୍ୟ ସଫଳ ହୋଇପାରିବ ନାହିଁ ବୋଲି ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଗୁରୁବାର ଜିଲା ସରପଞ୍ଚ ସଂଘ ବୈଠକରେ ମତପ୍ରକାଶ ପାଇଥିଲା। ଏଥିରେ ଜିଲାର ୯ ବ୍ଲକର ଅଧିକାଂଶ ସରପଞ୍ଚ ଯୋଗଦେଇଥିଲେ।

ସେମାନେ ଆହୁରି କହିଥିଲେ, ସରପଞ୍ଚମାନେ ଏକଜୁଟ ନ ହେଲେ ସବୁ ସମୟରେ ପ୍ରଶାସନ ଓ ରାଜନେତା ହସ୍ତକ୍ଷେପ କରିବେ। ବିକାଶ ହୋଇପାରିବ ନାହିଁ ଓ ସରପଞ୍ଚମାନଙ୍କୁ ନିନ୍ଦିତ ହେବାକୁ ପଡିବ। ସରପଞ୍ଚ ନିଜର ମୌଳିକ ଦାୟିତ୍ୱ ନିର୍ବାହ କରିବା ସହ ସଂଗଠନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ରାଜା ପାଲଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପ୍ରଫୁଲ୍ଲ ମିର୍ଦ୍ଧା, ଅରୁଣ ନାଏକ, ବିମଳ ଲାକ୍ରା, ସଞ୍ଜୀବ ପୂଜାରୀ, ରାମ ପ୍ରସାଦ ସାହୁ, ସଞ୍ଜୀବ ପ୍ରଧାନ, ସୁଷମା ସାହୁ, ଚିତ୍ତ ରଞ୍ଜନ ବାଗ, ଧନୁର୍ଜୟ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ଜିଲା ସରପଞ୍ଚ ସଂଘର

**ପ୍ରସ୍ତାବିତ ପ୍ରକଳ୍ପ, ଉନ୍ନୟନ କାମରେ ବାଧା**

ନୂତନ ସଦସ୍ୟ ଚୟନ ହୋଇଥିଲା। ଯୁଯୋମୁରା ବ୍ଲକ ପ୍ରଫୁଲ୍ଲ ମିର୍ଦ୍ଧା ସଭାପତି, ନାକଟିଦେଉଳ ବ୍ଲକର ରାମପ୍ରସାଦ ସାହୁ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ଯୁଯୋମୁରା ବ୍ଲକର ସରସ୍ୱତୀ ଭୋସାଗର ଓ ମାନେଶ୍ୱର ବ୍ଲକର ଲଳିତା ପ୍ରଧାନ ଉପସଭାନେତ୍ରୀ, ମାନେଶ୍ୱର ବ୍ଲକ୍‌ର ସଞ୍ଜୀବ ପୂଜାରୀ ଓ ବାମରା ବ୍ଲକର ତ୍ରିଲିଙ୍ଗ ଛତ୍ରିଆ ସମ୍ପାଦକ ଓ ରେଙ୍ଗାଲିର ମମତା ପୂଜାରୀ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏମାନଙ୍କ ସହ ୧୮ଜଣ କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଛନ୍ତି। ପ୍ରଫୁଲ୍ଲ କୁମାର ଦାଶ, ସରୋଜ ସାହୁ ଓ ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ କ୍ଷୀରୋଦ ରାଉଳ, ଅନ୍ତର୍ଯାମୀ ପ୍ରଧାନ, ମମତା ପ୍ରଧାନ, ନିରଞ୍ଜନ ପଣ୍ଡା, ଗୀତାଞ୍ଜଳି ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

## ଭିସୁଟ୍ ସେମିନାରରେ ଇସ୍ରୋ ବୈଜ୍ଞାନିକ


ଭିସୁଟରେ ସେମିନାରରେ ଯୋଗଦେଇଥିବା ଅତିଥି, ଛାତ୍ରୀଛାତ୍ର।

**ସମ୍ବଲପୁର,୧୦।୮ (ଶୁଭାଶିଷ ପାଢୀ)**

ସମ୍ବଲପୁର ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ଓ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ମିଳିତ ସେମିନାର ସ୍ପେସ୍ ଇନ୍‌କ୍ୟୁବେସନ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍ ସୁଧୀର କୁମାର, ନିର୍ଦ୍ଦେଶକ ସିବିପିଓ, ଆଇଏସ୍‌ଆର୍‌ଓ, ନିଶାନ୍ତ କୁମାର, ଡେପୁଟି ଡାଇରେକ୍ଟର ସିବିପିଓ, ଆଇଏସ୍‌ଆର୍‌ଓ, ଡ. ଏମ୍‌ଆର୍‌କେ ମେନନ୍, ପ୍ରୋଜେକ୍ଟ ମେଣ୍ଟର, ଆଇଏସ୍‌ଆର୍‌ଓ, ଭିସୁଟ୍ କୁଳପତି ଡ. ବଂଶୀଧର ମାଝି, ଇଲେକ୍ଟ୍ରୋନିକ୍ସ ଓ ଟେଲି ଯୋଗାଯୋଗ ବିଭାଗ ସଂଯୋଜକ ପ୍ରଫେସର ହରିଶ କୁମାର ସାହା ମଞ୍ଚାସୀନ ଥିଲେ। ବିଜୁ ପଟ୍ଟନାୟକ ଇ-ଲର୍ଣ୍ଣିଂ ସେଣ୍ଟରର ରକେଟ୍ରି ଓ ସ୍ପେସ୍ ପ୍ରୋଗ୍ରାମ୍ ଏବଂ କୃଷି ଓ ସର୍ଭିଲାନ୍ସ ଡ୍ରୋନ୍ସର ପ୍ରଦର୍ଶନ ଶୀର୍ଷକ ସେମିନାର ଆୟୋଜନ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଏକ ସ୍ୱଦେଶୀ ଉପଗ୍ରହ ବାର୍ତ୍ତାଳାପ ପରିସର ବାହାରେ ପ୍ରସାରିତ ହୋଇଥିଲା। ସର୍ବୋଚ୍ଚ ସ୍ତରରେ ପହଞ୍ଚିବା ପରେ ଡ୍ରୋନ୍ ଶୋ ଦର୍ଶକଙ୍କୁ ଆକର୍ଷିତ କରିଥିଲା। କୁଳପତି ଡକ୍ଟର ମାଝି କହିଥିଲେ, ଇସ୍ରୋ ଭିସୁଟକୁ ସହଯୋଗର ହାତ ବଢାଇଛି। ଆଜି ଏହାକୁ ନେଇ ସେମିନାର ହୋଇଥିଲା। ଆଗକୁ ଏହି ଧାରା ବଜାୟ ରହିବ ବୋଲି କହିଥିଲେ। ଇସ୍ରୋର ସିବିପିଓର ନିର୍ଦ୍ଦେଶକ ସୁଧୀର କୁମାର କହିଥିଲେ, ଆସନ୍ତା ୨୩ ତାରିଖ ସନ୍ଧ୍ୟା ୫ଟା ୩୭ ମିନିଟରେ ଚନ୍ଦ୍ରାୟନ ଚନ୍ଦ୍ର ପୃଷ୍ଠରେ ସମ୍ଭବତଃ ସଫଳତାର ସହ ଅବତରଣ କରିପାରେ। ଚନ୍ଦ୍ରାୟନ ବର୍ତ୍ତମାନ ଚନ୍ଦ୍ରର କକ୍ଷ ପଥରେ ପହଞ୍ଚିସାରିଛି। ଭିସୁଟଠାରେ ଅନୁଷ୍ଠିତ ରକେଟ୍ରି ଓ ସ୍ପେସ ପ୍ରୋଗ୍ରାମ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବ ବୋଲି କହିଥିଲେ।

## କୁଚିଣ୍ଡା ଯୁକ୍ତଦୁଇ କଲେଜରେ ପ୍ରବେଶ ଉତ୍ସବ


ପ୍ରବେଶ ଉତ୍ସବରେ ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକ।

**କୁଚିଣ୍ଡା,୧୦।୮(ବିରଞ୍ଚି ଦର୍ଶା)**

କୁଚିଣ୍ଡା ଦୁଇଯୁକ୍ତ କଲେଜରେ ପ୍ରଥମ ବର୍ଷ ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଗୁରୁବାର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଯୁକ୍ତ ୩ ଛାତ୍ରୀ ଶୁଭଶ୍ରୀ ତ୍ରିପାଠୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରାଧ୍ୟାପକ ଡ. ଅମିୟ କୁମାର ପାତ୍ର ସ୍ୱାଗତ ଭାଷଣ ସହ ଉତ୍ସବର ଉଦ୍ଦେଶ୍ୟ ବ୍ୟକ୍ତ କରିଥିଲେ। ପ୍ରାଧ୍ୟାପକ ଡ.ସୁମନ୍ତ କୁମାର ପଟେଲ, ପ୍ରାଧ୍ୟାପିକା ସୁଭଦ୍ରା ଦାଶ, ଅଧ୍ୟାପିକା ସଞ୍ଜୁଶ୍ରୀ ସାହୁ, ମଞ୍ଜୁଶ୍ରୀ ଦାଶ, ଅଧ୍ୟାପକ ଅଭିନ କିଷାନ, ଅଧ୍ୟାପିକା ଝରଣାମୟୀ ସୁନା, ଖୁରସିଦ ଆରା ବେଗମ ପ୍ରମୁଖ ଛାତ୍ର ଜୀବନର ଶୃଙ୍ଖଳାଗତ ସାଧନା ଦ୍ୱାରା ଶିକ୍ଷାର କିପରି ମାନ ବୃଦ୍ଧି ହୋଇଥାଏ ଆଲୋଚନା କରିଥିଲେ। ଶେଷରେ ଅଧ୍ୟାପକ କାହ୍ନୁଚରଣ ମୁନା ଧନ୍ୟବାଦ ଅର୍ପଣ କରିଥିଲେ।

### ମାନବିକତା ଦେଖାଇଲା ନାଗରିକ ସଂଘ

**ଜମନକିରା,୧୦।୮ (ରବୀନ୍ଦ୍ର ପ୍ରସାଦ ଦାନି)**

ଜମନକିରା ଯୁବ ସଚେତନ ନାଗରିକ ସଂଘ କର୍ମକର୍ତ୍ତା ଜଣେ ମାନସିକ ବିକୃତ ବ୍ୟକ୍ତିଙ୍କ ଚିକିତ୍ସା କରାଇ ମାନବିକତା ଦେଖାଇଛନ୍ତି। ସୂଚନା ଅନୁସାରେ ବୁଧବାର ରାତିରେ ଦଶଘରିଆ ନିକଟରେ ମାନସିକ ବିକୃତ ବ୍ୟକ୍ତି ଅସୁସ୍ଥ ଥିବା ଦେଖି ସେଠିକା ବାସିନ୍ଦା ସୁରେନ୍ଦ୍ର ବୁଢ଼ା ନାଗରିକ ସଂଘ ସଭାପତି ଅବଦୁଲ ଗୁଲାମ କାଦିରଙ୍କୁ ଜଣାଇଥିଲେ। ପରେ କର୍ମକର୍ତ୍ତା ଭାସ୍କର ଭଞ୍ଜ ଓ ଅନ୍ୟମାନେ ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନା ନେଇଥିଲେ। ସେଠାରେ ତାଙ୍କ ଗୋଡରେ ଏକ ଲୁହା କଣ୍ଟା ପଶି ସେପ୍ଟିକ ହୋଇଥିବା ଜଣାପଡିଥିଲା। ଏଥିଯୋଗୁ ସେ ଜ୍ୱରରେ ମଧ୍ୟ ପୀଡିତ ଥିଲେ। ଗୁରୁବାର ସକାଳେ ଡାକ୍ତରଖାନାରେ ତାଙ୍କ ପାଦରୁ ଲୁହା କଣ୍ଟା ବାହାର କରାଯାଇଥିଲା। ପରେ ଆବଶ୍ୟକ ଚିକିତ୍ସା କରାଯାଇଥିଲା। ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ପରିଚୟ ମିଳି ନ ଥିବା ବ୍ୟକ୍ତିଙ୍କ ଯତ୍ନ ନିଆଯିବ ବୋଲି ସଂଘ ସଭାପତି ପ୍ରକାଶ କରିଛନ୍ତି। ସଂଘର ବବୁଲ ପ୍ରସାଦ, ଶିବା ବାଘ, ତରୁଣ କୁମାର, ଶ୍ୟାମ ବାଘ ପ୍ରମୁଖ ସହଯୋଗ କରିଥିଲେ।

## ୧୬ରୁ ପ୍ରାଥମିକ ବିଦ୍ୟାଳୟ ବନ୍ଦ ଖବର ଗୁଜବ

**ସେପ୍ଟେମ୍ବର ୧୬ରୁ ୨୨ ପର୍ଯ୍ୟନ୍ତ ଭ୍ରମଣ ଶିକ୍ଷାରଥ**



ଖବରଦାତା ସମ୍ମିଳନୀରେ ସଂଘ କର୍ମକର୍ତ୍ତା ସୂଚିତ କରୁଛନ୍ତି।

**ସମ୍ବଲପୁର,୧୦।୮(ବି.ଶଙ୍କର)**

୧୬ ଅଗଷ୍ଟରୁ ସମୂହ ପ୍ରାଥମିକ ବିଦ୍ୟାଳୟଗୁଡିକ ବନ୍ଦ ରହିବା ଖବର ଗୁଜବ ଅଟେ। ବିଦ୍ୟାଳୟ ଯେମିତି ଚାଲିଥିଲା ସେମିତି ଚାଲୁ ରହିବ। ଗୁରୁବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସଭାନେତ୍ରୀ ଅନିତା ମେହେର ଏହା କହିଛନ୍ତି। ବାହାର ଲୋକ ପ୍ରାଥମିକ ବିଦ୍ୟାଳୟ ବନ୍ଦ ରହିବ ବୋଲି ଅପପ୍ରଚାର କରୁଛନ୍ତି। ସଂଘ କର୍ମକର୍ତ୍ତା ସୂଚନା ଦେଇ କହିଥିଲେ, କୌଣସି ଭାବରେ ମଧ ଛୋଟ ପିଲାଙ୍କ ଭବିଷ୍ୟତକୁ ନେଇ ବାଧା ସୃଷ୍ଟି କରାଯିବ ନାହିଁ। କିନ୍ତୁ ଶିକ୍ଷୟିତ୍ରୀଶିକ୍ଷକଙ୍କ ମୂଳ ଚାକିରିଠାରୁ ୨୮୦୦ ଗ୍ରେଡ ପେ, ସମାନ କାମକୁ ସମାନ ଦରମା, ପୁରୁଣା ପେନ୍‌ସନ୍ ଓ ସପ୍ତମ ବେତନ ହାର ଅନୁଯାୟୀ ପଦୋନ୍ନତି ଦାବିକୁ ସଂଘର ସମର୍ଥନ ରହିବ। ଅନ୍ୟପକ୍ଷେ ଶିକ୍ଷାରଥ ଶିକ୍ଷକମାନଙ୍କ ପୁରୁଣା ପେନ୍‌ସନ୍ ପାଇଁ ଭାରତ ପରିଭ୍ରମଣରେ ବାହାରୁଛି। ଆସାମ, କନ୍ୟାକୁମାରୀ, ଗୁଜରାଟ, ପଞ୍ଜାବ ଓ ଓଡ଼ିଶା ଦେଇ ଆସୁଥିବା ପୂର୍ବ ଭାରତ ଆସାମଠାରୁ ପଶ୍ଚିମବଙ୍ଗ ଦେଇ ବାଲେଶ୍ୱର ଜିଲା ଜଳେଶ୍ୱରଠାରେ ପ୍ରବେଶ କରିବ। ଏହା ସେପ୍ଟେମ୍ବର ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଭ୍ରମଣ କରିବ। ଖବରଦାତା ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ବବୃବାହାନ ଭୋଇ, ସମ୍ବଲପୁର ଜିଲା ଶାଖା ସଭାନେତ୍ରୀ ଜୋତ୍ସ୍ନାମୟୀ ଦାଶ, ଜିଲା ସାଧାରଣ ସମ୍ପାଦିକା ଝରଣା ହରିପାଲ, ଆଇନ ପରାମର୍ଶଦାତା ଚିତ୍ତରଞ୍ଜନ ପଣ୍ଡା, ସଦସ୍ୟ ଜୟନ୍ତୀ ଦେବତା, ରଞ୍ଜୁ ପଟ୍ଟନାୟକ, ଭାରତୀ ମେହେର ଉପସ୍ଥିତ ଥିଲେ।

## ଚାରା ରୋପଣ ସଚେତନତା ସଭା


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

**ଜମନକିରା,୧୦।୮(ରବୀନ୍ଦ୍ର ପ୍ରସାଦ ଦାନି)**

ବାମରା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଚାରା ରୋପଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସାୟାରାବାନୋ ଲାସ୍କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରକୃତି ବନ୍ଧୁ ସୁବାଷଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବାମରା ବ୍ଲକକୁ ସବୁଜ ସୁନ୍ଦର କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଶିବଶଙ୍କର ପଣ୍ଡା, ଦେବକୀ ନାୟକ, ପ୍ରକୃତି ବନ୍ଧୁ ରବୀନ୍ଦ୍ର ଦାସ, ଅଲେଖ ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ସଙ୍ଗୀତା ନାୟକ ସ୍ୱାଗତ ଭାଷଣ ଓ ପିଙ୍କି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଜ୍ୟୋତ୍ସ୍ନାମୟୀ ମିଶ୍ର, ନରେନ୍ଦ୍ର ସାହୁ, ଇଗ୍ନେସ ଲାକ୍ରା, ପ୍ରିୟବ୍ରତ ଦାସ ପ୍ରମୁଖଙ୍କ ନେତୃତ୍ୱରେ ବିଭିନ୍ନ ପ୍ରଜାତିର ୫୦ ଚାରା ରୋପଣ କରାଯାଇଥିଲା।

### ଡିଜେଲ ଚୋରି: ୨ ଗିରଫ

**ଜମନକିରା,୧୦।୮ (ରବୀନ୍ଦ୍ର ପ୍ରସାଦ ଦାନି)**

ଜମନକିରା ଥାନା ଟିକିଲି ପଞ୍ଚାୟତ ଜେମାମାଳ ଗାଁର ଏକ ଟ୍ରାକ୍ଟରରୁ ଡିଜେଲ ଚୋରି ଅଭିଯୋଗରେ ଗୁରୁବାର ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟିକିଲିପଡ଼ା ଗାଁର ଲବଣୀକାନ୍ତ ଖାଡ଼ିଆ (୪୫) ଓ ବଞ୍ଜାରି ଗାଁର ଜେନା ଟପୋ (୨୮)। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୮୭/୨୩) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ ଜେମାମାଳ ଗାଁର ରାମ ପଟେଲଙ୍କ ଟ୍ରାକ୍ଟର ଘର ପଛପଟେ ଥିବା ସୁଯୋଗ ନେଇ ଲବଣୀ ଓ ଜେନା ୫୫ଲିଟର ଡିଜେଲ ଚୋରି କରି ନେଇଥିଲେ। ଏହା ଜାଣିବା ପରେ ରାମ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ସ୍ୱାଧୀନତା ସଂଗ୍ରାମରେ ସମ୍ବଲପୁରର ଅବଦାନ ଅତୁଳନୀୟ

**ଜିଏମ୍‌ୟୁ ଇତିହାସ ବିଭାଗରେ କ୍ରାନ୍ତି ଦିବସ**

**ସମ୍ବଲପୁର,୧୦।୮(ବି.ଶଙ୍କର)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଇତିହାସ ବିଭାଗ ପକ୍ଷରୁ ଅମୃତ ବିହାରସ୍ଥିତ ଅଧ୍ୟାପନା ପ୍ରକୋଷ୍ଠ-୧ରେ ବୁଧବାର କ୍ରାନ୍ତି ଦିବସ ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆଲୋଚନାଚକ୍ର ହୋଇଥିଲା। ଐତିହାସିକ ଦୀପକ କୁମାର ପଣ୍ଡା ବକ୍ତା ଭାବେ ଯୋଗଦେଇ କହିଥିଲେ, ସ୍ୱାଧୀନତା ସଂଗ୍ରାମରେ ସମ୍ବଲପୁରର ଅବଦାନ ଅତୁଳନୀୟ ଥିଲା। କିନ୍ତୁ ଏହି ଅମୂଲ୍ୟ ଅବଦାନ ପ୍ରସଙ୍ଗ ଅନ୍ଧକାର ମଧ୍ୟରେ ରହିଯାଇଛି। କଂଗ୍ରେସକୁ ଓଡିଶା ଆଣିବାରେ ଚନ୍ଦ୍ରଶେଖର ବେହେରା ଭଗୀରଥ ଥିଲେ। ସେ ୧୯୧୯ରେ ଉତ୍କଳ ସମ୍ମିଳନୀର ପୁରୀ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଅଭିଭାଷଣରେ ଚନ୍ଦ୍ରଶେଖର ସର୍ବଭାରତୀୟ ସଂଗଠନ ସହ ଯୋଡିହେବାର ପ୍ରଥମ ପ୍ରସ୍ତାବ ରଖିଥିଲେ। ୧୯୨୦ରେ କଂଗ୍ରେସର ନାଗପୁର ଅଧିବେଶନରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ରାଜ୍ୟ ଗଠନର ସେ ସୂତ୍ରଧର ଥିଲେ ବୋଲି ଦୀପକ କହିଥିଲେ। ପ୍ରାକ୍ତନ ଇତିହାସ ଅଧ୍ୟାପକ ଡ. ପତିତ ପାବନ ମିଶ୍ର ୧୯୪୨ ଘଟଣା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ୧୯୪୨ କ୍ରାନ୍ତି ଫଳରେ ଏକୀକୃତ ଭାରତ ଭାବନା ବଳଶାଳୀ ହେଲା ଓ ଦେଶୀୟ ରାଜ୍ୟଗୁଡିକର ସମ୍ମିଶ୍ରଣ ସମ୍ଭବପର ହେଲା ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗାରାଜୁ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାଶ, ଉପକୁଳ ସଚିବ ଡ. ଉମାଚରଣ ପତି ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଡ. ସନ୍ତୋଷ କୁମାର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା ଓ ଡ. ପରମତାପ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଡିନ୍ ଅଫ ରିସର୍ଚ୍ଚ ଡ. ଜ୍ଞାନ ରଞ୍ଜନ ସ୍ୱାଇଁ, ଭୀମଭୋଇ ଚେୟାରର ପ୍ରଫେସର ଡ. ପ୍ରଦୀପ ପଣ୍ଡା, ଡ. ସସ୍ମିତା ରାଣୀ ଶାସନୀ, ଡ. ଦ୍ୱାରିକାନାଥ ନାୟକ, କବି ସୌଭାଗ୍ୟବନ୍ତ ମହାରଣା ନିମନ୍ତ୍ରିତ ଅତିଥି ଥିଲେ।

## ସମୀର ବାବୁଙ୍କୁ ମିଥ୍ୟା ମାମଲାରେ ଫଶାଯାଉଛି

**ସମ୍ବଲପୁର,୧୦।୮ (ଶୁଭାଶିଷ ପାଢୀ)**

**ଆଇଜିଙ୍କୁ ଭେଟିଲା ଶୀତଳଷଷ୍ଠୀ ଯାତ୍ରା କମିଟି**

ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା କମିଟି ସଦସ୍ୟମାନେ ବୁଧବାର ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାରଙ୍କୁ ଭେଟିଛନ୍ତି। ସେମାନେ ଅଭିଯୋଗ କରିଥିଲେ, ଶୀତଳଷଷ୍ଠୀ ଯାତ୍ରା କମିଟି ତଥା ମିଳିତ ସମନ୍ୱୟ ସମିତି ସଭାପତି ସମୀର ରଞ୍ଜନ ବାବୁ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥିଲେ। ଠିକ୍ ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ। ହେଲେ ହନୁମାନ ଜୟନ୍ତୀ ସମୟରେ ତାଙ୍କର ପ୍ରତ୍ୟକ୍ଷ ସମ୍ପୃକ୍ତି ନ ଥାଇ ଗିରଫ କରାଗଲା। ଏବେ ଜାମିନ ମିଳିବା ସମୟରେ ପୁଣି ମିଥ୍ୟା ମାମଲାରେ ପୋଲିସ ରିମାଣ୍ଡ ଦେଇ କୋର୍ଟରୁ ଜାମିନ ମିଳିବାରେ ବାଧା ସୃଷ୍ଟି କରୁଛି। ହନୁମାନ ଜୟନ୍ତି ଶୋଭାଯାତ୍ରା ଓ ବାଇକ ଶୋଭାଯାତ୍ରା ସମୟରେ ମାରପିଟ, ପୋଡାଜଳା ଭଳି ଘଟଣା ଘଟିଥିଲା। ଘଟଣାକୁ ସାଢେ ୩ ମାସ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତମାନଙ୍କୁ ଜାମିନ ମିଳିପାରୁ ନାହିଁ। ମାମଲାର ଶୁଣାଣି କରି ଜାମିନ ହେବା ସମୟରେ ପୋଲିସ ପୁଣି ଏକ ମାମଲାରେ ରିମାଣ୍ଡ ନେଇଯାଉଛି। ପୋଲିସ ନିରପେକ୍ଷ ଭାବେ କାର୍ଯ୍ୟକରୁ ଓ ଲୋକଙ୍କ ଆସ୍ଥାଭାଜନ ହେଉ ବୋଲି ଦର୍ଶାଇଥିଲେ। ଗୋଲକ ବିହାରୀ ମିଶ୍ର, ପ୍ରଫୁଲ୍ଲ ହୋତା, ପ୍ରଶାନ୍ତ କୁମାର ବରେଇ, ଫଣିଭୂଷଣ ମିଶ୍ର, ସନତ ନନ୍ଦ, ପ୍ରଭୁଦତ୍ତ ପଣ୍ଡା, ଶିବ ଶଙ୍କର ମିଶ୍ର, ଅମୂଲ୍ୟ କୁମାର ମିଶ୍ର, ବି.ବି. ମିଶ୍ର, ଏସ୍. ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



ଆଇଜି ଅଫିସ ସମ୍ମୁଖରେ ଶୀତଲଷ୍ଠୀ ଯାତ୍ରା କମିଟି ସଦସ୍ୟ।

## ସଭିଏଁ ଖାଇଲେ ରୋଗମୁକ୍ତ ଲକ୍ଷ୍ୟ ପୂରା ହେବ

**ଫାଇଲେରିଆ ପାଇଁ ସାମୂହିକ ଔଷଧ ସେବନ**

**ସମ୍ବଲପୁର,୧୦।୮(ଶୁଭାଶିଷ ପାଢୀ)**

ସମ୍ବଲପୁର ମହାନଗର ନିଗମ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲଠାରେ ଫାଇଲେରିଆ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଗୁରୁବାର ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଉପସ୍ଥିତ ଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼. ପୂର୍ଣ୍ଣଚନ୍ଦ୍ର ସାହୁ, ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ ମିଶ୍ର, ଜିଲା ସାମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଆଇଏଏସ୍ ପ୍ରୋବେଶନ ସ୍ନେହା ଅରୁଗୁଲ, ଡିପିଏମ୍ ମୌସୁମୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସୂଚନାଯୋଗ୍ୟ, ଜିଲାରେ ୧୧,୧୪,୪୪୬ ଜଣଙ୍କୁ ଔଷଧ ଦେବାର ଲକ୍ଷ୍ୟ ରଖାଯାଇଛି। ଏଥିରେ ୪୩୪୩ ଜଣ ଡ୍ରଗ୍ସ ଆଡ୍‌ମିନିଷ୍ଟ୍ରେଟର, ୪୩୪ ଜଣ ସୁପରଭାଇଜର, ୬୬ ରାପିଡ଼୍ ରେସ୍ପନ୍ସ ଟିମ୍ ନିୟୋଜିତ ସହିତ ୧୯ କଣ୍ଟ୍ରୋଲ ରୁମ କାର୍ଯ୍ୟ କରିବ ବୋଲ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କେବଳ ଗର୍ଭବତୀ ମହିଳା, ୨ବର୍ଷରୁ କମ ଶିଶୁ, ଗୁରୁତର ଆସୁସ୍ଥ ରୋଗୀ ଓ ମା'ଙ୍କୁ ଶିଶୁ ଜନ୍ମର ୧ ସପ୍ତାହ ମଧ୍ୟରେ ଏହି ବଟିକା ଦିଆଯିବ ନାହିଁ। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନଙ୍କ ସହିତ ବିଦ୍ୟାଳୟର ଛାତ୍ରୀଛାତ୍ର ବଟିକା ସେବନ କରିଛନ୍ତି। ସମସ୍ତେ ଯେଭଳି ଔଷଧ ଖାଇବେ ସେଥିପାଇଁ ସହଯୋଗ କରିବାକୁ ଅତିଥିମାନେ ମତପ୍ରକାଶ କରିଛନ୍ତି। ସମସ୍ତେ ଖାଇଲେ ହିଁ ଜିଲାକୁ ଫାଇଲେରିଆ ମୁକ୍ତ କରିପାରିବା ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।



ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ।

**ମଧୁବାବୁ ପେନ୍‌ସନ ଯୋଜନାରେ ୭୯୮ ଜଣଙ୍କୁ ଭତ୍ତା ପ୍ରଦାନ**

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ବ୍ଲକର ୨୬ଟି ପଞ୍ଚାୟତରେ ମଧୁବାବୁ ପେନସନ ଯୋଜନାରେ ସାମିଲ କରି ୭୯୪ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ବେଳେ ଅତିଥି ଭାବେ ବିଡିଓ ବିରସେନ ବେହେରା, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା ସମେତ ବ୍ଲକର ସମସ୍ତ କର୍ମଚାରୀଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଭିନ୍ନ ପଞ୍ଚାୟତ ସରପଞ୍ଚମାନେ ଉପସ୍ଥିତି ରହି ସହଯୋଗ କରିଥିଲେ।

## ସଂକ୍ଷେପରେ

### ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

କୋକସରା/ବେହେରା,୧୦।୮ (ଦୁଷ୍ମନ୍ତ ପାଟଯୋଶୀ/ଭୁପେଶ ତିୱାରୀ)

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ଛଣାଣବାହାଲିରେ ଘର ଭିତରେ ବେକରେ ରଶି ଲଗାଇ ମସ୍ତକରାମ ହେର୍ଣ୍ଣା (୪୫) ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପରିବାର ଲୋକଙ୍କଠାରୁ ଅଭିଯୋଗ ମିଳିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘରୁ ମୃତଦେହ ଜବତ କରିଛି। କୋକସରା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ମସ୍ତକରାମ କାହିଁକି ଆତ୍ମହତ୍ୟା କରିଛନ୍ତି ସେ ନେଇ କୌଣସି ସୂଚନା ପୋଲିସରେ ହସ୍ତଗତ ହୋଇ ନ ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ପୋଲିସ ଏସଆଇ ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ (ନଂ.୧୯/୨୩) ରୁଜୁ ହୋଇଛି।

### କଂଗ୍ରେସ ପକ୍ଷରୁ ବିଶାଳ ଶୋଭାଯାତ୍ରା

ଲାଞ୍ଜିଗଡ଼,୧୦।୮ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ କ୍ରାନ୍ତି ଦିବସ ଅବସରରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ହରିହର କୁମାରଙ୍କ ନେତୃତ୍ୱରେ ଚାଙ୍ଗେର ମାଝି, ରାଜେନ୍ଦ୍ର ମାଲି, ମନୋଜ ରାଉତ, ପୂର୍ଣ୍ଣଚନ୍ଦ୍ର ଗଉଡ଼, ବିଜୟ ନାଏକ, ରଞ୍ଜିତା ମୁଣ୍ଡା, ଭଗବାନ ମାଝି, କେଶବଚନ୍ଦ୍ର ବାରିକ, ପୁରୁଷୋତ୍ତମ ଦଣ୍ଡସେନା ଏକ ଶୋଭାଯାତ୍ରା ବିଶ୍ୱନାଥପୁର କଲେଜ ଛକରୁ ବାହାରି ମେଡିକାଲ ଛକ ଯାଏଁ ଯାଇଥିଲା। ଏଥିରେ କଂଗ୍ରେସ ଦଳର କର୍ମକର୍ତ୍ତାମାନେ କେନ୍ଦ୍ର ସରକାରଙ୍କ ଆଦିବାସୀ ଓ ଦଳିତ ବିରୋଧୀ ନୀତିକୁ ସମାଲୋଚନା କରି ଜୋରଦାର ନାରାବାଜି କରିଥିଲେ। ଏଥିରେ କଂଗ୍ରେସର ପୀତାମ୍ବର ପଟେଲ, ପଠାଣିସାମନ୍ତ ନାଗଙ୍କ ସମେତ ବ୍ଲକର ୨୬ଟି ଗ୍ରାମପଞ୍ଚାୟତ ଅଞ୍ଚଳରୁ ଦଳର ଶତାଧିକ କର୍ମୀ ସାମିଲ ହୋଇଥିଲେ।

### ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ

ରୁପ୍ରାରୋଡ୍,୧୦।୮ (ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ବାସନ୍ତୀ ସେଠୀଙ୍କ ଅଧ୍ୟକ୍ଷତାରେ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶାତ୍ମବୋଧକ ସଙ୍ଗୀତ, ପ୍ରବନ୍ଧ, ବକ୍ତୃତା ଓ ଫେନସି ଡ୍ରେସ ପ୍ରତିଯୋଗିତା ପାଇଁ ବିଡିଓ ଶିକ୍ଷକ ଓ ଅଧ୍ୟାପକମାନଙ୍କ ସହିତ ଆଲୋଚନା କରିଥିଲେ। ବୈଠକରେ ଏବିଡିଓ ଦେବେନ୍ଦ୍ର ସାମଲ, ଜିପିଓ କ୍ଷିତୀଶ ଚନ୍ଦ୍ର ନାଏକ, ଏବିଇଓ ସୂର୍ଯ୍ୟଦେବ ବାଗ, ଆଇସିଡିଏସ ସୁପରଭାଇଜର ଗୀତାଞ୍ଜଳି ସାହୁ, ନର୍ଲା ଥାନାଧିକାରୀ ଗଙ୍ଗାଧର ମେହେର, ପଞ୍ଚାନନ ତାଣ୍ଡିଙ୍କ ସମେତ ଅଗ୍ନିଶମ ବିଭାଗ ଅଧିକାରୀ, ଶିକ୍ଷାନୁଷ୍ଠାନ ପ୍ରତିନିଧିଙ୍କ ସହ ବିଭିନ୍ନ ବିଭାଗରୁ କର୍ମଚାରୀମାନେ ଉପସ୍ଥିତ ଥିଲେ। ବିଡିଓ ବାସନ୍ତୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

କୋକସରା,୧୦।୮ (ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ଥାନା ଅଧୀନ କାଶିବାହାଲ କେନାଲ ପାର୍ଶ୍ୱ ଚାଷ ଜମିରୁ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି କୋକସରା ପୋଲିସ। ମୃତାକା ହେଲେ କନ୍ଦାବୁଟୁରା ପଞ୍ଚାୟତ ଡୁନଗାଁର ସୋମନାଥ ଶବରଙ୍କ ସ୍ତ୍ରୀ ସୁରେଖା ଶବର (୫୦)। ସୂଚନା ଅନୁଯାଇ ଗୁରୁବାର ସକାଳୁ କୈବଲ୍ୟ ମାଝି ନାମକ ଚାଷୀ ନିଜ ଚାଷ ଜମିକୁ କାମ କରିବା ପାଇଁ ଆସିଥିଲେ। ଜମି ହୁଡ଼ାରେ ଥିବା ଏକ ଗଛରେ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖି କାଶିବାହାଲ ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ପ୍ରତିନିଧି ରୁଦ୍ର ନାଏକ କୋକସରା ଥାନାକୁ ଖବର ଦେବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। କୋକସରା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣା ପଡିବ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୮/୨୩) ରୁଜୁ ହୋଇଛି।

# ୧୩ ଚେକ୍‌ଡ୍ୟାମ୍ ଅଚଳ, ପୁନଃ ନିର୍ମାଣ ଦାବି

## କେସିଙ୍ଗା ବ୍ଲକ

■ ଯନ୍ତ୍ରୀଙ୍କ ନିକଟରେ ଚାଷୀଙ୍କ ଅଭିଯୋଗ

କେସିଙ୍ଗା,୧୦।୮ (ତୁମେଶ୍ୱର ସାହୁ)


କେସିଙ୍ଗା ବ୍ଲକର କଛାରପଦର ଅଚଳ ଚେକ୍‌ଡ୍ୟାମ୍।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ କ୍ଷୁଦ୍ର ଜଳସେଚନ ଅନୁ ବିଭାଜନ ତଥା ଓଡ଼ିଶା ସରକାର ଜଳସମ୍ପଦ ବିଭାଗ ଦ୍ୱାରା ୨୦୧୭-୧୮ରେ ମୁଖ୍ୟମନ୍ତ୍ରୀ ଆଡିବନ୍ଧ ତିଆରି ଯୋଜନାରେ ଚେକଡ୍ୟାମ ନିର୍ମାଣ କାର୍ଯ୍ୟ ହୋଇଥିଲା। ବ୍ଲକର ସେକ୍ସନ- ୧ରେ ୪୯ଟି ଚେକଡ୍ୟାମ ଏବଂ କର୍ଲାମୁଣ୍ଡା ସେକ୍ସନ ଅଧୀନ ବ୍ଲକର ତୁଣ୍ଡଲା, ହାତୀଖୋଜ, ବେଲଖଣ୍ଡି, ଅମାଠ ଅଞ୍ଚଳରେ ୬ଟି ମୋଟ ୫୫ଟି ଚେକଡ୍ୟାମ ନିର୍ମାଣ ହୋଇଛି। କେସିଙ୍ଗା ସେକ୍ସନରେ ନିର୍ମାଣ ୪୯ଟି ଚେକଡ୍ୟାମ ମଧ୍ୟରୁ ୧୩ଟି ଚେକଡ୍ୟାମ ନିମ୍ନମାନର କାମ ଓ ଲଘୁଚାପଜନିତ ବନ୍ୟାରେ ଭାଙ୍ଗି ଯାଇଛି। ୩୬ଟି ଚେକଡ୍ୟାମ ଗାର୍ଡୱାଲ, ସ୍ଲାପ, ଟ୍ରଙ୍କର ଭାଙ୍ଗି ଯାଇ ନଷ୍ଟ ହୋଇଛି। ଫଳରେ ବର୍ଷା ଜଳ ଗଚ୍ଛିତ ହୋଇ ନ ରହୁଥିବାରୁ ଚାଷୀମାନେ ଚାଷ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକରେ ୪୯ଟି ଚେକଡ୍ୟାମର ହାରାହାରି ୨୮ଲକ୍ଷ ହିସାବରେ ୧୩ କୋଟି ୭୨ଲକ୍ଷ ଟଙ୍କା ନଷ୍ଟ ହୋଇଛି। ଚେକଡ୍ୟାମ ନିମ୍ନମାନର କାମ କରିଥିବାରୁ ଗୋଟିଏ ବର୍ଷ ମଧ୍ୟରେ ବର୍ଷାରେ ଭାଙ୍ଗି ନଷ୍ଟ ହେଉଛି। ବ୍ଲକର କଛାରପଦର, ମହୁଲପଡା, ଅମଠା, ଉକ୍କେଲା ଆଦି ଅଞ୍ଚଳରେ ନିମ୍ନମାନର ଚେକଡ୍ୟାମ ନିର୍ମାଣ କରାଯାଇ ଥିବାରୁ ରାଜ୍ୟ ଜଳ ସମ୍ପଦ ବିଭାଗ ଓ କ୍ଷୁଦ୍ର ଜଳସେଚନ ବିଭାଗ କୋଟି କୋଟି ଟଙ୍କା ନଷ୍ଟ ହୋଇଛି। ଚାଷୀମାନେ ସ୍ୱଳ୍ପବର୍ଷାରେ ଚେକଡ୍ୟାମରୁ ଜଳସେଚନର ସୁବିଧା ପାଇବା ପାଇଁ ଆଶା ରଖିଥିବା ବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରି କାମରେ ସର୍ବନାଶ ହେଉଛି। ଚାଷୀମାନେ ବହୁବାର ବିଭାଗୀୟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର, ଜେଇଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କେହି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଚାଷୀମାନେ ଜଳସେଚନ ସୁବିଧା ନ ଥିବାରୁ ଧାନ ଚାଷ କିମ୍ବା ଅନ୍ୟାନ୍ୟ ଚାଷରେ ଘୋର ସମସ୍ୟା ସମ୍ମୁଖୀନ ହେଉଛନ୍ତି। ରାଜ୍ୟ କ୍ଷୁଦ୍ର ଜଳସେଚନ ବିଭାଗ ଚିଫ ଇଞ୍ଜିନିୟର ଏଥିପ୍ରତି ଦୃଷ୍ଟି ଦେଇ ଭାଙ୍ଗିଯାଇଥିବା ଚେକଡ୍ୟାମ ପୁନଃ ନିର୍ମାଣ ପାଇଁ ଚାଷୀମାନେ ଦାବି କରିଛନ୍ତି। ବ୍ଲକର ବିଭିନ୍ନ ଗ୍ରାମର ଚାଷୀମାନେ କେସିଙ୍ଗାସ୍ଥିତ ବିଭାଗୀୟ ଯନ୍ତ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳି ପାରି ନାହିଁ। ତୁରନ୍ତ ଭଗ୍ନ ଚେକଡ୍ୟାମର ପୁନଃ ନିର୍ମାଣ ନ ଗଲେ କ୍ଷୁଦ୍ର ଜଳସେଚନ ଅନୁ ବିଭାଜନ କେସିଙ୍ଗା କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ନାଏକଙ୍କୁ ପଚାରିବାରୁ ଆମ ବିଭାଗ ଚିଫ ଇଞ୍ଜିନିୟରଙ୍କୁ ସର୍ଭେ କରି ପ୍ରସ୍ତାବ ଦିଆଯାଇଛି। ଟଙ୍କା ମଞ୍ଜୁର କଲେ ଡିସେମ୍ବର ସୁଦ୍ଧା ଭାଙ୍ଗି ଥିବା ଚେକଡ୍ୟାମ ମରାମତି କରାଯିବ ବୋଲି କହିଥିଲେ।

# ଜାତୀୟ କୃମିନାଶ ଦିବସ


ଜାତୀୟ କୃମିନାଶ ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଭବାନୀପାଟଣା,୧୦।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗୁରୁବାର ଭବାନୀପାଟଣା ସହର ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ କୃମି ନାଶ ଦିବସ ପାଳିତ ହୋଇଯାଇଛି। କୃମି ସଂକ୍ରମଣକୁ ନିୟନ୍ତ୍ରଣ ଓ କୃମିମୁକ୍ତ ଶିଶୁ ସ୍ୱାସ୍ଥ୍ୟର ପ୍ରଚାର ଓ କାର୍ଯ୍ୟକାରିତା ପାଇଁ ଗୁରୁବାରଠାରୁ ସପ୍ତାହ ବ୍ୟାପି ଜିଲାରେ ପାଳନ କରାଯିବ। ବ୍ୟାପକ ଭାବେ ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ କୃମିନାଶକ ଔଷଧ ବଣ୍ଟନ କରାଯିବ। ଜିଲା ଶିକ୍ଷା ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ, ମହିଳା ଶିଶୁ ବିଭାଗୀୟ ଅଧିକାରୀ ଓ ଅନ୍ୟ ଅଧିକାରୀଙ୍କ ମିଳିତ ଉଦ୍ୟମରେ ସମସ୍ତ ସରକାରୀ ଓ ଘରୋଇ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ଏହି ଅଭିଯାନରେ ସାମିଲ କରାଯିବ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଗିରିଶ ଚନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ଡିପିଏଚଓ ଡ. ରାକେଶ ସାହୁ, ଏଡିପିଏଚଓ ଡ ନିହାରେନ୍ଦ୍ର ପଣ୍ଡା, ଡିପିଏମ ଅବନୀକାନ୍ତ ମହାପାତ୍ର, ଏଡିପିଏଚଓ ଡ. ମନୋ ମାଝି, ଡିଏମଆର୍‌ସିଏଚ ଭବାନୀ ସାହୁ, ଡିଏମଓ ଡ. ରଞ୍ଜନ ମିତ୍ର, ଡିଆଇପିଆର୍‌ଓ ମନୋଜ ବେହେରା ଓ ପ୍ରଧାନ ଶିକ୍ଷକ ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କୃମି ଓ ରକ୍ତହୀନତା ପରସ୍ପର ସଂଯୁକ୍ତ ଓ ଏହି କୃମିଯୁକ୍ତ ଶିଶୁ ଶରୀରକୁ ରୋଗିଣା କରିବା ସହିତ ବୌଦ୍ଧିକ ଓ ମାନସିକ ବିକାଶରେ ବାଧା ଆଣିଥାଏ ବୋଲି ଅତିଥିମାନେ କହିଥିଲେ। କୃମି ନ ହେବା ପାଇଁ କେତେକ ନିୟମ ଖାଲି ପାଦରେ ନ ଚାଲିବା, ଶୌଚ ପରେ ସାବୁନରେ ହାତ ଧୋଇବା, ସଂକ୍ରମିତ ଓ ବାସି ଖାଦ୍ୟ ନ ଖାଇବା ଓ ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରହିବାକୁ ତଥା କୃମିନଶକ ଔଷଧ ଆଲବେଣ୍ଡାଯୋଲ ଉଚିତ ମାତ୍ରାରେ ସେବନ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଉପସ୍ଥିତ ଛାତ୍ରୀମାନଙ୍କ ମଧ୍ୟରୁ ୩ଜଣଙ୍କୁ କୃମୀନାଶକ ଔଷଧ ଦିଆଯାଇଥିଲା ଓ ପରେ ବିଦ୍ୟାଳୟ ସମସ୍ତ ଛାତ୍ରୀମାନଙ୍କୁ ଔଷଧ ଦିଆଯାଇଥିଲା।

# ୨ ଦଫା ଦାବି ନେଇ ପିଇଓ ସଂଘର କଳାବ୍ୟାଜ୍ ପରିଧାନ

ଭବାନୀପାଟଣା,୧୦।୮ (ଉତ୍ତମ କୁମାର ଦାଶ)


ଭବାନୀପାଟଣା ପିଇଓ ସଂଘ ପକ୍ଷରୁ କଳାବ୍ୟାଜ୍ ପରିଧାନ।

**ଦାବି ପୂରଣ ନ ହେଲେ ୧୮ରୁ ଆନ୍ଦୋଳନ**

ନିଖିଳ ଉତ୍କଳ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ)ରାଜ୍ୟ ସଂଘ ନିର୍ଦ୍ଦେଶକ୍ରମେ ୨ ଦଫା ଦାବି ନେଇ ଗତ ୭ ତାରିଖଠାରୁ କଳାହାଣ୍ଡି ଜିଲାର ୧୩ଟି ବ୍ଲକରେ କାର୍ଯ୍ୟରତ ପିଇଓମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଛନ୍ତି। ଏହି ଦାବି ଗୁଡିକରେ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ଯୁକ୍ତ ୩କୁ ବୃଦ୍ଧି କରିବା ଓ ଲେବେଲ-୫ରୁ ଲେବେଲ-୯କୁ ଦରମା ବୃଦ୍ଧି କରିବା, ୧୦ବର୍ଷ ଚାକିରୀ ପୂରଣ କରିଥିବା ପିଇଓମାନଙ୍କୁ ଜିପିଡିଓ ଭାବେ ଶତ ପ୍ରତିଶତ ପ୍ରମୋସନ ଦେବା ଆଦି ରହିଛି। ଆସନ୍ତା ୧୭ ତାରିଖ ସୁଦ୍ଧା ସରକାର ଦାବି ପୂରଣ ନ କଲେ ୧୮ ତାରିଖରୁ ରାଜରାସ୍ତାରେ ଆନ୍ଦୋଳନ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକରେ ପିଇଓ ସଂଘ ପକ୍ଷରୁ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟରେ ଯୋଗଦେଇଛନ୍ତି। ଏଥିରେ ସ୍ଥାନୀୟ ପିଇଓ ସଂଘ ସଭାପତି ପଦ୍ମନାଭ ସିଂ, ସାଧାରଣ ସମ୍ପାଦକ ଗୌରାଙ୍ଗ ମାଝି, କୋଷାଧ୍ୟକ୍ଷ ପ୍ରଦୀପ ମିଶ୍ର, ଜିଲା ସଂଗଠନ ସମ୍ପାଦକ ପ୍ରଦୀପ ସାହୁଙ୍କ ସମେତ ବ୍ଲକର ୩୬ ପଞ୍ଚାୟତ ପିଇଓମାନେ ସାମିଲ ହୋଇଛନ୍ତି।

# ଜିଲା କଂଗ୍ରେସ ପକ୍ଷରୁ ଗୌରବ ଦିବସ ପାଳିତ

ନୂଆପଡ଼ା,୧୦।୮ (ମକାରୁ ବେମାଲ)

ଓଡିଶା ପ୍ରଦେଶ କଂଗ୍ରେସଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ଜିଲା କଂଗ୍ରେସ କମିଟି ବିଶ୍ୱ ଆଦିବାସୀ ଦିବସକୁ ଗୌରବ ଦିବସ ଭାବେ ପାଳନ କରିଛି। ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ପୋଲିସ ପଡିଆରୁ ଆଦିବାସୀଙ୍କ ପାରମ୍ପାରିକ ବେଶଭୂଷାରେ ସଜ୍ଜିତ ହୋଇ ଅସ୍ତ୍ରଶସ୍ତ୍ର ଧରି ଗଣାବାଜା ସହ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଏନଏସି କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ଏନଏସି କଲ୍ୟାଣ ମଣ୍ଡପଠାରେ ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ଆଜାଦଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। ସଭାରେ ପର୍ଯ୍ୟବେକ୍ଷକ ଭାବେ ବରଗଡରୁ ହରପିତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଦିବାସୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର, ଶୋଷଣ, ନିର୍ଯ୍ୟାତନା ଓ ଦୀର୍ଘ ଦିନ ଧରି ଜଙ୍ଗଲ ଜମି ପଟ୍ଟା ପାଇଁ ଆବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ପାଇ ନ ଥିବାରୁ ଆଗକୁ କଂଗ୍ରେସ ସରକାର ଆସିଲେ ଆଦିବାସୀମାନଙ୍କ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଥିଲେ। କଂଗ୍ରେସ ସରକାର ଆଦିବାସୀ ପ୍ରେମୀ ଆଦିବାସୀମାନଙ୍କ ପାଇଁ ଲଢେଇ କରି ଆସୁଛି। ଆଗକୁ ମଧ୍ୟ ଲଢେଇ କରିବ ଓ ତାଙ୍କର ହକ ଦାବିକୁ ପୂରଣ କରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶବର ସମାଜ ଜିଲା ଉପସଭାପତି ତେଜରାଜ ଶବର, ଜିଲା ସାଧାରଣ ସମ୍ପାଦକ ଭୀଷ୍ମ ସୁନାନୀ, ପୂର୍ବତନ ଖରିଆର ରୋଡ ନଗର ସଭାପତି ପ୍ରମୋଦ ଚନ୍ଦ୍ରକାର, ଜିଲା ଯୁବ କଂଗ୍ରେସ ସଭାପତି ଅମିତ ଅହିର, ନୂଆପଡା ନଗର ସଭାପତି କୁଳଦୀପ ସୁରଜ, ନୂଆପଡା ବ୍ଲକ ସଭାପତି ଚୁନ୍ନୁଲାଲ ଶବର, ଖରିଆର ରୋଡ ନଗର ସଭାପତି ମହମ୍ମଦ ଜୁନେଦ, ଯୁବ କଂଗ୍ରେସ ଆସମଲି ସଭାପତି ଅନନ୍ତ ସୋନି, ଯୁବ କଂଗ୍ରେସ ଉପ ସଭାପତି ନରେନ୍ଦ୍ର ନାଗ, ଅଭୟ ଶଙ୍କର ଯୋଶୀ, ତୋପ ଦାସ, ଭୀମ ଯାଦବ, ଗୋବିନ୍ଦ ସିଂ ଠାକୁର, ପ୍ୟାରିଲାଲ ଶବର ପ୍ରମୁଖ ଉପସ୍ଥିତ ଥିବା ବେଳେ ଦେବଦତ ଦିକ୍ଷୀତ ସଭା ପରିଚାଳନା କରିଥିଲେ।

# ସାମୂହିକ ପୁସ୍ତକ ପାଠ, ସପ୍ତାହକୁ ଦିନେ ମୋବାଇଲ ବନ୍ଦ


ଲାଞ୍ଜିଗଡ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ।

ଲାଞ୍ଜିଗଡ଼,୧୦।୮ (ରମେଶ ଚନ୍ଦ୍ର ନାୟକ)

**ଲାଞ୍ଜିଗଡ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଅଭିନବ ପଦକ୍ଷେପ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଦୁଇଟି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ଏହିକ୍ରମରେ ଡିଏଭି ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ସଦାନନ୍ଦ ହୋତାଙ୍କ ନିର୍ଦ୍ଦେଶରେ ସାମୂହିକ ପୁସ୍ତକ ପାଠ ଓ ସପ୍ତାହକୁ ଦିନେ ମୋବାଇଲ ବ୍ୟବହାର ବନ୍ଦ ଉପରେ ଗୁରୁତ୍ୱ ପଦକ୍ଷେପ ଗ୍ରହଣ କରାଯାଇଛି। ଉକ୍ତ ପଦକ୍ଷେପ ଅଞ୍ଚଳରେ ଉଚ୍ଚପ୍ରସଂଶା କରିବା ସହିତ ସ୍ୱାଗତ ମଧ୍ୟ କରାଯାଇଛି। ବର୍ତ୍ତମାନ ଛାତ୍ରୀଛାତ୍ରମାନେ ପୁସ୍ତକ ପଠନ ଅଭ୍ୟାସରୁ ଧୀରେ ଧୀରେ ଦୂରେଇ ଯାଉଛନ୍ତି। ସମସ୍ତେ ସଟକଟ ମେଥଡ୍‌କୁ ଉପଯୋଗ ରୂପେ ଗୁରୁତ୍ୱ ଦେଉଛନ୍ତି। ଏହାକୁ ହୃଦୟଙ୍ଗମ କରି ସାପ୍ତାହିକ ପୁସ୍ତକ ପାଠ କାର୍ଯ୍ୟକ୍ରମ ହୋତା ଜାରି କରିଛନ୍ତି। ଏହି କାର୍ଯ୍ୟକ୍ରମ ଅନୁସାରେ ସପ୍ତାହକୁ ଗୋଟିଏ ଦିନ (ଶନିବାର) ଏକ ଘଣ୍ଟା ପାଇଁ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ, ଅଫିସ କର୍ମଚାରୀ ଏପରିକି ଅଧ୍ୟକ୍ଷ ମଧ୍ୟ ସାମୂହିକ ପୁସ୍ତକ ପାଠରେ ଯୋଗଦେବେ। ସେହିପରି ମୋବାଇଲର ବହୁଳ ବ୍ୟବହାର ଦ୍ୱାରା ମାନସିକ ସ୍ଥିତିକୁ ପ୍ରଭାବିତ କରୁଥିବାରୁ ସପ୍ତାହକୁ ଦିନେ ସମସ୍ତଙ୍କ ପାଇଁ ମୋବାଇଲ ମନା ନିର୍ଦ୍ଦେଶନାମା ଜାରି କରିଛନ୍ତି ସଦାନନ୍ଦ ହୋତା। ପ୍ରାଥମିକ ପଦକ୍ଷେପ ଭାବେ ସପ୍ତାହର ପ୍ରତି ଶନିବାର ବିଦ୍ୟାଳୟ ଅଧ୍ୟକ୍ଷଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସମସ୍ତ କର୍ମଚାରୀ ମୋବାଇଲ ବ୍ୟବହାର କରିବେ ନାହିଁ। ଏହି ସମୟରେ ବିଦ୍ୟାଳୟରେ ଥିବା ଲ୍ୟାଣ୍ଡ ଲାଇନକୁ ଜରୁରୀ କାର୍ଯ୍ୟରେ ବ୍ୟବହାର କରିପାରିବେ। ଏ ସମ୍ପର୍କରେ ହୋତା କହିଛନ୍ତି ଯେ, ବିଦ୍ୟାଳୟରେ ପାଠ ସ୍ପୃହା ବୃଦ୍ଧିଜନିତ ସୁସ୍ଥ ବାତାବରଣ ସୃଷ୍ଟି କରିବା ଏବଂ ମୋବାଇଲର ବହୁଳ ବ୍ୟବହାର ଶିକ୍ଷାଧାରୀଙ୍କ ଉପରେ ଯେପରି ପ୍ରତିକୂଳ ପ୍ରଭାବ ନ ପକାଏ ତାକୁ ଦୃଷ୍ଟିରେ ରଖି ଆମର ଏହି ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ଏହି ଦୁଇ ପଦକ୍ଷେପ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଛି।

# ଅଘୋଷିତ ବିଦ୍ୟୁତ୍ କାଟ, ବିଲ୍ ସଂଶୋଧନ ପାଇଁ ଦାବିପତ୍ର


ଦାବିପତ୍ର ଦେବା ପାଇଁ ଆସିଥିବା ବିଦ୍ୟୁତ୍ ଉପଭୋକ୍ତା।

ନୂଆପଡ଼ା,୧୦।୮ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ରଜନା ପଞ୍ଚାୟତର ବିଦ୍ୟୁତ୍ ଉପଭୋକ୍ତାମାନେ ଅଘୋଷିତ ବିଦ୍ୟୁତ କାଟ ଓ ବିଦ୍ୟୁତ ବିଲ ସଂଶୋଧନ ପାଇଁ ଗୁରୁବାର ନୂଆପଡ଼ା ଟିପିଡବ୍ଲୁଓଡିଏଲ ଏସଡିଓ ଅଭିନାଶ ବିଶ୍ୱାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ନୂଆପଡା ଜିଲାରେ ଟିପିଡବ୍ଲୁଓଡିଏଲ କମ୍ପାନୀ ବିଦ୍ୟୁତ ବିତରଣ ଦାୟିତ୍ୱ ନେଲା ଦିନଠାରୁ ଉପଭୋକ୍ତାମାନେ ବିଲ ପୈଠ କରିବାରେ ନାକେଦମ ହୋଇ ଗଲେଣି। ବିଦ୍ୟୁତ୍ ସେବା କମ ବିଲ ଅଧିକ ବୋଲି ଅଭିଯୋଗ କରିଛନ୍ତି। ମିଟର ରିଡିଙ୍ଗଠାରୁ ଅତ୍ୟଧିକ ବିଲ କୁ ସଂଶୋଧନ କରାଯାଉ, ମାସକୁ ମାସ ବିଲ ପୈଠ କରୁଥିଲେ ମଧ୍ୟ ଦୁଇ ଗୁଣା ହୋଇ ଆସୁଛି ତାହାର ସମାଧାନ କରାଯାଉ, ୱେସକୋ କମ୍ପାନୀ ବିଦ୍ୟୁତ ବିତରଣ କରୁଥିବା ବିଲକୁ ଦୁଇ ଗୁଣା କରି ଆଦାୟ କରାଯାଉଛି ତାହାକୁ ଛାଡ କରାଯାଉ। ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରାଯାଉ, ଲୋ-ଭଲଟେଜ ସମସ୍ୟା ସୁଧାର କରାଯାଉ ଓ ଜୋର ଜୁଲୁମ କରି ବିଲ ଆଦାୟ ବନ୍ଦ କରିବାକୁ ରଜନା ପଞ୍ଚାୟତବାସୀ ଏସଡିଓ ବିଶ୍ୱାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବି ସମାଧାନ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି ରାମ ଶଗରିଆ, ରଥୁ ଶଗରିଆ, ଅଯୋଧ୍ୟା ଶଗରିଆ, ଡୋଳାମଣୀ ହାତି, ଯୁଧିଷ୍ଠିର ପୋଡ, ଦିଲୀପ ପହରିଆ, ତାରାଚନ ହାତି, ଚିନ୍ତାମଣୀ ଶଗରିଆ, ରାମେଶ୍ୱର ପୋଡ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ୟୁଥ ରେଡ୍‌କ୍ରସ୍ ପକ୍ଷରୁ ଫଳ ଉଦ୍ୟାନ କାର୍ଯ୍ୟକ୍ରମ

ତୁଣ୍ଡଲା,୧୦।୮ (ଫିରୋଜ ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୟୁଥ ରେଡକ୍ରସ ଉଦ୍ୟମରେ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଥିବା ପଡିଆରେ ଏକ ଫଳ ଉଦ୍ୟାନ କରିବା ନେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀ, କୋର୍ଡିନେଟର ସନ୍ତୋଷ କୁମାର ଭୋଇ ଏବଂ ରେଡକ୍ରସ ୟୁନିଟ ଛାତ୍ରୀଛାତ୍ରମାନେ ଆମ୍ବ, ଡାଳିମ୍ବ, ଲେମ୍ବୁଗଛ ଭଳି ଅନେକ ପ୍ରକାର ଫଳ ବୃକ୍ଷ ଓ ଫୁଲ ଗଛ ଲଗାଇ ଥିଲେ। ମନ୍ଦିର ମୁଖ୍ୟ ପୂଜକ ଦ୍ୱାରିକା ପ୍ରସାଦ ସିଂ ଉକ୍ତ ଉଦ୍ୟାନରେ ସର୍ବପ୍ରଥମେ ଧବଳେଶ୍ୱର ବାବାଙ୍କ ଅଭିଷିକ୍ତ ଜାଳରେ ସେହି ସ୍ଥାନକୁ ପବିତ୍ର କରି ଭୂମି ପୂଜନ କରିଥିଲେ। କାର୍ଯ୍ୟକ୍ରମରେ ପୂଜକ ଭିକାରି ଚରଣ ସିଂ, ସ୍ଥାନୀୟ ସରପଞ୍ଚ ସୁଶାନ୍ତ ବାଗ, ପୂଜା କମିଟି ସଭାପତି ପାର୍ଥ ବୀର ସେଲମା, ନେପାଳ ବାରିକ, ଶିକ୍ଷାବିତ ମକଲିଙ୍ଗ ଗହୀର ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମସ୍ତ କର୍ମଚାରୀଙ୍କ ସହଯୋଗ କରିଥିଲେ। ଏଥିରେ ସ୍ଥାନୀୟ ଗ୍ରାମବାସୀ ଉଦ୍ୟାନର ପ୍ରତିଷ୍ଠା ନିମନ୍ତେ ସାଧୁବାଦ ଜ୍ଞାପନ କରିଛନ୍ତି ଏବଂ ଏହି ଉଦ୍ୟାନର ସୁରକ୍ଷା ଓ ବୃଦ୍ଧି ନିମନ୍ତେ ସ୍ଥାନୀୟ ଜନସାଧାରଣ ପ୍ରଶାସନର ସହଯୋଗ ଦାବି କରିଛନ୍ତି।



# କର୍ମଚାରୀ ଅଭାବରୁ କାର୍ଯ୍ୟରେ ବାଧା

## କଳାହାଣ୍ଡି ପୂର୍ତ୍ତ ବିଭାଗ

■ ଖାଲିପଡିଛି ୩ ଏସ୍‌ଡିଓ, ୧୦ କନିଷ୍ଠ ଯନ୍ତ୍ରୀ, ଜଣେ ଇଷ୍ଟିମେଷ୍ଟର

ଭବାନୀପାଟଣା,୧୦।୮ (ଉତ୍ତମ କୁମାର ଦାଶ)


ଭବାନୀପାଟଣାସ୍ଥିତ ପିଡବ୍ଲୁଡି ଜିଲା ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ପୂର୍ତ୍ତ ବିଭାଗରେ ଅନେକ ପଦବୀ ଖାଲି ପଡିଥିବାରୁ ଏବେ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ୩ଟି ଏସ୍‌ଡିଓ ପଦବି ଖାଲିପଡିଛି। ସେଗୁଡିକ ହେଲା ଏମ୍. ରାମପୁର ସବଡିଭିଜନ, କେସିଙ୍ଗା ସବଡିଭିଜନ ଓ ବିଲଡିଙ୍ଗ ସବ୍ (୨) ଡିଭିଜନର ଏସଡିଓ ପଦବି ଖାଲିପଡିଛି। କେସିଙ୍ଗା ଏସ୍‌ଡିଓ ଯାଜପୁରକୁ ଡେପୁଟେଶନରେ ଯାଇଥିବା ଓ ଏମ୍. ରାମପୁର ସବିଡିଭିଜନ ଏସ୍‌ଡିଓ ଭିଆରଏସ ନେଇଯିବାରୁ ପଦବି ଖାଲିପଡିଛି। ସେହିପରି ଜୁନାଗଡ ସବଡିଭିଜନ ଏସଡିଓ ଜିଲା କାର୍ଯ୍ୟାଳୟର ଇଷ୍ଟିମେଷ୍ଟର ଭାବେ ଦାୟିତ୍ୱ ତୁଲାଉଛନ୍ତି। ଜିଲାରେ ସମୁଦାୟ ୨୫ଟି କନିଷ୍ଠ ଯନ୍ତ୍ରୀ ପଦବୀ ରହିଥିବାବେଳେ ସେଥିମଧ୍ୟରୁ ବର୍ତ୍ତମାନ ୧୫ଜଣ କନିଷ୍ଠ ଯନ୍ତ୍ରୀ ଅଛନ୍ତି। ଅବଶିଷ୍ଟ ୧୦ଜଣ କନିଷ୍ଠ ଯନ୍ତ୍ରୀ ପଦବି ଖାଲିପଡିଛି। ଚଳିତବର୍ଷ ଜିଲାରେ ୧୦ଟି ପୋଲ ନିର୍ମାଣ ପାଇଁ ପ୍ରସ୍ତାବ ଯାଇଥିବାବେଳେ ସେଠାରୁ ଆସି ଟେଣ୍ଡର ହୋଇ ବର୍ଷ ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ସରିବ ବୋଲି ଜଣାପଡିଛି। ସେହିପରି ଚଳିତ ବର୍ଷ ଜିଲାରେ ୨୨ଟି ନୂଆ ପୂର୍ତ୍ତ ବିଭାଗ ରାସ୍ତା ହେବ। ଏଥିରେ ଜିଲାର ଅନେକ ଗୁରୁତ୍ୱ ପୂର୍ଣ୍ଣ ରାସ୍ତା ଥିବାବେଳେ ସେଥିମଧ୍ୟରୁ ଜୁନାଗଡ ହାତୀନଦୀ ବ୍ରିଜଠାରୁ ଆଟିଗାଁ ଓ ଆଟିଗାଁଠାରୁ ଏସ୍‌କୁଣ୍ଡାମାଲ ପର୍ଯ୍ୟନ୍ତ ରାସ୍ତା ରହିଛି। ଏହି ମାସ ଶେଷ ସୁଦ୍ଧା ଏହି ରାସ୍ତାର ଟେଣ୍ଡର ଡକାଯାଇ ଆସନ୍ତା ଆର୍ଥିକ ବର୍ଷରେ ରାସ୍ତା ନିର୍ମାଣ ଶେଷ ହେବ ବୋଲି ବିଭାଗ ପକ୍ଷରୁ ଜଣାପଡିଛି। ଏହାସହ ଜିଲାର ୧୦ଟି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାକୁ ପିଡବ୍ଲୁଡି ବିଭାଗକୁ ହସ୍ତାନ୍ତର କରାଯାଇଥିବା ବେଳେ ନୂତନ ରାସ୍ତା ପାଇଁ ବିଭାଗ ପକ୍ଷରୁ ଏହାର ପ୍ରସ୍ତାବ ଯାଇଥିବା ଜଣାପଡିଛି। ଏ ନେଇ ଭବାନୀପାଟଣାସ୍ଥିତ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ ପ୍ରକାଶ କୁମାର ବେହେରାଙ୍କୁ ପଚାରିବାରୁ କର୍ମଚାରୀ ଅଭାବରୁ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା କହିଥିଲେ। ଖାଲିପଡିଥିବା ପଦବି ପୂରଣ କରିବାକୁ ଜିଲାପାଳ ଓ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା ପ୍ରକାଶ କରିଥିଲେ।

## ଅଜଣା ମୃତଦେହକୁ ସତ୍କାର କଲା ପ୍ରଶାସନ

ବିନିକା,(ରାମ ଗୋପାଳ ବାଘ ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ କୁଲୁଣ୍ଡା ନିକଟ ଅଙ୍ଗ ନଦୀରେ ଭାସି ଆସିଥିବା ଜଣେ ଅଜଣା ମହିଳାଙ୍କ ମୃତଦେହକୁ ଶେଷରେ ପ୍ରଶାସନ ପକ୍ଷରୁ ସତ୍କାର କରାଯାଇଛି । ସୂଚନାଯୋଗ୍ୟ, ଗତ ୫ ତାରିଖ ଦିନ ଏକ ଅଜଣା ମୃତଦେହ ଅଙ୍ଗନଦୀ କୂଳରେ ଭାସୁଥିବା ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ । ଖବରପାଇ ଲଛିପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏହାକୁ ଜିଲା ମୁଖ୍ୟ ଚିକିତ୍ସାଳୟର ଶବାଗାରରେ ରଖାଯାଇଥିଲା। କିନ୍ତୁ ମୃତା ମହିଳାଙ୍କ କୌଣସି ଆତ୍ମୀୟ କିମ୍ବା ପରିଚିତ ବ୍ୟକ୍ତି ସେହି ସମୟ ମଧ୍ୟରେ ନ ଆସିବାରୁ ଗୁରୁବାର ପ୍ରଶାସନ ତରଫରୁ ମୃତଦେହ ସତ୍କାର କରାଯାଇଥିଲା।

## ସଂକ୍ଷେପରେ

### ମାନବାଧିକାର ଆୟୋଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ

**ହାତୀ ମୃତ୍ୟୁ ଘଟଣା**

ବୌଦ୍ଧ,୧୦।୮(ଅଜିତ କୁମାର ବାରିକ)

ହାତୀ ମୃତ୍ୟୁ ଘଟଣାରେ ଅଭିଯୁକ୍ତଙ୍କ କ୍ଷେତ୍ରରେ ଉଚ୍ଚତମ ନ୍ୟାୟଳୟର ଆଦେଶ ପାଳନ ହୋଇ ନ ଥିବା ନେଇ ମାନବାଧିକାର ଆୟୋଗ ପକ୍ଷରୁ ବନ ବିଭାଗ ଅତିରିକ୍ତ ସଚିବ, ବୌଦ୍ଧ ଜିଲାପାଳ ଓ ଏସ୍‌ପିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି । ପ୍ରକାଶ ଯେ, ବୌଦ୍ଧ ଜିଲା ବଘିଆପଡା ଅଞ୍ଚଳରେ ଗତ ୨୦୨୨ ମସିହାରେ ଦୁଇ ଗୋଟି ହାତୀ ଶିକାର ହୋଇଥିଲା। ଏହି ଘଟଣାରେ ବନ ବିଭାଗ ସନ୍ଦେହରେ ଟିକରପଡା ପଞ୍ଚାୟତ ଅନ୍ତର୍ଗତ ବିରିଗଡ ଗ୍ରାମର ସୁଦର୍ଶନ ମାଝୀଙ୍କୁ ଗତ ୩।୬।୨୦୨୨ ରାତିରେ ଘରୁ ଉଠାଇ ଆଣିଥିଲା। ବନବିଭାଗର କର୍ମଚାରୀମାନେ ସୁଦର୍ଶନଙ୍କୁ ଦୁଇଦିନ ରଖି ଥାର୍ଡ ଡିଗ୍ରୀ ପ୍ରୟୋଗ କରିବା ପରେ ଗତ ୬।୬।୨୦୨୨ରେ କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ସୁଦର୍ଶନଙ୍କ ପତ୍ନୀ ସୁଲତା ମାଝୀ ତାଙ୍କ ସ୍ୱାମୀ ନିର୍ଦ୍ଦୋଷ ହୋଇଥିବା ବେଳେ ତାଙ୍କୁ କାହିଁକି ବନ ବିଭାଗ କର୍ମଚାରୀ ଗିରଫ କରି ନିର୍ଯାତନା ଦେଉଛନ୍ତି ବୋଲି ତତ୍କାଳୀନ ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇଥିଲେ। ଏହାସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଶେଷରେ ମାନବାଧିକାର ଆୟୋଗଙ୍କୁ ଜଣାଇଥିଲେ।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ଉଲୁଣ୍ଡା,୧୦।୮(ଉରୁକ୍ରମ ପାଣ୍ଡିଆ)

୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସ୍ୱାମୀର ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତ । ଏଭଳି ଦୁଃଖଦ ଘଟଣା ଉଲୁଣ୍ଡା ସଦର ଗଣ୍ଡାବାହାଲ ଛକଠାରେ ଘଟିଛି। ପ୍ରକାଶ ଯେ, ମରାଲୋଏ ଗ୍ରାମର ବାଲ୍ମିକୀ ପୁରୋହିତ ଦୀର୍ଘ ଦିନ ହେବ ଗଣ୍ଡାବାହାଲ ଛକ ଠାରେ ଘର ନିର୍ମାଣ କରି ପରିବାର ସହିତ ରହୁଥିଲେ। ଗୁରୁବାର ଅପରାହ୍ନ ସମୟରେ ବାଲ୍ମୀକି ଏବଂ ତାଙ୍କ ସ୍ତ୍ରୀ ସୁଭାଷିନୀ ଘରେର ବାଲକୋନୀରୁ ଘର ଉପରକୁ ଏକ ଷ୍ଟିଲ ପାଇପ ନେଉଥିଲେ । ସେହି ସମୟରେ ଛାତ ଉପରେ ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବାଲ୍ମିକୀଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ଦମକଳ ବାହିନୀ ସୁଭାଷିନୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଉଲୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମାତ୍ର ତାଙ୍କ ଶରୀରର ଅଧାଭାଗ ପୋଡ଼ି ଯାଇଥିବାରୁ ପରେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ପୋଲିସ ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି ।

### ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

ବିନିକା,୧୦।୮(ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ଜଣେ ୧୩ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଗୁରୁବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ଉଲୁଣ୍ଡା ଥାନା ସିଂଢୋଲ ଗ୍ରାମର ଦୟାନିଧି ନାଏକ(୨୧) । ପ୍ରକାଶ ଯେ, ଦୟାନିଧି ଗତ ଜୁନ ମାସ ୩୦ ତାରିଖରେ ବିନିକା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ନେଇ ଯାଇଥିଲେ । ଏ ନେଇ ନାବାଳିକାଙ୍କ ପିତା ଗତ ଜୁଲାଇ ୨ ତାରିଖରେ ବିନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା । ୧୫ ଦିନ ପୂର୍ବରୁ ଉକ୍ତ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରି ସୋନପୁର ସିଡବ୍ଲୁସିକୁ ହସ୍ତାନ୍ତର କରିଥିଲା । ଅଭିଯୁକ୍ତ ଦୟାନିଧି ଫେରାର ଥିଲେ । ବୁଧବାର ସନ୍ଧ୍ୟାରେ ବିନିକା ବ୍ଲକ ଛକରେ ପୋଲିସ ଅଭିଯୁକ୍ତ ଦୟାନିଧିଙ୍କୁ ଧରିବାରେ ସଫଳ ହୋଇଥିଲା । ଗୁରୁବାର ବିନିକା ଡାକ୍ତରଖାନାରେ ଡାକ୍ତରୀ ପରୀକ୍ଷା ପରେ ଅଭିଯୁକ୍ତଙ୍କୁ ବିନିକା କୋର୍ଟରେ ହାଜର କରାଯାଇଥିଲା । ସେଠାରେ ଜାମିନ ନାମଞ୍ଜୁର ହେବାରୁ ସୋନପୁର ଜେଲ ହାଜତକୁ ପଠାଯାଇଛି। ଏହି ମାମଲାର ଦାୟିତ୍ୱ ଏସ୍‌ଆଇ ଅଶୋକ ଦାଶ ନେଇଛନ୍ତି।

# ଜଳାଶୟ ପୋତି ରେଳ ରାସ୍ତା ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ବୌଦ୍ଧ,୧୦।୮(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ବିରାମଚନ୍ଦ୍ରପୁର ଗ୍ରାମର ଚାଷ ଜମିକୁ ଜଳସେଚନ କରିବା ପାଇଁ ଥିବା ଏକମାତ୍ର ଜଳାଶୟରେ ରେଳ ବିଭାଗ ଠିକାଦାର ମାଟି ପକାଇ ପୋତି ରେଳରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ବିରୋଧ କରି ଆସୁଛନ୍ତି । ଏ ସଂପର୍କରେ ପୂର୍ବତନ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ଗ୍ରାମବାସୀ ଜଣାଇ ଏହି ନିର୍ମାଣକୁ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ରାଜରାଜୁଡା ସମୟରେ ଗ୍ରାମର ଫସଲକୁ ମରୁଡି ଦାଉରୁ ରକ୍ଷା କରିବା ପାଇଁ ୫୦ ଏକର ବିଶିଷ୍ଟ ଏହି ଜଳାଶୟକୁ ଖୋଳାଯାଇଥିଲା। ଏହି ଜଳାଶୟ ଉପରେ ବର୍ତ୍ତମାନ ଗ୍ରାମର ୮୦ଭାଗ ଚାଷୀ ବିଲକୁ ଜଳସେଚନ କରି ଚାଷ କାର୍ଯ୍ୟ କରି ଆସୁଛନ୍ତି। ପ୍ରାୟ ୨୫ ଶହ ଏକର ଚାଷଜମି ଏହି ଜଳାଶୟ ଦ୍ୱାରା ଜଳସେଚିତ ହୋଇଥାଏ । ଗତବର୍ଷ ଜଳାଶୟ ମଧ୍ୟରେ


ଜିଲାପାଳ ଜଳାଶୟ ବୁଲି ଦେଖୁଛନ୍ତି ।

ସିଧାସଳଖ ମାଟିରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାରୁ ଗ୍ରାମବାସୀ ଏହାକୁ ବିରୋଧ କରି ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ସେତେବେଳେ ଜିଲା ପ୍ରଶାସନ, ରେଳ କର୍ମକର୍ତ୍ତା ଓ ଠିକାଦାରଙ୍କ ଉପସ୍ଥିତିରେ ଏକବର୍ଷ ମଧ୍ୟରେ ଏହି ଜଳାଶୟ ଉପରେ ଏକ ପୋଲ ନିର୍ମାଣ କରି ରେଳ ରାସ୍ତା ତିଆରି କରିବା ସହ ଜଳାଶୟକୁ ଅଧିକ ଖନନ କରି ଏହାର ଜଳଧାରଣ କ୍ଷମତା ବୃଦ୍ଧ କରାଇବା ପାଇଁ ତତ୍କାଳୀନ ଜିଲାପାଳ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ରେଳ କର୍ତ୍ତୃପକ୍ଷ ନୀରବ ରହିବା ଯୋଗୁ ଠିକା ସଂସ୍ଥା ସେତେବେଳର ନିଷ୍ପତ୍ତିକୁ ଅଣଦେଖା କରି ଏକ ଛୋଟ ପୋଲ ନିର୍ମାଣ କରି ଉଭୟ ପାର୍ଶ୍ୱରେ ମାଟି ପକାଇ ରାସ୍ତାକାମ ନିର୍ମାଣ କରୁଛି । ଗତ ୮ ତାରିଖ ଦିନ ବିରାମଚନ୍ଦ୍ରପୁର ଗ୍ରାମବାସୀ ନୂତନ ଜିଲାପାଳଙ୍କୁ ସାକ୍ଷାତ କରି ପୂର୍ବ ନିଷ୍ପତ୍ତି ସଂପର୍କରେ ଅବଗତ କରାଇବା ସହ କାର୍ଯ୍ୟ ବନ୍ଦ ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ୯ ତାରିଖରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ସକାଳେ ନିର୍ମାଣ ସ୍ଥଳକୁ ଯାଇ ସ୍ଥିତି ଦେଖିଥିଲେ । ଏହି ଅବସରରେ ଦୁଇଦିନ ଭିତରେ ଜିଲାପାଳଙ୍କ ଅଧକ୍ଷତାରେ ରେଳ ବିଭାଗ, ଠିକା ସଂସ୍ଥା ଓ ଗ୍ରାମବାସୀଙ୍କ ଉପସ୍ଥିତରେ ନିର୍ମାଣ ସଂପର୍କିତ ନିଷ୍ପତ୍ତି ନେବା ପାଇଁ ଗ୍ରାମବାସୀଙ୍କୁ ପ୍ରତଶ୍ରୁତି ଦେଇଛନ୍ତି। ଯଦି ପୋଖରୀର ଏମୁଣ୍ଡରୁ ସେମୁଣ୍ଡ ପୋଲ ନିର୍ମାଣ କରି ରାସ୍ତା କରା ନ ଯାଏ ତେବେ ଗ୍ରାମବାସୀ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଜିଲା ପ୍ରଶାସନକୁ ଜଣାଇଛନ୍ତି। ଜିଲାପାଳଙ୍କ ଗସ୍ତ ସମୟରେ ଗ୍ରାମ କମିଟି ସଭାପତି ବୁଦ୍ଧି ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ ନାଗରିକ ଜୟ କିଶୋର ମିଶ୍ର, ନରେନ୍ଦ୍ର ସାହୁ, ଏସ.କେ. ସାହୁ, ପଞ୍ଚାନନ ମହାକୁଳ, ଚିତ୍ତ ରଞ୍ଜନ ମିଶ୍ର, ରବୀନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

**ଆନ୍ଦୋଳନ ପାଇଁ ଗ୍ରାମବାସୀଙ୍କ ସଜବାଜ**

# ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ

ସୋନପୁର,୧୦।୮(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁର ଜିଲାର ୬ଲକ୍ଷ ୨୦ ହଜାର ହିତାଧିକାରୀଙ୍କୁ ଦିଆଯିବ ଔଷଧ**

ଫାଇଲେରିଆ ରୋଗର ନିରାକରଣ ନିମନ୍ତେ ସୁବର୍ଣ୍ଣପୁର ଜିଲାରେ ଗୁରୁବାର ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଜାରି ରହିବ। ଜିଲାପାଳ ବିମଳେନ୍ଦୁ ରାୟ ଗୁରୁବାର ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ସୋନପୁର ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଜିଲାପାଳ ରାୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱରଞ୍ଜନ ପତି, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା.ରମେଶ ଚନ୍ଦ୍ର ସ୍ୱାଇଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତ୍ୟା, ସୱାସ୍ଥ୍ୟ ଅଧିକାରୀ ଡାକ୍ତର ରାମଶଙ୍କର ତ୍ରିପାଠୀ, ସାହାରା ଟ୍ରଷ୍ଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗତିକୃଷ୍ଣ ମିଶ୍ର, ଡିପିଏମ ଏନଏଚଏମ ବିଶ୍ୱମ୍ଭର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ଶତ ପ୍ରତିଶତ ସଫଳତା ପାଇଁ ଜିଲାପାଳ ରାୟ ଗୁରୁତ୍ୱାରୋପ କରିଥିଲେ । ସମସ୍ତେ ନିଶ୍ଚୟ ଔଷଧ ଖାଇବା ଓ ଜିଲାକୁ ଫାଇଲେରିଆ ମୁକ୍ତ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟତ୍ରୀ ଶିକ୍ଷକ, ବିଭାଗୀୟ ଅଧିକାରୀ, ଜିଲାର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଔଷଧ ସେବନ କରିଥିଲେ। ଜନସାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରଧାନଶିକ୍ଷକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସଂଯୋଜକ ଫାଇଲେରିଆ ଜେ. ପଧାନ ଓ ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଚନ୍ଦ୍ରଶେଖର ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କୃଷି ଜିଲା କାର୍ଯ୍ୟାଳୟ ଉଦ୍‌ଘାଟିତ

ଡୁଙ୍ଗୁରିପାଲି,୧୦।୮(ଦୀନବନ୍ଧୁ ସୁନା)

ଗୁରୁବାର ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ୨୬ ନମ୍ବର ଜାତୀୟ ରାଜପଥର ଫଟାମୁଣ୍ଡା ଛକ ନିକଟରେ କୃଷି ଜିଲା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡୁଙ୍ଗୁରିପାଲି ବ୍ଲକ ଉପାଧକ୍ଷ ମକରଧ୍ୱଜ ସାହୁ, ମୁଖ୍ୟ ଜିଲା କୃଷି ଅଧିକାରୀ ଡ଼. ବିଭୁତି ଭୂଷଣ ମିଶ୍ର, କୃଷି ଜିଲା ଅଧିକାରୀ ଡୁଙ୍ଗୁରିପାଲି ବିପିନ ବିହାରୀ ଉଦ୍‌ଗାତା, ବଲାଙ୍ଗୀର ଅଧୀକ୍ଷଣ ଯନ୍ତ୍ରୀ ଲାସା ମୁର୍ମୁ, ସୁବର୍ଣ୍ଣପୁର ଉପ –ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମାର ଡିଲ ରଞ୍ଜନ ମହାଳିକ, ଡୁଙ୍ଗୁରିପାଲି ଗୋଷ୍ଠୀ କୃଷି ଅଧିକାରୀ ଚଣ୍ଡୀ ପ୍ରସାଦ ମହାଳିକ, ବିନିକା ଗୋଷ୍ଠୀ କୃଷି ଅଧିକାରୀ ଜ୍ୟୋତି ରଞ୍ଜନ ପ୍ରଧାନ, ଡୁଙ୍ଗୁରିପାଲି ସହକାରୀ କୃଷି ଅଧିକାରୀ ଅଙ୍କିତା ପଣ୍ଡା, ରାମପୁର ସହକାରୀ କୃଷି ଅଧିକାରୀ ସୈରେନ୍ଦ୍ରୀ ମିଶ୍ର, ବିନିକା ସହକାରୀ କୃଷି ଅଧିକାରୀ ଶ୍ୱେତଲିନା ମାହାଣା ଯୋଗ ଦେଇଥିଲେ। ସେହିପରି ନୂତନ ଭାବେ ନିର୍ମାଣ ହୋଇଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର କୋଠାର ପ୍ରବେଶ ଉତ୍ସବ ଅନୁଷ୍ଠିତ


କୃଷି ଜିଲା କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ଓ ଅନ୍ୟ ଅତିଥି ବୃନ୍ଦ ।

**କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ନୂତନ କୋଠା ପ୍ରବେଶ ଉତ୍ସବ**

ହୋଇଯାଇଛି । ବ୍ଲକ ଉପାଧକ୍ଷ ମକରଧ୍ୱଜ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ରହିଛି କୃଷି ଜିଲା କାର୍ଯ୍ୟାଳୟ। ଡୁଙ୍ଗୁରିପାଲି ଓ ବିନିକା ବ୍ଲକକୁ ନେଇ ଏହି କାର୍ଯ୍ୟାଳୟ ଚାଲିଛି। ଦୀର୍ଘ ବର୍ଷ ଧରି ଏହି ଦୁଇ କାର୍ଯ୍ୟାଳୟ ବ୍ଲକ ନିକଟରେ ଥିବା ଏକ ପୁରୁଣା କୋଠାରେ ଚାଲୁଥିଲା । ଏଠାରେ ନୂତନ ଭାବେ ନିର୍ମାଣ କରାଯାଇଥିବା କୋଠାରେ ଗୁରୁବାର କୃଷି ଜିଲା କାର୍ଯ୍ୟାଳୟ ଚାଲିବା ଦ୍ୱାରା ଚାଷୀମାନେ କୃଷି ବିଭାଗର ବିଭିନ୍ନ ଯୋଜନା ଜାଣିବା ସହ ଲାଭବାନ ହୋଇ ପାରିବେ ବୋଲି କୃଷି ଜିଲା ଅଧିକାରୀ ବିପିନ ବିହାରୀ ଉଦ୍‌ଗାତା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ସହକାରୀ କୃଷି ଯନ୍ତ୍ରୀ ରଶ୍ମିତା ଦଳେଇ, ଗୋଷ୍ଠୀ ବୈଷୟିକ ପରିଚାଳିକା ପ୍ରିୟଙ୍କା ବିଶ୍ୱାଳ, ଶସ୍ୟ ସଂରକ୍ଷଣ ସହାୟକ ସୁଦାମ ଚରଣ ଦୀଶ୍ରୀ, କୃଷି ଅଧିଦର୍ଶକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ସହକାରୀ ବୈଷୟିକ ପରିଚାଳକ ଶୁଭ୍ରମୟ ପଧାନ, ଗ୍ରାମ୍ୟ କୃଷି କର୍ମଚାରୀ ପ୍ରତାପ କୁମାର ଦୀପ , ଗୁରୁଦେବ ସା, ହରିପ୍ରିୟା ସାହୁ , ବିନିକା ବ୍ଲକ ଗ୍ରାମ୍ୟ କର୍ମଚାରୀ ହେମନ୍ତ ଭୋଇ, ତରଣୀସେନ ଭୋଇ, ଶର୍ମିଷ୍ଠା ଖେତୀ, ଧରିତ୍ରୀ ମିଶ୍ର, କୃଷି ପରାମର୍ଶଦାତା କମିଟିର ସଭାପତିଙ୍କ ସମେତ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ

ବୌଦ୍ଧ,୧୦।୮(ଅଜିତ କୁମାର ବାରିକ)

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱେଶାଲ ଜଜ୍ ସରୋଜିନୀ ପତି ଗୁରୁବାର ଦିନ ଏକ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ଦେବା ସହ ତାଙ୍କ ମା’ ଓ ବାପାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ମାମଲାରୁ ପ୍ରକାଶ ଯେ, ବୌଦ୍ଧ ବ୍ଲକ ଧଧଲାପଡା ଗ୍ରାମର ଜଣେ ନାବାଳିକାଙ୍କୁ ସେହି ଗ୍ରାମର ସତ୍ୟ ନାରାୟଣ ମଲିକଙ୍କ ପୁଅ ଲକ୍ଷିନ୍ଦ୍ର ଘରେ କେହି ନ ଥିବା ସୁଯୋଗ ନେଇ ବିବାହର ମିଥ୍ୟା ପ୍ରତଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ । ଏକଥା କାହାକୁ କହିଲେ ଜୀବନରେ ମାରି ଦେବାର ଧମକ ଦେଇ ଆସୁଥିଲା । ପରେ ନାବାଳିକା ଜଣକ ଗର୍ଭବତୀ ହେବା ଜାଣିପାରି ତାଙ୍କ ବାପା ଅଭିଯୁକ୍ତ ଲକ୍ଷିନ୍ଦ୍ରଙ୍କ ଘରକୁ ଯାଇ ତାଙ୍କ ଝିଅକୁ ବିବାହ କରି ସ୍ତ୍ରୀ ଭାବେ ରଖିବାକୁ କହିଥିଲେ। କିନ୍ତୁ ନାବାଳିକାଙ୍କ ବାପାଙ୍କୁ ଲକ୍ଷିନ୍ଦ୍ର ଓ ତାଙ୍କ ବାପା ସତ୍ୟନାରାୟଣ, ମାଆ ସରୋଜିନୀ ଗାଳିଗୁଲଜ କରିବା ସହିତ ପିଟାମରା କରିଥିଲେ । ଏନେଇ ନାବାଳିକାଙ୍କ ବାପା ଗତ ୨।୮।୨୦୧୨ ତାରିଖରେ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବୌଦ୍ଧ ଥାନାରେ ନଂ ୧୩୮/୨୦୧୨ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପରବର୍ତ୍ତୀ ସମୟରେ ମାମଲା ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ସ୍ୱେଶାଲ କେସ ନଂ ୧୫/୧୩ ହୋଇ ବିଚାର ହୋଇଥିଲା । ମାମଲାରେ ସରକାରଙ୍କ ପକ୍ଷରୁ ୧୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ପ୍ରମାଣ ଥିବା ନେଇ ଅଭିଯୁକ୍ତ ଲକ୍ଷିନ୍ଦ୍ର ମଲିକଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ଦେବା ସହ ୫୦ ହଜାର ଟଙ୍କା ଜରିମାନା ପ୍ରଦାନ କରିଛନ୍ତି । ଅଭିଯୁକ୍ତ ବାପା ସତ୍ୟ ନାରାୟଣ ମଲିକ ଓ ମାଆ ସରୋଜନୀ ମଲିକଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱେଶାଲ ପିପି ଧୂରୀଣ କୁମାର ଦେହୁରୀ ପରିଚାଳନା କରୁଥିଲେ ।

# ଜାତୀୟ ରାଜପଥ ଅବରୋଧ କଲେ ହିତାଧିକାରୀ


ହିତାଧିକାରୀମାନେ ରାସ୍ତାରୋକୋ କରିଛନ୍ତି ।

ବୌଦ୍ଧ,୧୦।୮(ଅଜିତ କୁମାର ବାରିକ)

**ମିଳିନାହିଁ ୩ ମାସର ରାଶନ ଚାଉଳ**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ଗ୍ରାମ ପଞ୍ଚାୟତର ୨ଟି ଗ୍ରାମର ହିତାଧିକାରୀଙ୍କୁ ୩ ମାସ ହେବ ଚାଉଳ ମିଳିନାହିଁ । ଏହାର ପ୍ରତିବାଦରେ ହିତାଧିକାରୀମାନେ ଗୁରୁବାର ଦିନ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଥିବା ଜଣାପଡିଛି। ପ୍ରକାଶ ଯେ, ଉକ୍ତ ପଞ୍ଚାୟତର ଅନ୍ୟ ଗ୍ରାମକୁ ସରକାରଙ୍କ ୩ ମାସର ମାଗଣା ଚାଉଳ ଦିଆଯାଇଥିବା ବେଳେ ନୂଆପଡା ଓ ବାଲିପୁର ଦୁଇ ଗ୍ରାମବାସୀଙ୍କୁ ଦିଆଯାଇ ନ ଥିଲା। ଗତ ଜୁନ, ଜୁଲାଇ ଓ ଅଗଷ୍ଟ ମାସର ଚାଉଳ ଆଣିବାକୁ ଯାଇଥିଲେ ହେଁ ନ ପାଇ ନିରାଶ ହୋଇ ଫେରିଥିଲେ। ଏହାକୁ ନେଇ ହିତାଧିକାରୀମାନେ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ ସୁଦ୍ଧା ସେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଫଳରେ ଗୁରୁବାର ପୂର୍ବାହ୍ନରେ ଦୁଇ ଗ୍ରାମର ୧୩୦ ଜଣ ହିତାଧିକାରୀ ରାଶନ କାର୍ଡଗୁଡିକ ହାତରେ ଧରି ନୂଆପଡା ଛକଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ । ଜାତୀୟ ରାଜପଥ ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ଖବର ପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ପରେ ହରଭଙ୍ଗା ବିଡିଓ ସ୍ୱପ୍ନିତା ନାଏକ ଘଟଣାସ୍ଥଳରେ ପହଞ୍ଚି ଶୁକ୍ରବାର ଚାଉଳ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ହିତାଧିକାରୀ ଆନ୍ଦୋଳନରୁ ଓହରିଥିଲେ। ଫଳରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏନେଇ ସରପଞ୍ଚ ଚନ୍ଦନା ବେହେରା କହିଛନ୍ତି, ଚାଉଳ ବଣ୍ଟନ ଦାୟିତ୍ୱ ପିଇଓ ଓ ଯୋଗାଣ ସହାୟକଙ୍କର। ବର୍ତ୍ତମାନ ପଞ୍ଚାୟତରେ ନୂତନ ପିଇଓ ଯୋଗ ଦେଇଛନ୍ତି। ଏଣୁ ଏ ବାବଦରେ ସଠିକ ତଥ୍ୟ ଜଣାନାହିଁ ବୋଲି କହିଛନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଅମରପାଲି,୧୦।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାରେ ୭୭ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଯୁବ ଛାତ୍ର ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଭୋଳାନାଥ କର୍ମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସଂଘର ସମ୍ପାଦକ ସଞ୍ଜିବ ମେହେର, ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ର, ଆଇନଜୀବୀ ନନ୍ଦକିଶୋର ମିଶ୍ର, ସ୍ଥାନୀୟ ଡିଗ୍ରୀ କଲେଜ ଅଧକ୍ଷ ବଳଦେବ ପୂଜାହାରୀ, ଶିକ୍ଷକ ଚନ୍ଦ୍ରମଣି ବାଘ, ସୁବଳୟା ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବଳରାମ ପୂଝାରୀ, ଷ୍ଟେଟ ବିଗ୍ରେଡ ବିଦ୍ୟାଳୟର ସମ୍ପାଦକ ସନ୍ତୋଷ ପୂଜାରୀ ଯୋଗଦେଇ ନିଜସ୍ୱ ମତ ରଖିଥିଲେ । ସୁକାନ୍ତ ପୁରୋହିତ, ବିଭୁପ୍ରସାଦ କୁଦାଇ, ଦିଲୀପ କୁମାର ମେହେର, ସ୍ୱାସ୍ଥ୍ୟ ବିଭାଗର ଦେବୀ ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ନିଜ ମତାମତ ପ୍ରଦାନ କରିଥିଲେ। ଚଳିତବର୍ଷ ସ୍ୱାଧୀନତା ଦିବସ ସମସ୍ତ ସ୍କୁଲ, କଲେଜ ର ଛାତ୍ରୀଛାତ୍ର ଓ ଜନସାଧାରଣଙ୍କୁ ନେଇ ଆଡମ୍ବରପୂର୍ଣ୍ଣ ଭାବେ କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ବୈଠକରେ ସୁବଳୟାର ବୁଦ୍ଧିଜୀବୀ, ଯୁବ ଛାତ୍ର ସଂସଦର କର୍ମକର୍ତ୍ତା ଓ ବିଭିନ୍ନ ବିଭାଗର କର୍ମଚାରୀମାନେ ଯୋଗ ଦେଇଥିଲେ। ଶେଷରେ ଯୁବସଂଘର ସମ୍ପାଦକ ସଞ୍ଜୀବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ମେରି ମାଟି ମେରା ଦେଶ ମହାନ କାର୍ଯ୍ୟକ୍ରମ

ବାଉଁଶୁଣୀ,୧୦।୮(ଦେବାଶିଷ ନେପାକ)

ବୁଧବାର କ୍ରାନ୍ତି ଦିବସ ଅବସରରେ ମା’ ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ମେରିମାଟିମେରା ଦେଶ ମହାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପତାକା ଉତ୍ତୋଳନ କରାଯିବା ସହ ଜାତୀୟ ସଙ୍ଗୀତ ଗାନ ହୋଇଥିଲା । ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସୂର୍ଯ୍ୟ ନାରାୟଣ ପଣ୍ଡା, ସମ୍ମାନିତ ଭାବେ ସାୟଦ ଅଲ୍ଲୀ ଯୋଗଦେଇ ଦେଶ ପାଇଁ ଆମେ କ’ଣ କରିପାରିବା ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶଶିକାନ୍ତ ଜେନା, ଡ. ମନୋରଞ୍ଜନ ଘଡ଼େଇ, ଅଧ୍ୟାପକ ବାବାରାମ ଦେହୁରୀଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

# କଠୋର ଅଧ୍ୟବସାୟ କରିବାକୁ ଆହ୍ୱାନ

ଅମରପାଲି,୧୦।୮(ପୀତାମ୍ବର ସାହୁ)

**ସୁବଳୟା କଲେଜରେ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ସ୍ଥିତ ହାୟର ସେକେଣ୍ଡାରୀ ସ୍କୁଲରେ ବୁଧବାର ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିକ୍ଷାନୁଷ୍ଠାନରେ ଯୁକ୍ତ ଦୁଇରେ ନାମ ଲେଖାଇଥିବା ନୂତନ ଛାତୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ କଲେଜ ଅଧକ୍ଷ ଭୋଳାନାଥ କର୍ମୀ ପୌରୋହିତ୍ୟ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କଠୋର ଅଧ୍ୟବସାୟ କରି ସଫଳତା ହାସଲ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ କରିଥିଲେ। ଏହାସହିତ ଶୃଙ୍ଖଳିତ ଛାତ୍ରୀଛାତ୍ର ଭାବେ କଲେଜର ନୀତିନିୟମ ମାନି ଚଳିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଦେବାଶିଷ ପଧାନ ସଭାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟୁନା ମେହେର, ଅନ୍ନଦା ମିଶ୍ର, ମାନିନୀ ପଧାନ, ସୁରେନ୍ଦ୍ର ସାହୁ ଓ ଦିଲୀପ କୁମର ମେହେର ନବାଗତ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ମଧ୍ୟ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିବା ସହିତ ଭଲ ପାଠପଢି ନିଜ ନାଁ ରଖିବା ସହିତ କଲେଜର ସୁନାମ ବଜାୟ ରଖିବାକୁ ଅନୁରୋଧ କରିଥିଲେ। ପ୍ରଧାପକ ରମାକାନ୍ତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ସୁବଳୟା କଲେଜରେ ସ୍ୱାଗତ ସମାରୋହରେ ମଞ୍ଚାସୀନ ଅତିଥି।

# ୨୩ରେ ପୁଣି ସୋନପୁର ବସଷ୍ଟାଣ୍ଡର ଶିଳାନ୍ୟାସ

ସୋନପୁର,୧୦।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଏ ଟାଇପ ବସଷ୍ଟାଣ୍ଡ ନିର୍ମାଣ ହେବ। ଜନସାଧାରଣଙ୍କ ଦୀର୍ଘବର୍ଷର ଦାବି ଅନୁଯାୟୀ ପୁରୁଣା ବସଷ୍ଟାଣ୍ଡ, ପୁରୁଣା ଟାଉନ ହଲ ଓ ଦୋକାନ ଘର ଭାଙ୍ଗି ସେହି ସ୍ଥାନରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯିବ। ଆସନ୍ତା ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଭିଡିଓ କନଫରେନ୍ସିଂ ଯୋଗେ ସୋନପୁର ବସଷ୍ଟାଣ୍ଡର ଶିଳାନ୍ୟାସ କରିବେ। ସେହିପରି ଜିଲାର ବିନିକା ଓ ଉଲୁଣ୍ଡା ସି–ଟାଇପ ବସଷ୍ଟାଣ୍ଡ ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି। ୩.୩୪ ଏକର ପରିମିତ ଜମିରେ ପ୍ରାୟ ୫ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟରେ ସୋନପୁର ବସଷ୍ଟାଣ୍ଡ ନିର୍ମାଣ ହେବ। ବସଷ୍ଟାଣ୍ଡ ପରିସରରେ ହୋଟେଲ, ଦୋକାନ ଗୃହ ସହ ବସ୍ ଓ କାର୍ ପାର୍କିଂ ପାଇଁ ସୁବିଧା କରାଯିବ। ଯାତ୍ରୀ ଓ ବସ୍ କର୍ମଚାରୀଙ୍କ ରହଣି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ମାଟି ପରୀକ୍ଷା ପରେ ନୂତନ ବସଷ୍ଟାଣ୍ଡର ଫାଉଣ୍ଡେଶନ ଡିଜାଇନ ପ୍ରସ୍ତୁତ ହୋଇଛି। ୬ ମାସ ମଧ୍ୟରେ


ପୁରୁଣା ସୋନପୁର ବସଷ୍ଟାଣ୍ଡ ସ୍ଥାନରେ ନିର୍ମାଣ ହେବ ନୂତନ ବସଷ୍ଟାଣ୍ଡ ।

ବସଷ୍ଟାଣ୍ଡ ନିର୍ମାଣ କାମ ସାରିବାକୁ ଲକ୍ଷ୍ୟ ରହିଛି। ଓଡିଶା ରାଜ୍ୟ ସଡକ ପରିବହନ ନିଗମ(ଓଏସଆରଟିସି) ଏହାର ନିର୍ମାଣ କାର୍ଯ୍ୟ ଓଡିଶା ପୋଲିସ ହାଉସିଂ ବୋର୍ଡକୁ ପ୍ରଦାନ କରିଛି। ଓଏସଆରଟିସି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟଙ୍କ ସହିତ ପ୍ରାରମ୍ଭିକ ଆଲୋଚନା ହୋଇଛି।

ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପୁଣି ବସଷ୍ଟାଣ୍ଡ ଶିଳାନ୍ୟାସ ନେଇ କାର୍ଯ୍ୟକ୍ରମ ସ୍ଥିରୀକୃତ ପରେ ବିବାଦ ସୃଷ୍ଟି ହୋଇଛି । କାରଣ ମୁଖ୍ୟମନ୍ତ୍ରୀ ପୂର୍ବରୁ ୨ ଥର ବସଷ୍ଟାଣ୍ଡ ନିର୍ମାଣ ପାଇଁ ଶିଳାନ୍ୟାସ କରି ସାରିଛନ୍ତି। ୨୦୧୮ ଜୁଲାଇ ୨୪ ତାରିଖରେ ଏହି ପ୍ରକଳ୍ପ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ଗ୍ରୀନ ମହାନଦୀ ମିଶନ ଯୋଜନାର ଶୁଭାରମ୍ଭ ସମୟରେ ମୁଖ୍ୟମନ୍ତ୍ରୀ ସୋନପୁର ରୟାଲ ପଡିଆରେ ଅନ୍ୟ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ସମୟରେ ବସଷ୍ଟାଣ୍ଡ ପାଇଁ ଶିଳାନ୍ୟାସ କରିଥିଲେ। କୌଣସି କାରଣରୁ ବସଷ୍ଟାଣ୍ଡ ନିର୍ମାଣ ହୋଇ ପାରି ନଥିଲା। ପରେ ମୁଖ୍ୟମନ୍ତ୍ରୀ ୨୦୨୧ ଡିସେମ୍ବର ୨୩ ତାରିଖରେ ଭୁବନେଶ୍ୱରରୁ ଭିଡିଓ କନଫରେନ୍ସିଂ ଯୋଗେ ତତ୍କାଳୀନ ଜିଲାପାଳ, ଉପଜିଲାପାଳ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଉପସ୍ଥିତିରେ ଜିଲାର ସୁବର୍ଣ୍ଣପୁର ସହର ସମେତ, ବୀରମହାରାଜପୁର, ଉଲୁଣ୍ଡା ଓ ବିନିକାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ସେ ସମୟରେ ପରିବହନ ବିଭାଗର ମନ୍ତ୍ରୀ ଥିଲେ। ଶିଳାନ୍ୟାସ କାର୍ଯ୍ୟକ୍ରମ ପରେ ଓଏସଆରଟିସି ପକ୍ଷରୁ ଉଲୁଣ୍ଡା, ବିନିକା ଓ ବୀରମହାରାଜପୁରରେ ବସଷ୍ଟାଣ୍ଡ ନିର୍ମାଣ ହୋଇଥିଲା। କିନ୍ତୁ ଜମି ସମସ୍ୟା କାରଣରୁ ଜିଲା ସଦର ମହକୁମାରେ ବସଷ୍ଟାଣ୍ଡ ନିର୍ମାଣ ଆରମ୍ଭ ହୋଇ ପାରି ନ ଥିଲା। ଏବେ ଓଏସଆରଟିସି ନାମରେ ସୋନପୁର ବସଷ୍ଟାଣ୍ଡ ଜମିର ପଟ୍ଟା ହୋଇଛି। ତେଣୁ ଏକ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ହେବ ବୋଲି ଜିଲାବାସୀ ଆଶା ରଖିଛନ୍ତି।

**ନିର୍ମାଣ ହେବ ଏ ଟାଇପ୍ ବସଷ୍ଟାଣ୍ଡ**

## ସଂକ୍ଷେପରେ

### ରାସ୍ତାକଡ଼କୁ ଓଲଟିଲା ଟେମ୍ପୋ, ଚାଳକ ମୃତ

କୁତ୍ରା, ୧୦।୮ (ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଜଉରାମୁଣ୍ଡାଠାରେ ୩ ଚକିଆ ଟେମ୍ପୋ ବୁଧବାର ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଏଥିରେ ଗାଡି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଉରାମୁଣ୍ଡା ଗ୍ରାମର କ୍ରିଷ୍ଣା ପାତ୍ର (୪୦)। କୁତ୍ରା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରି ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, କ୍ରିଷ୍ଣା ଟେମ୍ପୋ ଯୋଗେ ପଞ୍ଚରାପଟୁ ଜଉରାମୁଣ୍ଡାକୁ ଆସୁଥିବା ବେଳେ ଛକର ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କେନାଲରେ ପଡ଼ି ଯୁବକଙ୍କ ମୃତ୍ୟୁ

ରାଜଗାଙ୍ଗପୁର, ୧୦।୮ (ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତଥା କାଂସବାହାଲ ଫାଣ୍ଡି ଅଧିନସ୍ଥ କାଂସବାହାଲ ଡିପାପଡା କେନାଲରେ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ଗ୍ରାମର ତେମ୍ୱା କିଣ୍ଡୋ(୫୧)। ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିରେ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବୁଧବାର ରାତିରେ କିଣ୍ଡୋ କୌଣସି କାରଣରୁ କେନାଲ ଆଡେ ଯାଇଥିଲେ। ହଠାତ୍ କେନାଲରେ ପଡ଼ି ତାଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ସକାଳେ କେନାଲରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ।

### ଶିକ୍ଷକଙ୍କ ଘରେ ଚୋରି, ଥାନାରେ ଅଭିଯୋଗ

ନୂଆଗାଁ, ୧୦।୮ (ବିଜୟ ତ୍ରିପାଠୀ)

ନୂଆଗାଁ ବ୍ଲକ ବିଶ୍ରାଥାନା ଅନ୍ତର୍ଗତ ବାଗଡେଗାରେ ବୁଧବାର ଭୋର ସମୟରେ କେହି ଦୁର୍ବୃତ୍ତ ଶିକ୍ଷକ ଗଣେଶ ମିଶ୍ରଙ୍କ ଘର କବାଟ ଭାଙ୍ଗି ଗୋଟିଏ ଏଲଇଡି ଟିଭି, କଂସାବାସନ, ନଗଦ ୩ ହଜାର ଟଙ୍କା, ସୁନା ମଙ୍ଗଳ ସୂତ୍ର, କାନ ଫୁଲ ଆଦି ବିଭିନ୍ନ ଜିନିଷ ଚୋରିକରି ନେଇଥିବା ବିଶ୍ରାଥାନାରେ ଅଭିଯୋଗ ହେଇଛି। ପୋଲିସ ଏନେଇ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ବାଗଡେଗା ଗ୍ରାମରେ ଏଭଳି ଚୋରିଘଟଣା ପ୍ରଥମ ବୋଲି କୁହାଯାଉଛି।

### ଝୁଲନ୍ତା ଅବସ୍ଥାରେ ଯୁବତୀଙ୍କ ମୃତଦେହ ଜବତ

କୁତ୍ରା, ୧୦।୮ (ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଗୁରୁବାର ଜବତ ହୋଇଛି। ମୃତା ଯୁବତୀ ହେଲେ ପଞ୍ଚରା ପଞ୍ଚାୟତ ବେଲଡିହି ଗ୍ରାମର ଅର୍ଚ୍ଚନା ଲାକଡା (୨୨)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଘରେ କେହି ନ ଥିବାବେଳେ ଅର୍ଚ୍ଚନା ବେକରେ ରଶି ଲଗାଇ ପଙ୍ଖାରେ ଝୁଲିପଡ଼ିଥିଲେ। ଅପରାହ୍ନରେ ଘର ଲୋକ ଆସି କବାଟ ବାଡାଇଥିଲେ ହେଁ ସେ କବାଟ ଖୋଲି ନ ଥିଲେ। ପରେ ଘର ପଛପଟ ଝରକା ପଟେ ଦେଖିଥିଲେ ପଙ୍ଖାରେ ତାଙ୍କ ମୃତ ଦେହ ଝୁଲୁଛି। ଝରକା ଭାଙ୍ଗି ତାଙ୍କୁ ତଳକୁ ଓହ୍ଲାଇ କୁତ୍ରା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବା ପରେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଭିଏସ୍ଏସ୍ ମାର୍କେଟରୁ ନାଗସାପ ଉଦ୍ଧାର

ରାଉରକେଲା, ୧୦।୮ (ସଙ୍ଗୀତା ଜେନା): ଛେଣ୍ଡ ଭିଏସ୍ଏସ୍ ମାର୍କେଟରେ ଗୁରୁବାର ଏକ ୫ଫୁଟ୍ର ନାଗସାପ ଉଦ୍ଧାର ହୋଇଛି। କମଳାକାନ୍ତ ବାରିକ ଉକ୍ତ ସାପ ଧରି ରେଞ୍ଜରଙ୍କୁ ହସ୍ତାନ୍ତର କରିଥିଲେ। ମାର୍କେଟ ସଭାପତି କାବୁଲି ପ୍ରତିହାରୀ ଓ ଅନ୍ୟମାନେ ନାଗସାପକୁ ସୁରକ୍ଷିତ ରଖି ଜଙ୍ଗଲ ବିଭାଗକୁ ସୂଚନା ଦେଇଥିଲେ।

# ଆବାସ ଯୋଜନାରୁ ବଞ୍ଚିତ ପ୍ରକୃତ ହିତାଧିକାରୀ

ବଡ଼ଗାଁ, ୧୦।୮ (ଅଶୋକ ଷଡ଼ଙ୍ଗୀ)


ଜରିପାଲ ତଳେ ରହୁଥିବା ପରିବାର।

■ ଜରିପାଲ ତଳେ ବିତୁଛି ଜୀବନ
■ ପ୍ରଶାସନ ଦୃଷ୍ଟିଦେବାକୁ ଦାବି

ଭଙ୍ଗା ଘରେ ରହୁଥିବା କିମ୍ବା ବାସହୀନ ପରିବାରଙ୍କୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଆବାସ ଯୋଜନାରେ ପକ୍କାଘର ଦେବା ବ୍ୟବସ୍ଥା କରିଛନ୍ତି। ହେଲେ ପ୍ରକୃତ ହିତାଧିକାରୀ କିଏ ତାହା ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିରେ ପଡୁନାହିଁ। ସରକାରୀ କର୍ମଚାରୀ ଓ ନିର୍ବାଚିତ ଜନ ପ୍ରତିନିଧିଙ୍କ ଦ୍ୱାରା ଦୀର୍ଘ ବର୍ଷରୁ ଅବହେଳିତ ହୋଇ ଆସୁଛନ୍ତି ପ୍ରକୃତ ହିତାଧିକାରୀ। ଦୀର୍ଘ ବର୍ଷରୁ ଗରିବ ପରିବାର ଭଙ୍ଗା ଦଦରା ଘରେ ଜରି ଡାଙ୍କି ରହୁଥିବାବେଳେ କୋଠାଘରେ ରହୁଥିବା ପରିବାରଙ୍କୁ ମିଳୁଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ। ଏଭଳି ଦୃଶ୍ୟ ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଫୁଲବାରୀ ପଞ୍ଚାୟତ ବୁଦୁନା ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମର ଗୋପାଳ ଟପ୍ପୋ, ସ୍ତ୍ରୀ ଝିଲି ଏବଂ ଗୋଟିଏ ଝିଅ ଓ ପୁଅଙ୍କୁ ନେଇ ପରିବାର। ଗୋପାଳ ଗ୍ୟାରେଜରେ ଦୈନିକ ୩୦୦ ଟଙ୍କା ମଜୁରିରେ କାମକରି ପରିବାର ପ୍ରତିପୋଷଣ କରୁଛନ୍ତି। ଅର୍ଥାଭାବ ଯୋଗୁ ଝିଅ ଯୁକ୍ତ ୨ରୁ ପାଠ ଛାଡ଼ି ଗାଁରେ ସିଲେଇ ଶିଖୁଛନ୍ତି। ଗୋପାଳ ଘରଟିଏ ପାଇବା ପାଇଁ ୧୦ ବର୍ଷ ହେଲା ପଞ୍ଚାୟତ ଓ ବ୍ଲକ ଅଧିକାରୀଙ୍କୁ ଜଣାଇ ନିରାଶ ହୋଇଛନ୍ତି। ଚଳିତ ବର୍ଷ ଏହି ପଞ୍ଚାୟତକୁ ପ୍ରଥମ ପର୍ଯ୍ୟାୟରେ ୨୫୦ ଓ ୨ୟ ପର୍ଯ୍ୟାୟରେ ୬୭ ଟିପିଏମ୍ ଆବାସ ଯୋଜନାର ଘର ବଣ୍ଟନ କରାଯାଇଛି। ଘର ବଣ୍ଟନ ପୂର୍ବରୁ ଏହି ପରିବାରର ଘର ଜିଓ ଟ୍ୟାଗ୍ କରାଯାଇ ଘରର ଫଟୋ ଉଠାଇ କର୍ମଚାରୀମାନେ ନେଇଥିଲେ। ହେଲେ ଏହି ଗ୍ରାମର କୋଠା ଓ ପକ୍କା ଘର ଥିବା ପରିବାରଙ୍କୁ ଦିଆଗଲା ଆବାସ ଯୋଜନାରେ ଘର। ବିଡମ୍ବନାର ବିଷୟ ଏହି ପରିବାକୁ ଘର ଖଣ୍ଡିଏ ମିଳିପାରି ନାହିଁ। ପ୍ରାୟ ସମସ୍ତ ପଞ୍ଚାୟତରେ ଏହିପରି ତ୍ରୁଟିପୂର୍ଣ୍ଣ ଚୟନ କରାଯାଇଛି। ଯେଉଁ କାରଣରୁ ଦୀର୍ଘ ବର୍ଷରୁ ପ୍ରକୃତ ହିତାଧିକାରୀ ବଞ୍ଚିତ ହୋଇ ଆସୁଛନ୍ତି। ତେବେ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଯୋଗେନ୍ଦ୍ର କିଷାନଙ୍କୁ ପଚାରିବାରୁ, ଆମେ ଯେଉଁ ହିତାଧିକାରୀ ତାଲିକା ଦେଇଥିଲୁ ତାକୁ ଦୃଷ୍ଟି ନ ଦେଇ ସରକାରୀ କର୍ମଚାରୀଙ୍କ ଦ୍ୱାରା ଚୟନ କରାଯାଇଥିଲା। ଅନେକ ପ୍ରକୃତ ହିତାଧିକାରୀ ବଞ୍ଚିତ ହୋଇଥିବା ଓ ଏନେଇ ସରପଞ୍ଚ ସଂଘ ପକ୍ଷରୁ ପ୍ରଶାସନକୁ ଜଣାଇଥିଲେ ବୋଲି ସେ କହିଛନ୍ତି।

## ଘାଟିରୁ ଖସିଲା ଟ୍ରକ୍, ଚାଳକ ମୃତ

ଲହୁଣୀପଡ଼ା, ୧୦।୮ (ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥରେ ବୁଧବାର ବିଳମ୍ବିତ ରାତିରେ ଦୁର୍ଘଟଣାଘଟି ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଛି। ଖଲାସୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବିହାରର ମୁରାରୀ କୁମାର ଯାଦବ (୨୯) ଏବଂ ଆହତ ମନୋଜ କୁମାର ମାହାନ୍ତ। ମୃତଦେହକୁ ବଣେଇ ଉପଖଣ୍ଡ ଚିକିତ୍ସାଳୟର ମର୍ଗ ହାଉସରେ ରଖାଯାଇଛି। ପରିବାର ଲୋକ ପହଞ୍ଚିବା ପରେ ଶୁକ୍ରବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ଏନେଇ କେ. ବଲାଙ୍ଗ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବୁଧବାର କୋଇଡା ଅଞ୍ଚଳରୁ ଓଡି - ୧୪ ଟି - ୧୧୨୯ ନମ୍ବର ଟ୍ରକଟି ଲୁହା ପଥର ବୋଝେଇ କରି ଲହୁଣୀପଡ଼ା ପଟେ ଆସୁଥିବାବେଳେ ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ଚୁନାଘାଟି ତଳକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ଦେଖି କେ. ବଲାଙ୍ଗ ଥାନାକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗାଡି ତଳେ ଚାପି ହୋଇରହିଥିବା ଚାଳକ ଓ ଖଲାସିଙ୍କୁ ଉଦ୍ଧାର କରିଥିଲେ। ହେଲେ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇସାରିଥିଲା। ଖଲାସୀଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଲହୁଣୀପଡ଼ା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସାପରେ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ଖଲାସୀ ଇସ୍ପାତ ଜେନେରାଲ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗତ ସପ୍ତାହକ ମଧ୍ୟରେ ଚୁନାଘାଟିରେ ୩ଟି ମର୍ମନ୍ତୁଦ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ତ୍ରୁଟିପୂର୍ଣ୍ଣ ଜାତୀୟ ରାଜପଥ ନିର୍ମାଣ ଓ ବେପରୁଆ ଗାଡି ଚାଳନା ଯୋଗୁଁ ଚୁନଘାଟିଠାରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ତେଣୁ ଜାତୀୟ ରାଜପଥ ବିଭାଗ ଓ ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳକୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ସାମୂହିକ ଔଷଧ ସେବନ ଦ୍ୱାରା ଫାଇଲେରିଆ ମୂଳୋତ୍ପାଟନ ହେବ


ଫାଇଲେରିଆ ନିରାକରଣ ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କୁଆଁରମୁଣ୍ଡା, ୧୦।୮ (ମହେନ୍ଦ୍ର କୁମାର ସାହୁ)

ମଶା କାମୁଡିବା ଦ୍ୱାରା ସାଧାରଣତଃ ଫାଇଲେରିଆ ରୋଗ ହୋଇଥାଏ। ଏହି ରୋଗର କୀଟାଣୁ ଶରୀରରେ ପ୍ରବେଶ କରିବାର ପ୍ରାୟ ୧୦ରୁ ୧୫ ବର୍ଷ ପରେ ରୋଗର ଲକ୍ଷଣ ବିଶେଷ କରି ଜ୍ୱର ଆସିବା, ଦେହହାତ ଘୋଳା ବିନ୍ଧା, ଚର୍ମରେ ଲାଲ ଦାଗ ସୃଷ୍ଟି ସହ ଗୋଡ, ହାତ ଫୁଲିବା ଆରମ୍ଭ ହେବା ସହ ଗୋଦରା ଆରମ୍ଭ ହୋଇଥାଏ। ତେଣୁ ଏହି ରୋଗର ମୂଳୋତ୍ପାଟନ ନିମନ୍ତେ ସାମୂହିକ ଔଷଧ ସେବନ ନିତ୍ୟାନ୍ତ ଜରୁରୀ ବୋଲି ଗୁରୁବାର ସୁନ୍ଦରଗଡ଼ ଜିଲା ପଦମପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଫାଇଲେରିଆ ନିରାକରଣ ଅଭିଯାନ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କୁଆଁରମୁଣ୍ଡା ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ମତବ୍ୟକ୍ତ କରିଛନ୍ତି। ନିଜେ ଆଲବେଣ୍ଡାଜଲ, ଆଇଭରମେକ୍ଟିନ ଇତ୍ୟାଦି ବଟିକା ଖାଇବା ସହ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ବଟିକା ଖାଇବାକୁ ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୁଆଁରମୁଣ୍ଡା ବ୍ଲକ ଏବିଡିଓ ପ୍ରଶାନ୍ତ କୁମାର ଜେନା, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସଦାନନ୍ଦ ପଧାନ, ସିଡିପିଓ ଆନାସ୍ତାସିଆ ଲାକ୍ରା, ପଦମପୁର ସରପଞ୍ଚ ଦିଲ୍ଲୀପ ଏକ୍କା, ଡା.ଦିପ୍ତୀ ପ୍ରଧାନ, ଡା.ଅମ୍ଲାନୀ ପ୍ରସନ୍ନ ରାଉଳ, ପଦମପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରୀତା ଲାକ୍ରା, ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ସାମଲ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ୧୦ ଦିନ ଧରି ଚାଲିବାକୁ ଥିବାବେଳେ ଘରକୁ ଘର ବୁଲି ଆଶାକର୍ମୀ, ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀମାନେ ପରିବାର ସଦସ୍ୟଙ୍କୁ ଏହି ଔଷଧ ଖୁଆଇବେ। କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବିପିଏମ ଶିବାନୀ ନାଏକ, ମାନସ ନାଏକ, ପିଏଚଇଓ ଗନ୍ଧର୍ବସେନ ପାଣ୍ଡେ, ନୋଡାଲ ଅଫିସର ଦେବାଶିଷ ସାହୁ ଉପସ୍ଥିତ ରହି ପରିଚାଳନା କରିଥିଲେ। ଏହି ଅବସରରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସହ ୧୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ସ୍ଥଳରେ ସାମୂହିକ ଔଷଧ ଖାଇଥିଲେ।

## ସଫେଇ କର୍ମୀଙ୍କୁ ମାଡ଼ ଅଭିଯୋଗ

ବଡ଼ଗାଁ, ୧୦।୮ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବରଙ୍ଗାକଛାର ଗ୍ରାମରେ ଜଣେ ସଫେଇ କର୍ମୀଙ୍କୁ ମାଡ଼ ମାରିଥିବା ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି। ପଞ୍ଚାୟତ ଦ୍ୱାରା ସାପ୍ତାହିକ ବଜାରରେ ସଫେଇ କାମ ପାଇଁ ନିୟୋଜିତ ରାମ ସିଂ ହେମ୍ବ୍ରମ ସୋମବାର ପୂର୍ବାହ୍ନରେ ଝାଡୁ ମାରୁଥିବାବେଳେ ଶିକ୍ଷକ ବିପ୍ର କେଶରୀ ତାଙ୍କୁ ମୋ ଘର ସମ୍ମୁଖରେ କାହିଁକି ମଇଳା ଗଦା କରୁଛ କହିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଉତ୍ତ୍ୟକ୍ତ ହୋଇ ବିପ୍ର ମାଡ଼ ମାରିଥିବା ରାମ ସିଂ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

## ଜିଲା କଂଗ୍ରେସ ପକ୍ଷରୁ ଗୌରବ ଦିବସ ପାଳିତ

ନୂଆପଡ଼ା, ୧୦।୮ (ମକାରୁ ବେମାଲ)

ଓଡିଶା ପ୍ରଦେଶ କଂଗ୍ରେସଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ଜିଲା କଂଗ୍ରେସ କମିଟି ବିଶ୍ୱ ଆଦିବାସୀ ଦିବସକୁ ଗୌରବ ଦିବସ ଭାବେ ପାଳନ କରିଛି। ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ପୋଲିସ ପଡିଆରୁ ଆଦିବାସୀଙ୍କ ପାରମ୍ପାରିକ ବେଶଭୂଷାରେ ସଜ୍ଜିତ ହୋଇ ଅସ୍ତ୍ରଶସ୍ତ୍ର ଧରି ଗଣାବାଜା ସହ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଏନଏସିକଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ଏନଏସି କଲ୍ୟାଣ ମଣ୍ଡପଠାରେ ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ଆଜାଦଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। ସଭାରେ ପର୍ଯ୍ୟବେକ୍ଷକ ଭାବେ ବରଗଡରୁ ହରପିତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଦିବାସୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର, ଶୋଷଣ, ନିର୍ଯାତନା ଓ ଦୀର୍ଘ ଦିନ ଧରି ଜଙ୍ଗଲ ଜମି ପଟ୍ଟା ପାଇଁ ଆବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ପାଇ ନ ଥିବାରୁ ଆଗକୁ କଂଗ୍ରେସ ସରକାର ଆସିଲେ ଆଦିବାସୀମାନଙ୍କ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଥିଲେ। କଂଗ୍ରେସ ସରକାର ଆଦିବାସୀ ପ୍ରେମୀ ଆଦିବାସୀମାନଙ୍କ ପାଇଁ ଲଢେଇ କରି ଆସୁଛି। ଆଗକୁ ମଧ୍ୟ ଲଢେଇ କରିବ ଓ ତାଙ୍କର ହକ ଦାବିକୁ ପୂରଣ କରିବ ବୋଲି ମତବ୍ୟକ୍ତ କରିଥିଲେ।

## ମେରି ମିଟି ମେରା ଦେଶ ଉତ୍ସବ ପାଳନ

ସୁନ୍ଦରଗଡ, ୧୦।୮ (ଜୟ ନାରାୟଣ ମେଣ୍ଡୁଲି)

ଲେଫ୍ରିପଡା ବ୍ଲକ ଅନ୍ତଗତ ଦର୍ଲିପାଲି ଡିଏନ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଡ. ସୁରେଶ ପାଣ୍ଡେଙ୍କ ସଭାପତିତ୍ୱରେ ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ମାଟିକୁ ନମନ ବୀରଙ୍କୁ ବନ୍ଦନା କାର୍ଯ୍ୟକ୍ରମ ଗୁରୁବାର ଆୟୋଜିତ ହୋଇଯାଇଛି। ଅଧକ୍ଷ ଡ. ପାଣ୍ଡେ ଛାତ୍ରୀଛାତ୍ରଙ୍କୁ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ଏବଂ ବର୍ତ୍ତମାନ ଯୁବପୀଢ଼ିଙ୍କ ଭୂମିକା ଉପରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଅଧ୍ୟାପକ ହେମନ୍ତ ପଟେଲ ଶୃଙ୍ଖଳିତ ଜୀବନ ଏବଂ ଦେଶର ପ୍ରଗତି ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଯଦୁମଣି ଖମାରୀ, ଅଧ୍ୟାପିକା ତୁଷାରିକା ଦାଶ, ଝୁନୁ ପ୍ରଧାନ, ଭାରତୀ ନାଏକ ଏବଂ ଛାତ୍ରୀଛାତ୍ର ଯୋଗଦେଇ ମହୋତ୍ସବର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଉତ୍ସବକୁ ଏନ୍ଏସଏସ ପ୍ରୋଗ୍ରାମ ଅଫିସର ରାଜେଶ ପଟେଲ ସୁପରିଚାଳନା କରିଥିବାବେଳେ ଅନଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଶେଷରେ ଅଧ୍ୟାପକ ସୁଶୀଲ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।


 କଲେଜ ପରିସରରେ ବୃକ୍ଷରୋପଣ କରାଯାଉଛି।

## ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ଉଦ୍ଘାଟନ

ହେମଗିର, ୧୦।୮ (ଚୈତନ୍ୟ ପଟେଲ)




ସୁନ୍ଦରଗଡ଼ ଜିଲା ହେମଗିର ହାଇସ୍କୁଲରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରି ଡା. ଶକ୍ତି ପ୍ରସାଦ ନାଥଙ୍କ ସଭାପତିତ୍ୱରେ ଫାଇଲେରିଆ ଓ କୃମି ନିରାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ହେମଗିର ଜିଲା ପରିଷଦ ସଭ୍ୟା ମହିମା ସେଠ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଟେଲ, ଏବିଡିଓ ଜିତେନ୍ଦ୍ରିୟ ମୁଣ୍ଡା, ସମିତି ସଭ୍ୟା ମାନସି ଦର୍ଜି, ଡା. ଦୀପକ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଡା. ପଟେଲ ଫାଇଲେରିଆ ରୋଗ ଓ ଔଷଧ ସେବନ ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଅଗଷ୍ଟ ୧୦ରୁ ୧୯ ପର୍ଯ୍ୟନ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏହି କାର୍ଯ୍ୟକ୍ରମ ଅନୁଯାୟୀ ଆଶାକର୍ମୀ, ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀ ଘରକୁ ଘର, ସ୍କୁଲ କଲେଜ ତଥା ଅନ୍ୟ ଅନୁଷ୍ଠାନକୁ ଯାଇ ସମସ୍ତ ସଦସ୍ୟଙ୍କୁ ତାଙ୍କ ବୟସ ଅନୁଯାୟୀ ଫାଇଲେରିଆ ବଟିକା ଖୁଆଇବେ। କେବଳ ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସ୍କ ଶିଶୁ, ଗୁରୁତର ରୋଗୀ ତଥା ମା'ଙ୍କୁ ଶିଶୁ ଜନ୍ମର ଏକ ସପ୍ତାହ ମଧ୍ୟରେ ଏହି ଔଷଧ ଦିଆଯିବ ନାହିଁ। ଏହି ଅବସରରେ ପିଏଚ୍ଇଓ ସୁରେନ ପସାଏତ, ଶିକ୍ଷକ ସୁଧୀର କର, ଘନଶ୍ୟାମ ପଟେଲ, ଅନିତା ପ୍ରଧାନ, ତାରାବତି ପଟ୍ଟନାୟକ, ଧ୍ରୁବ ନାଏକ, ପ୍ରଦୀପ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## କାଠଯୋଡ଼ିରୁ ଗଳିତ ମୃତଦେହ ଜବତ

କୁତ୍ରା, କଟକ ସଦର, ୧୦।୮ (ସୁଶାନ୍ତ କୁମାର ଜେନା/ଦେବାଶିଷ ସାହୁ)

୪୨ ମୌଜା ଥାନା ଅନ୍ତର୍ଗତ ମିର୍ଜାଇପୁର ବାଲିଘାଟ ନିକଟ କାଠଯୋଡି ନଦୀରୁ ଗୁରୁବାର ସକାଳେ ଜଣେ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ସୁନ୍ଦରଗଡ ଜିଲା କୁତ୍ରା ଅଞ୍ଚଳର ହେମନ୍ତ ବରୁଆ(୨୭)। ସେ ଭୁବନେଶ୍ୱରରେ ରହୁଥିଲେ। ଗତ ୭ ତାରିଖରେ କଟକ ପୁରୀଘାଟ ଅଞ୍ଚଳକୁ କୌଣସି କାର୍ଯ୍ୟରେ ଆସି ଆଉ ଘରକୁ ଫେରି ନ ଥିଲେ। କାଠଯୋଡ଼ି ନଦୀରେ ଭାସି ଯାଇଥିବା ଖବରପାଇ ତାଙ୍କ ଭାଇ ବିଜୟ ବରୁଆ ପୁରୀଘାଟ ଥାନାରେ ଏତଲା ଦେଇଥିଲେ। ଗୁରୁବାର ସକାଳେ ନଦୀ ବାଲିରେ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏ ନେଇ ୪୨ ମୌଜା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୧/୨୩) ରୁଜୁ ହୋଇଛି। ଅପରପକ୍ଷରେ ମୃତ୍ୟୁର କାରଣ ଜାଣିବା ପାଇଁ ପୁରୀଘାଟ ପୋଲିସ ତଦନ୍ତ ଆରମ୍ଭ କରିଛି।

## ସୁନ୍ଦରଗଡ ସଦର ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ

ସୁନ୍ଦରଗଡ, ୧୦।୮ (ଜୟ ନାରାୟଣ ମେଣ୍ଡୁଲି)

**ଘର ଭାଙ୍ଗିଲେ, ଫସଲ ନଷ୍ଟ କଲେ**

ସୁନ୍ଦରଗଡ଼ ସଦର ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁଁ ଲୋକେ ଆତଙ୍କିତ ହୋଇପଡିଛନ୍ତି। ୪ଟି ଦନ୍ତା ହାତୀ ଘର ଭାଙ୍ଗିବାସହ , ଫସଲ ନଷ୍ଟ କରିଛନ୍ତି। ଗତ ୪ରୁ୫ ଦିନ ହେବ ସୁନ୍ଦରଗଡ଼ ସଦର ଫରେଷ୍ଟ ରେଞ୍ଜର ମହୁଲଯୋର ଏବଂ ଘାଣ୍ଟିବୁଡ଼ ଅଞ୍ଚଳରେ ଏହି ୪ଟି ଦନ୍ତା ହାତୀ ଉପଦ୍ରବ ଚଳାଇଛନ୍ତି। ବୁଧବାରରାତି ମହୁଲଯୋର ଗାଁ ରେ ୭ ଟି ଘର ଭାଙ୍ଗିବା ସହ ଫସଲ ନଷ୍ଟ କରିଛନ୍ତି। ପଡୋଶୀ ଜିଲା ସମ୍ବଲପୁରର ବାମରା ବନଖଣ୍ଡ ବଡରମା ଅଭୟାରଣ୍ୟରୁ ଏହି ଦନ୍ତା ଚାଲି ଆସିଥିବା ଅନୁମାନ କରାଯାଉଛି। ବନ ବିଭାଗ ଖବର ପାଇ ବିଳମ୍ବିତ ରାତିରେ ଗାଁକୁ ଆସି ହାତୀଙ୍କୁ ଘୋଉଡାଇଥିଲା। ହେଲେ ହାତୀ ଗୁଡ଼ିକ ନିକଟ ଜଙ୍ଗଲକୁ ଯାଇ ପୁଣି ସନ୍ଧ୍ୟା ହେଲେ ଗାଁ ମୁହାଁ ହେଉଛନ୍ତି। ଲୋକେ ରାତିରେ ନ ଶୋଇ ଭୟଭୀତ ଅବସ୍ଥାରେ ରହୁଛନ୍ତି।


ଜଙ୍ଗଲ ଆଡକୁ ହାତୀପଲ ଯାଉଛନ୍ତି।

# ବିଳମ୍ବ ହେଉଛି ବ୍ରିଜ୍ ନିର୍ମାଣ କାମ

କୁତ୍ରା, ୧୦।୮ (ଦେବାଶିଷ ସାହୁ)


ଅଧାପନ୍ତରିଆ ହୋଇ ରହିଥିବା ବ୍ରିଜ।

■ ଅସୁବିଧା ଭୋଗୁଛନ୍ତି ଲୋକେ
■ ବ୍ରିଜ ଗାର୍ଡରରେ ସୃଷ୍ଟି ହେଲା ଫାଟ

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଲକ୍ଷ୍ମୀପୋଷରୁ ସମଲାଇମୁଣ୍ଡା ଗ୍ରାମ ପର୍ଯ୍ୟନ୍ତ ନିର୍ମାଣ ହୋଇଛି ବିଜୁ ସଡକ ଯୋଜନା ଅନ୍ତର୍ଗତ ରାସ୍ତା। ଏହି ରାସ୍ତାର କାଣ୍ଡିଝରିଆ ନାଳ ଉପରେ ଏକ ୬୦ ମିଟର ଲମ୍ବର ବ୍ରିଜ ନିର୍ମାଣଧୀନ ଅଛି। ବ୍ରିଜ କାମ ୨୦୨୧ -୨୨ ଆର୍ଥିକ ବର୍ଷରେ ସଂପୂର୍ଣ୍ଣ ହେବା କଥା। ହେଲେ ଏହି ସମୟ ସୀମାରୁ ଏକ ବର୍ଷ ବିତିଯାଇଥିଲେ ହେଁ ନିର୍ମାଣ କାର୍ଯ୍ୟ ଶେଷ ନ ହୋଇ ଅଧପନ୍ତରିଆ ହୋଇ ପଡ଼ି ରହିଛି। ୬୦ ମିଟର ବ୍ରିଜର ୩୦ ମିଟର କାର୍ଯ୍ୟ ସରି ସ୍ଲାବ ପଡିସାରିଥିବା ବେଳେ ବାକି ୩୦ ମିଟର ନିର୍ମାଣଧୀନ ରହିଛି। ଏହି ୩୦ ମିଟର ବ୍ରିଜରେ ସ୍ଲାବ ପଡିବା ପାଇଁ ଅସମୟରେ ପ୍ରସ୍ତୁତି ଚାଲିଥିବା ବେଳେ ଏଥିପାଇଁ ଢଳାଇ ହୋଇଥିବା ଗାର୍ଡରରେ ସପ୍ତାହକ ତଳେ ହୋଇଥିବା ବର୍ଷା ପରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏପରିକି ଏହା ଉପରେ ସ୍ଲାବ ପକାଇବା ପାଇଁ କରାଯାଇଥିବା ସେଣ୍ଟ୍ରିଂ ବର୍ଷା ପାଣି ସ୍ରୋତରେ ସଂପୂର୍ଣ୍ଣ ଭାବେ ଭୁଷୁଡି ପଡିଛି। ଗାର୍ଡରେ ଦେଖା ଯାଇଥିବା ଫାଟ ଯୋଗୁଁ ଆଗକୁ ଯଦି ଏହାରି ଉପରେ ସ୍ଲାବ ପଡିବାର ଯୋଜନା କରାଯାଏ ତେବେ ଏହା ବ୍ରିଜର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚି ସୃଷ୍ଟି କରିବ। ଅନ୍ୟ ପକ୍ଷରେ ଧାର୍ଯ୍ୟ ସମୟ ସୀମାରେ କାର୍ଯ୍ୟ ସରି ନ ଥିବା ଯୋଗୁ ଯାତାୟତରେ ଲୋକେ ଅସୁବିଧା ଭୋଗୁଛନ୍ତି। ଖବର ନେବାରୁ ଜଣା ପଡିଲା ଯେ, ଏହି କାର୍ଯ୍ୟ କରାଉଥିବା ଠିକାଦାର ନିର୍ମାଣ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ଯୋଗୁଁ କାର୍ଯ୍ୟ ବିଳମ୍ବିତ ହେଉଛି। ସେ ଦୀର୍ଘ ମାସ ହେଲା ରାଜ୍ୟ ବାହାରେ ରହି ନିର୍ମାଣ ସ୍ଥଳକୁ ଆସୁନାହାନ୍ତି। ଏପରିକି ଏଠାରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ମଧ୍ୟ ସେମାନଙ୍କ ଟଙ୍କା ୩ ମାସ ହେଲା ପାଇ ନ ଥିବା ଅଭିଯୋଗ କରୁଛନ୍ତି। ବ୍ରିଜ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ସରକାରୀ ବିଭାଗ ଏହି ବ୍ରିଜର ଗାର୍ଡରରେ ସୃଷ୍ଟି ହୋଇଥିବା ଫାଟକୁ ଦୃଷ୍ଟିରେ ରଖି ବ୍ରିଜର ସ୍ଥାୟିତ୍ୱ ପାଇଁ ଆଗକୁ ଏହାର ଯୋଜନା ପ୍ରସ୍ତୁତ କରିବା ସହ ଶ୍ରମିକଙ୍କୁ ମଳିନଥିବା ପାରିଶ୍ରମିକ ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି।

## ଟ୍ରେନ୍‌ରେ କଟି ଯୁବକ ମୃତ

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): ଟିଟିଲାଗଡ-ରାୟପୁର ପାସେଞ୍ଜର ଟ୍ରେନରେ କଟି ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପମ୍ପୁ ତଲାବ ନିକଟରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସହର ୱାର୍ଡ ନଂ. ୧୧ର ବିଷ୍ଣୁ ଠାକୁର(୪୪)। ବୁଧବାର ରାତିରେ ଟ୍ରେନ କଣ୍ଟାବାଞ୍ଜି ଅଭିମୁଖେ ଆସୁଥିବା ବେଳେ ଏହି ଘଟଣା ଘଟିଛି। ଟ୍ରେନ ପାଇଲଟ ସ୍ଥାନୀୟ ଜିଆରପି ଓ ଷ୍ଟେସନ ମାଷ୍ଟରଙ୍କୁ ଜଣାଇଥିଲେ। ଜିଆରପି ଗୁରୁବାର ସକାଳେ ମୃତଦେହକୁ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ବ୍ୟବଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଜିଆରପିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏଏସଆଇ ଜୟଦେବ ସାହୁଙ୍କଠାରୁ ପ୍ରକାଶ।

# ପରିତ୍ୟକ୍ତ ଆଶ୍ରୟସ୍ଥଳୀ ମରାମତି କର



ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନର ସ୍ୱେଚ୍ଛାସେବୀମାନେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି।

**ବଲାଙ୍ଗୀର, ୧୦।୮ (ବୀରେନ୍ଦ୍ର କୁମାର ଝାଙ୍କର)** ବଲାଙ୍ଗୀର ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୧୩ ରେ ଜାତୀୟ ସହରାଞ୍ଚଳ ଜୀବିକା ମିଶନ ଯୋଜନାରେ ବାସହୀନଙ୍କ ପାଇଁ ନିର୍ମିତ ଆଶ୍ରୟସ୍ଥଳୀ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିଛି। ଏହାକୁ ତୁରନ୍ତ ବ୍ୟବହାରଉପଯୋଗୀ କରିବାକୁ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟା, ସଦସ୍ୟମାନେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି। ଏହି ଆଶ୍ରୟସ୍ଥଳୀର କୋଠରୀଗୁଡିକ ଅପରିଷ୍କାର ହୋଇଛି। ଝରକା, କବାଟ ଭଙ୍ଗାରୁଜି ଗଲାଣି। ଶୋଇବା ପାଇଁ ବ୍ୟବହୃତ ଗଦି, ତକିଆ, ବେଡସିଟ ଆଦି ଚିରାଫଟା ଅବସ୍ଥାରେ ଏଣେତେଣେ ପଡିଛି। ଆଶ୍ରୟସ୍ଥଳୀରେ ପୁରୁଷ, ମହିଳାଙ୍କ ବ୍ୟବହାର ନିମନ୍ତେ ଥିବା ଭିନ୍ନ ଭିନ୍ନ ଶୌଚାଳୟ ଅପରିଷ୍କାର ହୋଇ ପଡିରହିଛି। ଜଳ ଯୋଗାଣ ବିଚ୍ଛିନ୍ନ ହୋଇଯାଇ ଥିବାରୁ ଆଶ୍ରୟସ୍ଥଳୀର କୌଣସି ନଳରେ ପାଣି ଆସୁ ନାହିଁ। ମଣିଷଙ୍କ ଆଶ୍ରୟ ପାଇଁ ନିର୍ମିତ ଆଶ୍ରୟସ୍ଥଳୀର ବାରଣ୍ଡାରେ ଗୋରୁ, କୁକୁରମାନେ ଆଶ୍ରୟ ନେଉଛନ୍ତି। ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ ଓ ପରିଚାଳନା ଦାୟିତ୍ୱ ବର୍ତ୍ତମାନ କାହାର ଅଧିନରେ ରହିଛି ଜଣାପଡୁନାହିଁ। ଏଠାକାର ଛାତ ଉପରେ ନିଶାଖୋରଙ୍କ ଆଡ୍ଡା ଜମୁଛି। ଆଶ୍ରୟସ୍ଥଳୀରୁ ବାହାରିବା ମାତ୍ରେ ମୁଖ୍ୟରାସ୍ତା କଡରେ ବିପଦ ସଙ୍କୁଳ ଅବସ୍ଥାରେ ଗୋଟିଏ ମୁକୁଳା ଟ୍ରାନ୍ସଫର୍ମର ରହିଛି। ଫଳରେ ସବୁବେଳେ ଅଘଟଣ ଭୟ ରହୁଛି। ଏଠାରେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ଦୁଇଜଣ ମହିଳା ରହିଥିବା ସେମାନେ ଜଣାଇଛନ୍ତି। ଯଥାଶୀଘ୍ର ଉକ୍ତ ଆଶ୍ରୟସ୍ଥଳୀର ଆବଶ୍ୟକ ମରାମତି କରାଯାଇ ଏହାର ସୁପରିଚାଳନା ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି। ସ୍ୱେଚ୍ଛାସେବୀ ସଙ୍ଗଠନର ଗୋବିନ୍ଦ ଚନ୍ଦ୍ର ଶତପଥୀ, ସନ୍ତୋଷ ପଟ୍ଟନାୟକ, ଏମ୍. ଡି. ବବଲୁ, ଅଜୟ ନାଗ, ଦେବରାଜ ନାଗ, ବିରେନ୍ଦ୍ର ପାଣ୍ଡେ, ପ୍ରଦୀପ କୁଏଡ, ସୁମିତ ମିଶ୍ର, ଶ୍ୱେତା ସାହୁ, ଅନିତା ମିଶ୍ର, ଚିନ୍ମୟୀ ବୀର ପୌରାଧକ୍ଷା ଲିକା ସାହୁ ଓ ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ରଙ୍କୁ ଭେଟି ଦାବିପତ୍ର ଦେଇଥିବା ଜଣାଇଛନ୍ତି।

# ସୁକ୍‌ତେଲ ବୁଡ଼ି ଅଞ୍ଚଳବାସୀଙ୍କୁ ଭେଟିଲେ ଆକ୍ସନ କମିଟି ପ୍ରତିନିଧି

